
ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ମଙ୍ଗଳବାର ୧୧ ନଭେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 11 November 2025
Vol.No. 36 ■ No.296 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ସାଗରିକା ପୂଜା ସଂଖ୍ୟା
ସାଗରିକା
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


# ଲାଲକିଲ୍ଲା ନିକଟରେ ବଡ଼ ବିସ୍ଫୋରଣ: ୧୩ ମୃତ

- ■ଦିଲ୍ଲୀ-ମୁମ୍ବାଇରେ ହାଇଆଲର୍ଟ ଜାରି
- ■ଶାହଙ୍କ ସହ କଥା ହେଲେ ପ୍ରଧାନମନ୍ତ୍ରୀ
- ■ଶ୍ରୀକ୍ଷେତ୍ର ସହିତ ସାରା ରାଜ୍ୟରେ ହାଇଆଲର୍ଟ
- ■ଲାଲକିଲ୍ଲା ବିସ୍ଫୋରଣରେ ଆତଙ୍କବାଦୀ ଲିଙ୍କ୍



ନୂଆଦିଲ୍ଲୀ,୧୦/୧୧ : ଦେଶର ରାଜଧାନୀ ଦିଲ୍ଲୀରେ ବଡ଼ ବିସ୍ଫୋରଣ। ଐତିହାସିକ ରେଡ ଫୋର୍ଟ ବା ଲାଲକିଲ୍ଲା ନିକଟରେ ହୋଇଛି କାର ବିସ୍ଫୋରଣ। ଏଥିରେ ୮ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୮ରୁ ଅଧିକ ଗାଡ଼ି କ୍ଷତିଗ୍ରସ୍ତ ହୋଇଛି। ଏକାଧିକ ଗାଡ଼ି ଜଳି ଯିବାରୁ ସବୁ ଆଡ଼େ ଆତଙ୍କ ଦେଖାଯାଇଛି। ଲାଲକିଲ୍ଲା ଗୋଟିଏ ବଡ଼ ସୁରକ୍ଷା ଜୋନ ଅଞ୍ଚଳରେ ରହିଥିବା ବେଳେ ସେଥିରେ ବିସ୍ଫୋରଣ ପୂରା ସହରରେ ଆତଙ୍କ ଖେଳାଇ ଦେଇଛି। ପୂରା ଦିଲ୍ଲୀରେ ହାଇ ଆଲର୍ଟ ଜାରି କରାଯାଇଛି। ମୁମ୍ବାଇ ଓ ହାଇଦ୍ରାବାଦରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଦିଲ୍ଲୀର ବିଭିନ୍ନ ସ୍ଥାନରେ ନାକାବନ୍ଦୀ କରି ପୁଲିସ୍ ଚେକିଂ ଆରମ୍ଭ କରିଛି। କେଉଁ ପରିସ୍ଥିତିରେ ବିସ୍ଫୋରଣ ହେଲା, ତା'ର ଯାଞ୍ଚ ଆରମ୍ଭ ହୋଇଛି। ଘଟଣା ସ୍ଥଳରେ ଫରେନ୍ସିକ ଟିମ, ଏନଏସଜି କମାଣ୍ଡୋ ଓ ଏନଆଇଏ ଅଧିକାରୀମାନେ ପହଞ୍ଚିଛନ୍ତି। ବିସ୍ଫୋରଣର ପ୍ରକୋପ ଏତେ ଭୟଙ୍କର ଥିଲେ ଯେ ଷ୍ଟ୍ରିଟ ଲାଇଟ ମଧ୍ୟ ଦୋହଲି ଯାଇଥିବା ପ୍ରତ୍ୟେକ୍ଷଦର୍ଶୀମାନେ କହିଛନ୍ତି। ମିଳିଥିବା ସୂଚନା ଅନୁସାରେ, ଦିଲ୍ଲୀର ଲାଲକିଲ୍ଲା ମେଟ୍ରୋ ଷ୍ଟେସନର ଗେଟ ନମ୍ବର ୧ ପାଖରେ ଗୋଟିଏ ମାରୁତି ଇକୋ ଭ୍ୟାନ ପହଞ୍ଚିଥିଲା। ଏହାପରେ ଭ୍ୟାନ୍‌ରେ ହଠାତ୍ ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣ ପୂରା ଅଞ୍ଚଳକୁ ଦୋହଲାଇ ଦେଇଥିବା ବେଳେ ଏକାଧିକ କାର ହୁତୁହୁତୁ ହୋଇ ଜଳି ଯାଇଛି। ବିସ୍ଫୋରଣ ହୋଇଥିବା କାର ସମେତ ଆଖପାଖ ଅଞ୍ଚଳରେ ଥିବା ଆଉ ୮ଟି କାର ମଧ୍ୟ ବିସ୍ଫୋରଣରେ କ୍ଷତିଗ୍ରସ୍ତ ହୋଇଛି। ଏଥିରେ ବର୍ତ୍ତମାନ ସୁଦ୍ଧା ୮ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୪ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। କଳା ଧୂଆଁ ପୂରା ଅଞ୍ଚଳରେ ବ୍ୟାପି ଯାଇଥିବା ବେଳେ ଦିଲ୍ଲୀ ପୁଲିସ୍ ଓ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚିଛନ୍ତି। ନିଆଁ ଲିଭା କାର୍ଯ୍ୟରେ ୨୦ ଦମକଳ ବାହିନୀ ନିୟୋଜିତ ହୋଇଥିବା ଜଣାପଡ଼ିଛି। ପୁଲିସ୍ ପୂରା ଅଞ୍ଚଳକୁ କର୍ଡନ କରିଛି। ଲୋକଙ୍କୁ ଘଟଣାସ୍ଥଳରୁ ଦୂରେଇ ରହିବାକୁ କୁହାଯାଇଛି। ଫରେନ୍ସିକ ଟିମ ଘଟଣା ସ୍ଥଳକୁ ଆସିଥିବା ବେଳେ ବିସ୍ଫୋରଣ ପଛରେ କିଛି ଷଡ଼ଯନ୍ତ୍ର ରହିଛି କି ନାହିଁ, ତା'କୁ ଅନୁଧ୍ୟାନ କରାଯାଉଛି। ଦିଲ୍ଲୀ ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଛି ଯେ ସେମାନେ ସନ୍ଧ୍ୟା ୬.୫୫ରେ ବିସ୍ଫୋରଣ ସମ୍ପର୍କରେ ଖବର ପାଇଥିଲେ। ଏହାପରେ ୭ଟି ଅଗ୍ନିଶମ ଗାଡ଼ି ଓ ୧୫ ସିଏଟି ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହାପରେ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଛି। ଏହି ଘଟଣା ପୂର୍ବରୁ ରବିବାର ଓ ଆଜି ମିଳିତ ଭାବେ ଦିଲ୍ଲୀ ଠାରୁ ୪୫ କିମି ଦୂର ଫରିଦାବାଦରୁ ୨୯୦୦ କେଜିର ବିସ୍ଫୋରକ ଜବତ ହୋଇଥିଲା। ଏତେ ପରିମାଣର ବିସ୍ଫୋରଣ ଜବତ କରି ଆତଙ୍କୀଙ୍କ ସବୁ ଯୋଜନା ପଣ୍ଡ କରିଥିଲେ ସୁରକ୍ଷାକର୍ମୀ। ଏହାକୁ ନେଇ ହଇଚଇ ସୃଷ୍ଟି ହୋଇଥିବା ବେଳେ ସନ୍ଧ୍ୟାରେ ବିସ୍ଫୋରଣ ଖବର ସାମ୍ନାକୁ ଆସିଛି।

## ନୂଆପଡ଼ା ଜିଲ୍ଲାପାଳଙ୍କ ବିରୋଧରେ ବିଜେଡିର ଅଭିଯୋଗ ଭିତ୍ତିହୀନ: ମୁଖ୍ୟ ନିର୍ବାଚନ ଅଧିକାରୀ

ଭୁବନେଶ୍ୱର, ୧୦/୧୧ (ନି।ପ୍ର): ବିଜେଡି (ବିଜୁ ଜନତା ଦଳ)ର ଇଭିଏମ ସମ୍ପର୍କିତ ଅଭିଯୋଗକୁ ମୁଖ୍ୟ ନିର୍ବାଚନ ଅଧିକାରୀ ଆରଏସ୍ ଗୋପାଳନ ଖଣ୍ଡନ କରିଛନ୍ତି। ଆଜି ସାମ୍ବାଦିକ ସମ୍ମିଳନୀ କରି ସେ ଏହାର ଜବାବ ରଖି କହିଛନ୍ତି, ଗତକାଲି ଏକ ଗଣମାଧ୍ୟମରେ ଖବର ପ୍ରସାରଣ ହୋଇଥିଲା କି ଗଞ୍ଜାମ ଜିଲ୍ଲାରୁ ଏକ ଟ୍ରକ ଭର୍ତ୍ତି ଇଭିଏମ ଆସିଛି। ଆଉ ତାକୁ ଲୁଚାଇ ନୂଆପଡ଼ା ଜିଲ୍ଲାପାଳ ରଖିଛନ୍ତି ଭୋଟ ସରିବା ପରେ କାଢିବେ। କିନ୍ତୁ ଏଥିରେ କୌଣସି ସତ୍ୟତା ନାହିଁ, ତାହା କେବେ ବି ସମ୍ଭବ ନୁହେଁ। କାହିଁକି ନା ୩୦ଜିଲ୍ଲାରେ ଆମର ଇଭିଏମ ପାଇଁ ଷ୍ଟ୍ରଙ୍ଗ ରୁମ୍ ରହିଛି। ପୁଲିସ ସୁରକ୍ଷାରେ ରହିଛି । ଗଞ୍ଜାମ ଜିଲ୍ଲାରେ ଦୁଇଟି ରହିଛି। ଆସନ୍ତାକାଲି ନୂଆପଡ଼ା ଉପ ନିର୍ବାଚନ ହେବାକୁ ଯାଉଛି। ସାମ୍ନାକୁ ଆସିଥିବା ଗୁରୁତ୍ୱପୂର୍ଣ୍ଣ ଅଭିଯୋଗକୁ ଖଣ୍ଡନ କରିଛନ୍ତି ମୁଖ୍ୟ ନିର୍ବାଚନ ଅଧିକାରୀ ଆରଏସ୍ ଗୋପାଳନ। ସେ କହିଛନ୍ତି ଯେ ନୂଆପଡ଼ା ଉପ ନିର୍ବାଚନରେ କୌଣସି ଜିଲ୍ଲାର ଋଠଗ ବ୍ୟବହାର ହେବାର ନାହିଁ, କୌଣସି ଜିଲ୍ଲାରୁ ଆସିନାହିଁ। ମୁଁ ନିଜେ କାଲି ଗଞ୍ଜାମର ଷ୍ଟ୍ରଙ୍ଗ ରୁମକୁ ଅନୁଧ୍ୟାନ କରିଛି। ଇଭିଏମ ବିରୋଧରେ ଯେତିକି ଅଭିଯୋଗ ଆସିଛି ତାହା କେବେ ବି ପ୍ରମାଣିତ ହୋଇନାହିଁ। ନୂଆପଡ଼ା ଜିଲ୍ଲାପାଳଙ୍କ ବିରୋଧରେ ଯେଉଁ ଅଭିଯୋଗ ଆସିଛି, ତାହା ଭିତ୍ତିହୀନ। ନୂଆପଡ଼ା ଓ ଓଡ଼ିଶାବାସୀମାନଙ୍କୁ ମୋର ଅନୁରୋଧ ଏମିତି ମିଥ୍ୟାକୁ ବିଶ୍ୱାସ କରନ୍ତୁ ନାହିଁ। ଗତକାଲି ସନ୍ଧ୍ୟା ସୁଦ୍ଧା ନୂଆପଡ଼ାକୁ କୌଣସି ଇଭିଏମ ଆସିନାହିଁ । ବିଜୁ ଜନତା ଦଳ ପକ୍ଷରୁ ଏମିତି ଏକ ଅଭିଯୋଗ କରାଯାଇଥିଲା । ମୁଁ ସେହି ଦଳକୁ ତଥ୍ୟ ଦେବାକୁ କହିଛି କିନ୍ତୁ ବର୍ତ୍ତମାନ ସୁଦ୍ଧା ତଥ୍ୟ ପ୍ରମାଣ ପ୍ରଦାନ କରିନାହାନ୍ତି। ପଇସା ବଣ୍ଟନର ଭିଡିଓକୁ ମୁଁ ନିଜେ ଅନୁଧ୍ୟାନ କରିଛି ତାହା ଜିଲ୍ଲା ବାହାରର ବାହାରୁଛି ଆଉ କିଛି ୯ ତାରିଖ ପୂର୍ବର ଭିଡିଓ ବୋଲି ଜଣା ପଡିଛି ।

## ନଭେମ୍ବର ୨୭ରୁ ବିଧାନସଭା ଶୀତ ଅଧିବେଶନ

### ବିଧାନସଭାକୁ ସମ୍ବୋଧିତ କରିପାରନ୍ତି ରାଷ୍ଟ୍ରପତି



ଭୁବନେଶ୍ୱର, ୧୦/୧୧ (ନି.ପ୍ର): ନଭେମ୍ବର ୨୭ରୁ ଆରମ୍ଭ ହୋଇପାରେ ବିଧାନସଭାର ଶୀତ ଅଧିବେଶନ। ଏନେଇ କନକ ନ୍ୟୁଜକୁ ବିଶେଷ ସୂତ୍ରରୁ ସୂଚନା ମିଳିଛି । ତେବେ ବିଧାନସଭାର ଶୀତ ଅଧିବେଶନରେ ମୋହନ ସରକାର ଅତିରିକ୍ତ ବଜେଟ୍ ଉପସ୍ଥାପନ କରିବେ । ତେବେ ନୂଆପଡ଼ା ଉପ ନିର୍ବାଚନ ପରେ ବିଧାନସଭାର ଶୀତ ଅଧିବେଶନ ବସିବ ବୋଲି ସୂଚନା ମିଳିଛି । ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏଥର ବିଧାନସଭାର ଶୀତ ଅଧିବେଶନକୁ ସମ୍ବୋଧିତ କରିପାରନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓଡ଼ିଶା ଗସ୍ତରେ ଆସିବାର ଅଛି, ଆଉ ଏହି ଗସ୍ତରେ ରାଷ୍ଟ୍ରପତି ରାଜ୍ୟ ବିଧାନସଭାକୁ ସମ୍ବୋଧିତ କରିପାରନ୍ତି । ତେବେ ଏନେଇ କୌଣସି ପ୍ରକାର ବିଧିବଦ୍ଧ ଘୋଷଣା କରାଯାଇନି । ତେବେ ଯଦି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଜ୍ୟ ବିଧାନସଭାକୁ ସମ୍ବୋଧିତ କରନ୍ତି ତେବେ ଏହା ରାଜ୍ୟର ବିଧାନସଭା ଇତିହାସରେ ଉଦାହରଣ ସୃଷ୍ଟି କରିବ । ତେବେ ନଭେମ୍ବର ୨୭ ତାରିଖରୁ ବିଧାନସଭାର ଶୀତ ଅଧିବେସନ ଆରମ୍ଭ ହେଲେ, ଶୀତ ଅଧିବେଶନ ସରଗରମ ହେବ ବୋଲି ଅନୁମାନ କରାଯାଉଛି । ବିଭିନ୍ନ ପ୍ରସଙ୍ଗରେ ବିରୋଧୀମାନେ ସରକାରକୁ ଘେରିବା ନେଇ ଅନୁମାନ କରାଯାଉଛି ।

## ଭୋଟ୍ ଦେବ ନୂଆପଡ଼ା: ଆଜି ନେତା ବାଛିବେ ଜନତା



ଭୁବନେଶ୍ୱର, ୧୦/୧୧ (ନି.ପ୍ର): ୨୦୨୪ ନିର୍ବାଚନ ପରେ ହେବାକୁ ଯାଉଛି ରାଜ୍ୟର ପ୍ରଥମ ଉପନିର୍ବାଚନ । ଆସନ୍ତାକାଲି ନୂଆପଡ଼ାର ପ୍ରାୟ ଅଢ଼େଇ ଲକ୍ଷ ଭୋଟର ବାଛିବେ ସେମାନଙ୍କ ନେତା । ଏଥିପାଇଁ ଆଜି ବୁଥକୁ ଯାଇଛନ୍ତି ପୁଲିଂ ପାର୍ଟି । ସୀମାବର୍ତ୍ତି ଜିଲ୍ଲା ହୋଇଥିବାରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ରାତି ପାହିଲେ ନୂଆପଡ଼ାବାସୀ ସେମାନଙ୍କ ନେତା ବାଛିବେ । ଭୋଟ ଦେବେ ନୂଆପଡ଼ା ନିର୍ବାଚନମଣ୍ଡଳୀର ୨ଲକ୍ଷ ୫୩ ହଜାର ୬୨୪ ଭୋଟର । ୩୫୮ ବୁଥରେ ହେବ ଭୋଟ୍ ଗ୍ରହଣ । ୩୧୧ ବୁଥରେ ସକାଳ ୭ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଭୋଟ୍ ଗ୍ରହଣ ହେବ । ଅବଶିଷ୍ଟ ୪୭ ଅତି ସମ୍ବେଦନଶୀଳ ବୁଥ୍‌ରେ ସକାଳ ୭ରୁ ଭୋଟ୍ ଗ୍ରହଣ ଆରମ୍ଭ ହୋଇ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଚାଲିବ । ସୁରକ୍ଷାକୁ ଆଖି ଆଗରେ ରଖି ଏହି ପଦକ୍ଷେପ ଗ୍ରହଣ କରିଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ବନ୍ଦୋବସ୍ତ କରାଯାଇଛି । ଏଥିସହ ନିର୍ବାଚନକୁ ମୁକ୍ତ, ଅବାଧ ଓ ନିରପେକ୍ଷ କରିବା ପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ଛକ ଛକରେ ଚାଲିଛି ଯାଞ୍ଚ । ଭୋଟ ଗ୍ରହଣ ପାଇଁ ଚୂଡାନ୍ତ ହୋଇଛି ପ୍ରସ୍ତୁତି । ମତଦାନ ପାଇଁ ଇଭିଏମ ଓ ଅନ୍ୟାନ୍ୟ ସାମଗ୍ରୀ ଧରି ବୁଥକୁ ଯାଇଛନ୍ତି ପୁଲିଂ ପାର୍ଟି ।

▶▶ପୃଷ୍ଠା ୭

## ଯାତାୟତ ପାଇଁ ଖୋଲିଲା ଜମ୍ମୁ-କଶ୍ମୀର ଜାତୀୟ ରାଜପଥ

ନୂଆଦିଲ୍ଲୀ,୧୦/୧୧ : ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥ ଯାତାୟାତ ପାଇଁ ଖୋଲା ରହିଛି। ଆଜି ଛୋଟ ଓ ବଡ଼ ଦୁଇପ୍ରକାରର ଯାନବାହନକୁ ରାଜପଥର ଦୁଇଦିଗରୁ ଯିବାକୁ ଅନୁମତି ଦିଆଯାଇଛି। ସୂଚନା ଅନୁସାରେ, ଆଜି ଛୋଟ ଓ ବଡ଼ ଦୁଇ ପ୍ରକାରର ଯାନବାହନକୁ ଶ୍ରୀନଗରରୁ ଜମ୍ମୁ ଏବଂ ଜମ୍ମୁରୁ ଶ୍ରୀନଗର – ଦୁଇ ଦିଗରୁ ଛଡାଯାଉଛି। ଅଧିକାରୀମାନଙ୍କ ଅନୁସାରେ, କଟଅଫ୍ ସମୟ ପରେ କୌଣସି ଯାନବାହନକୁ ଯାତାୟାତ କରିବାକୁ ଅନୁମତି ଦିଆଯିବ ନାହିଁ।

## ୨୦୨୭ ଜନଗଣନା ପାଇଁ ଆଜିଠୁ ପରୀକ୍ଷାମୂଳକ ଭାବେ ଆରମ୍ଭ ହେବ ଡିଜିଟାଲ ଜନଗଣନା

ଭୁବନେଶ୍ୱର, ୧୦/୧୧ (ନି.ପ୍ର): ୨୦୨୭ ଜନଗଣନା ପାଇଁ ଆଜିଠୁ ପରୀକ୍ଷାମୂଳକ ଭାବେ ଆରମ୍ଭ ହେବ ଡିଜିଟାଲ ଜନଗଣନା । ରାଜଧାନୀ ଭୁବନେଶ୍ୱର ସମେତ କଟକ, ମୟୁରଭଞ୍ଜ ଏବଂ ନବରଙ୍ଗପୁରରେ ୩୦ ତାରିଖ ଯାଏ ଚାଲିବ ଗଣନା । ଭୁବନେଶ୍ୱର ମହାନଗର ନିଗମର ୨୨ ନମ୍ବର ୱାର୍ଡ, କଟକର ୧୭ ନମ୍ବର ୱାର୍ଡ, ନବରଙ୍ଗପୁରର ତେନ୍ତୁଳିଖୁଣ୍ଟି ଏବଂ ମୟୂରଭଞ୍ଜର ଠାକୁର ମୁଣ୍ଡାରେ ହେବ ପ୍ରାକ୍ ଡିଜିଟାଲ ଜନଗଣନା । ସର୍ବଭାରତୀୟ ସ୍ତରରେ ୩୪ ଲକ୍ଷ ଶିକ୍ଷକ କରିବେ ଏହି ଡିଜିଟାଲ ଜନଗଣନା । ଡିଜିଟାଲ ପ୍ରକ୍ରିୟାରେ ପେପର ନୁହେଁ ମୋବାଇଲ ଆପରେ ହେବ ଜନ ଗଣନା ।

## ଏସ୍ଆଇ ପରୀକ୍ଷା କେଳେଙ୍କାରୀ ମାମଲା: ମାଷ୍ଟର ମାଇଣ୍ଡ ଶଙ୍କର ପୃଷ୍ଟି ଓ ସୁରେଶ ନାୟକଙ୍କ ହେବ ମିଛଧରା ପରୀକ୍ଷା



କଟକ, ୧୦/୧୧ (ନି.ପ୍ର): ପୁଲିସ ଏସଆଇ କେଳେଙ୍କାରୀ ମାମଲାରେ ଶଙ୍କର ପୃଷ୍ଟି ଓ ସୁରେଶର ନାୟକଙ୍କ ହେବ ପଲିଗ୍ରାଫ ଟେଷ୍ଟ । ପଲିଗ୍ରାଫ ଟେଷ୍ଟ ପାଇଁ ଆବେଦନ କରିଛି କ୍ରାଇମବ୍ରାଞ୍ଚ । ମାମଲାରେ ଆଜି ହିଁ ଶୁଣାଣି ହେବ। ବ୍ରହ୍ମପୁର ଜେଏମ୍‌ଏଫ୍‌ସି କୋର୍ଟରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଆବେଦନ ହୋଇଥିବା ବେଳେ ଆଜି କୋର୍ଟ ଏହାର ଶୁଣାଣି କରିବେ। ଜେରା ବେଳେ ଉଭୟ ଶଙ୍କର ପୃଷ୍ଟି ଓ ସୁରେଶ ନାୟକ ସତ କହୁନଥିବା କ୍ରାଇମବ୍ରାଞ୍ଚ ସନ୍ଦେହ କରୁଛି । ସୂଚନାଯୋଗ୍ୟ, ଓଡ଼ିଶା ପୁଲିସ ଏସ୍ଆଇ କେଳେଙ୍କାରୀ ଘଟଣାର ମାଷ୍ଟରମାଇଣ୍ଡ ତଥା ପଞ୍ଚସଫ୍ଟ ଟେକ୍ନୋଲୋଜିର ମାଲିକ ଗଞ୍ଜାମ ଜିଲ୍ଲାର ଶଙ୍କର ପୃଷ୍ଟି(୩୨)କୁ ଗିରଫ କରାଯାଇଛି ବୋଲି କ୍ରାଇମବ୍ରାଞ୍ଚ ପକ୍ଷରୁ ପ୍ରେସ୍ ରିଲିଜ୍ ଜରିଆରେ ସ୍ପଷ୍ଟ କରାଯାଇଥିଲା। ତାଠାରୁ ଅନେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରାଯାଇଛି। ପୁଲିସ୍ ତାର ଫର୍ଚୁନର୍ କାର୍ (ଓଡି୦୭ ଏୟୁ ୯୭୭) ଓ ଦୁଇଟି ମୋବାଇଲ୍ ଜବତ କରିଛି। ଏହାଛଡ଼ା ତାର ପାସପୋର୍ଟ ବି ଜବତ କରାଯାଇଛି। ବାରମ୍ବାର ନିଜର ଲୋକେସନ୍ ବଦଳାଉଥିଲା ଶଙ୍କର ପୃଷ୍ଟି। ଡିଏସ୍‌ପି ଅନିଲା ଆନନ୍ଦଙ୍କ ନେତୃତ୍ୱରେ ସିନେମା ଶୈଳୀରେ ଶଙ୍କର ପୃଷ୍ଟିକୁ ଧରାଯାଇଥିଲା। ଗାଜିଆବାଦରେ ଥିବା ଶଙ୍କରର ଘରେ କ୍ରାଇମବ୍ରାଞ୍ଚ ଟିମ୍ ପୂର୍ବରୁ ଚଢ଼ଉ କରିଥିବା ବେଳେ ସେ ସେଠାରୁ ନେପାଳ ଫେରାର ହୋଇ ଯାଇଥିଲା। ଗାଜିଆବାଦ ଘରେ ସ୍ତ୍ରୀ ଓ ପିଲାଙ୍କୁ ରଖିଥିଲା ଶଙ୍କର।

▶▶ପୃଷ୍ଠା ୭

## ଯୋଗୀଙ୍କ ଘୋଷଣା: ୟୁପି ସ୍କୁଲରେ ବନ୍ଦେ ମାତରମ୍ ବାଧ୍ୟତାମୂଳକ ହେବ

ଲକ୍ଷ୍ନୌ/ଗୋରଖପୁର, ୧୦/୧୧ : ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସୋମବାର ଗୋରଖପୁରରେ ଏକତା ପଦଯାତ୍ରା ସମୟରେ ରାଜ୍ୟର ସମସ୍ତ ସ୍କୁଲ ପାଇଁ ଏକ ବଡ଼ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଉତ୍ତର ପ୍ରଦେଶର ସମସ୍ତ ସ୍କୁଲରେ 'ବନ୍ଦେ ମାତରମ୍' ନିୟମିତ ଏବଂ ବାଧ୍ୟତାମୂଳକ ଗାନ ସୁନିଶ୍ଚିତ କରାଯିବ। ଯୋଗୀ କହିଛନ୍ତି ଯେ ଜାତିଠାରୁ ବଡ ଗୁରୁତ୍ୱପୂର୍ଣ୍ଣ ଆଉ କିଛି ନୁହେଁ, ଏବଂ 'ବନ୍ଦେ ମାତରମ୍' ଆମର ସାଂସ୍କୃତିକ ପରିଚୟ ଏବଂ ଜାତୀୟ ଭାବନାର ପ୍ରତୀକ। ବନ୍ଦେ ମାତରମ୍‌କୁ ବିରୋଧ କରିବାର କୌଣସି ଅର୍ଥ ନାହିଁ। ରାଷ୍ଟ୍ରଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଆଉ କିଛି ନୁହେଁ। କିଛି ଲୋକଙ୍କ ପାଇଁ, ଧର୍ମ ଏବଂ ସମ୍ପ୍ରଦାୟ ସର୍ବୋପରି। ସେ ମନେ ପକାଇ ଦେଇଥିଲେ ଯେ 'ବନ୍ଦେ ମାତରମ୍' ୧୫୦ ବର୍ଷ ପୂରଣ କରିଛି, ଏବଂ ଏହାକୁ ପରିବର୍ତ୍ତନ କରିବାର ଯେକୌଣସି ପ୍ରୟାସ ସଫଳ ହେବ ନାହିଁ। ମୁଖ୍ୟମନ୍ତ୍ରୀ ରାଣୀ ଲକ୍ଷ୍ମୀବାଇ ପାର୍କରେ ଆୟୋଜିତ ସମାବେଶକୁ ସମ୍ବୋଧିତ କରି କହିଛନ୍ତି ଯେ ଜାତି ଏବଂ ଭାଷା ନାମରେ ଲୋକଙ୍କୁ ବିଭାଜିତ କରିବାକୁ ଚେଷ୍ଟା କରାଯାଉଛି। ନୂତନ ଜିନ୍ନା ସୃଷ୍ଟି କରିବାକୁ ଚେଷ୍ଟା କରାଯାଉଛି। ଭାରତରେ ଏବେ କୌଣସି ଜିନ୍ନା ଜନ୍ମ ହେବେ ନାହିଁ। ଯଦି ଜିନ୍ନା ଜନ୍ମ ହୁଅନ୍ତି, ତେବେ ତାଙ୍କୁ କବର ଦେବାକୁ ପଡିବ। ମୁଖ୍ୟମନ୍ତ୍ରୀ କହିଛନ୍ତି, 'ମୁଁ ସର୍ଦ୍ଦାର ପଟେଲଙ୍କୁ ମୋର ଶ୍ରଦ୍ଧାଞ୍ଜଳି ଜଣାଉଛି। ବିଶ୍ୱର ସବୁଠାରୁ ଉଚ୍ଚ ସର୍ଦ୍ଦାର ପଟେଲଙ୍କ ପ୍ରତିମୂର୍ତ୍ତି । ଏହା ଭାରତର ଏକତାର ପ୍ରତିମୂର୍ତ୍ତି, ଯାହା ସମଗ୍ର ଭାରତକୁ 'ଲୌହ ପୁରୁଷ' ଭାବରେ ମାର୍ଗଦର୍ଶନ କରୁଛି।'

## ଟ୍ରମ୍ପଙ୍କ ବଡ଼ ପ୍ରତିଶ୍ରୁତି: ଟାରିଫରୁ ପ୍ରତି ଆମେରିକୀୟଙ୍କୁ ମିଳିବ ୨ ହଜାର ଡଲାର



ନୂଆଦିଲ୍ଲୀ,୧୦/୧୧ : ପୁଣି ଥରେ ଟାରିଫର ଲାଭ ବଖାଣିଲେ ଡୋନାଲ୍ଡ ଟ୍ରମ୍ପ । ସୋସିଆଲ ମିଡିଆ ପୋଷ୍ଟରେ ସେ କହିଛନ୍ତି ଯେ ତାଙ୍କ ନେତୃତ୍ୱରେ ଆମେରିକା କ୍ରମାଗତ ଭାବେ ଆଗକୁ ବଢ଼ୁଛି ଏବଂ ଟାରିଫର ସମାଲୋଚନା କରୁଥିବା ଲୋକଙ୍କୁ 'ମୂର୍ଖ' ବୋଲି କହିଛନ୍ତି । ଏହା ସହିତ ସେ ଟାରିଫ ରାଜସ୍ୱରୁ ପ୍ରାୟ ପ୍ରତ୍ୟେକ ଆମେରିକୀୟଙ୍କୁ ୨୦୦୦ ଡଲାର ଲାଭାଂଶ ଭାବରେ ଦେବାକୁ ପ୍ରତିଶ୍ରୁତି ମଧ ଦେଇଛନ୍ତି । ନିଜ ଟାରିଫରେ ବିଶ୍ୱକୁ ଭୟଭୀତ କରୁଥିବା ଡୋନାଲ୍ଡ ଟ୍ରମ୍ପ, ଆମେରିକାକୁ ଦେଉଥିବା ଲାଭକୁ ନେଇ କ୍ରମାଗତ ଭାବେ କହିଆସୁଛନ୍ତି । ଟ୍ରୁଥ ସୋସିଆଲ ପ୍ଲାଟଫର୍ମରେ ଏକ ନୂଆ ପୋଷ୍ଟରେ ସେ ନିଜ ବାଣିଜ୍ୟ ନୀତିର ପ୍ରଚାର କରିଛନ୍ତି ଏବଂ ଦାବି କରିଛନ୍ତି ଯେ ତାଙ୍କ ନେତୃତ୍ୱରେ ଆମେରିକା ବିଶ୍ୱର ସବୁଠାରୁ ଧନୀ ଓ ସବୁଠାରୁ ସମ୍ମାନିତ ଦେଶ, ଯେଉଁଥିରେ ରେକର୍ଡ ଷ୍ଟକ୍ ମୂଲ୍ୟ, ଉଚ୍ଚ ୪୦୧(କ) ବାଲାନ୍ସ ଏବଂ କାରଖାନାଗୁଡ଼ିକରେ ମଧ ବୃଦ୍ଧି ଘଟୁଛି । ଡୋନାଲ୍ଡ ଟ୍ରମ୍ପ ଆମେରିକାର ଆର୍ଥିକ ସୁଦୃଢତାର ମୁଖ୍ୟ କାରକ ଭାବରେ ଟାରିଫକୁ ବ୍ୟବହାର କରି ଏହାକୁ ସମର୍ଥନ କରିଛନ୍ତି । ଏହା ସହିତ ସେ ଏହା ବିରୁଦ୍ଧରେ ଥିବା ଲୋକମାନଙ୍କୁ ଏବଂ ଟାରିଫର ସମାଲୋଚନା କରୁଥିବା ଲୋକଙ୍କ ଉପରେ ମଧ ନିଶାନା କରିଛନ୍ତି । ସେ ନିଜ ପୋଷ୍ଟରେ ଲେଖିଛନ୍ତି, 'ଯେଉଁମାନେ ଟାରିଫ ବିରୁଦ୍ଧରେ ଅଛନ୍ତି, ସେମାନେ ମୂର୍ଖ !' ଆମେରିକୀୟ ରାଷ୍ଟ୍ରପତି ଯୁକ୍ତି କରିଛନ୍ତି ଯେ ଟାରିଫ ନିବେଶ ଓ ରୋଜଗାର ସୁଯୋଗକୁ ପ୍ରୋତ୍ସାହିତ କରିଛି । ଟାରିଫର ସମାଲୋଚକମାନଙ୍କୁ ମୂର୍ଖ କହି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜ ଟ୍ରୁଥ ସୋସିଆଲ ପୋଷ୍ଟରେ ଏକ ବଡ଼ ପ୍ରତିଶ୍ରୁତି ଦେଇ କହିଛନ୍ତି ଯେ ୟୁଏସ ଟାରିଫ ରେଭିନ୍ୟୁରୁ ପ୍ରାୟ ସମସ୍ତ ଆମେରିକୀୟଙ୍କୁ ଟାରିଫ ଲାଭାଂଶ ଭାବରେ ୨,୦୦୦ ଡଲାର ପ୍ରଦାନ କରାଯିବ । ତେବେ ସେ ଏହା ସ୍ପଷ୍ଟ କରିନାହାଁନ୍ତି ଯେ ଏହି ପେମେଣ୍ଟ କିପରି ଓ କେବେ ହେବ। ଟ୍ରମ୍ପ ନିଜ ପୋଷ୍ଟରେ ଆହୁରି ଲେଖିଛନ୍ତି ଯେ, 'ଟାରିଫରୁ ଆସୁଥିବା ରାଜସ୍ୱରୁ ଆମେରିକାକୁ ଖରବ ଡଲାରର ଆୟ ହେଉଛି ଏବଂ ଏହାକୁ ଆମେରିକା ଉପରେ ଥିବା ଜାତୀୟ ଋଣ ପରିଶୋଧ କରିବା ଆରମ୍ଭ କରିବା ପାଇଁ ମଧ ବ୍ୟବହାର କରାଯାଇପାରିବ, ଯାହା ବର୍ତ୍ତମାନ ୩୭ ଟ୍ରିଲିୟନ ଡଲାର ହୋଇଛି।' ଟାରିଫକୁ ନେଇ ଟ୍ରମ୍ପଙ୍କ ଏହି ନୂଆ ଦାବି ଏପରି ଏକ ସମୟରେ ଆସିଛି,

▶▶ପୃଷ୍ଠା ୭

# ବଲାଙ୍ଗିରଠାରେ ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ-୨୦୨୫ ପାଳନ

ବଲାଙ୍ଗିର,୧୦/୧୧ (ନି.ପ୍ର): ବଲାଙ୍ଗିର ଜିଲ୍ଲା କୃଷି ବିଭାଗ ଦ୍ୱାରା ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଙ୍କ କାର୍ଯ୍ୟାଳୟ ଠାରେ "ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ-୨୦୨୫" ପାଳିତ ହୋଇଯାଇଛି । ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀ ଧୀରେନ୍ଦ୍ର ସିଂହ ବରିହାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀମତୀ ଦେବକୀ ସାହୁ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବରେ ମାନନୀୟ ଉପ ମୁଖ୍ୟମନ୍ତ୍ରୀଙ୍କ ନୋମିନି (ମନୋନୀତ) ଶ୍ରୀ ମାଧବ କୁମାର ସା, ଆଞ୍ଚଳିକ କୃଷି ସଂପ୍ରସାରଣ କେନ୍ଦ୍ର ର ଅଧ୍ୟକ୍ଷ ଶ୍ରୀ ସୁଧାକର ନନ୍ଦ, ଉପ ନିର୍ଦ୍ଦେଶକ ଉଦ୍ୟାନ ବିଭାଗ, ଜିଲ୍ଲା କୃଷି ଅଧିକାରୀ ଟିଟିଲାଗଡ ଓ ପାଟଣାଗଡ, ଜିଲ୍ଲା ମତ୍ସ୍ୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ଶ୍ରୀ ଅନ୍ନ ଅଭିଯାନ କାର୍ଯ୍ୟକ୍ରମ ତରଫ ରୁ ପ୍ରତିବର୍ଷ ଏହି ମାଣ୍ଡିଆ ଦିବସ ଜିଲ୍ଲା ସ୍ତରରେ ପାଳିତ ହୋଇଆସୁଛି । ଚଳିତ ବର୍ଷ ମାଣ୍ଡିଆ ଦିବସ ର ମୁଖ୍ୟ ପ୍ରସଙ୍ଗ "କୃଷି ଐତିହ୍ୟ ଓ ଜୈବ ବିବିଧତା ସଂରକ୍ଷଣ ରେ ମହିଳାଙ୍କ ଭୂମିକା" ରଖାଯାଇଛି । ଏହି ଅବସର ରେ ଜିଲ୍ଲାର ଶ୍ରେଷ୍ଠ ମାଣ୍ଡିଆ ଚାଷୀ ଭାବେ ବେଲପଡା ବ୍ଲକ ର ଶ୍ରୀମତୀ କୁନ୍ତଳା ଧରୁଆ ଏବଂ ଲଘୁ ଶସ୍ୟ ଓ ବିଲୁପ୍ତ ପ୍ରାୟ ଅନ୍ୟାନ୍ୟ ଫସଲ ର ଶସ୍ୟ ଓ ଖାଦ୍ୟ ସଂରକ୍ଷଣ ପାଇଁ ମୁରିବାହଲ ବ୍ଲକ ର ଶ୍ରୀମତୀ ଯଶୋଦା ଭୁଏ ଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଶ୍ରେଷ୍ଠ କୃଷକ ଉତ୍ପାଦକ ସଂସ୍ଥା ହିସାବରେ ମୁରିବାହଲ ସ୍ଥିତ ଆଶା ମିଲେଟ କୃଷକ ଉତ୍ପାଦକ ସଂସ୍ଥା, ଶ୍ରେଷ୍ଠ ସହଯୋଗୀ ସଂସ୍ଥା ହିସାବରେ ଓ୍ୱାସିଡ଼ିଏ, ବେଲପଡା, ଶ୍ରେଷ୍ଠ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ହିସାବରେ ମୁରିବାହାଲ ର ରାଧାରାଣୀ ସ୍ୱୟଂ ସହାୟକ ଗୋଷ୍ଠୀ କୁ ପୁରସ୍କୃତ କରାଯାଇଥିଲା । ଏହି ଅବସର ରେ ମିଲେଟ ଜାତୀୟ ଶସ୍ୟର ଉପକାରିତା ବିଷୟରେ ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ ଶ୍ରୀ ଅନ୍ନ ଅଭିଯାନ ଜିଲ୍ଲା ଯୋଜନା ଅଧିକାରୀ ଶ୍ରୀମତୀ ସୁନନ୍ଦା ସାହୁ ପରିଚାଳନା କରିଥିଲେ ଏବଂ ସଭା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଙ୍କ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

# ଗୋବର୍ଦ୍ଧନ ପୀଠରେ ଆଦିତ୍ୟ ବାହିନୀ ଓ ଆନନ୍ଦ ବାହିନୀର କାର୍ଯ୍ୟକାରିଣୀ ବୈଠକ

ପୁରୀ,୧୦/୧୧ (ନି.ପ୍ର): ପୁରୀ ଗୋବର୍ଦ୍ଧନ ମଠ ପରିସରରେ ଦୁଇଦିନ ଧରି ଭାଗବତ ଭବନରେ ପୀଠପରିଷଦ ଅନ୍ତର୍ଗତ, ଆଦିତ୍ୟ ବାହିନୀ ଓ ଆନନ୍ଦ ବାହିନୀର ପ୍ରାଦେଶିକ ସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଦିତ୍ୟ ବାହିନୀ ଓଡ଼ିଶା ପ୍ରାନ୍ତର ସାଧାରଣ ସମ୍ପାଦକ କୁମାର ସତ୍ୟଜିତ ବେଜଙ୍କ ସୂଚନା ଅନୁଯାୟୀ ଓଡିଶା ରାଜ୍ୟର ୨୩ଟି ଜିଲ୍ଲାର କାର୍ଯ୍ୟକର୍ତ୍ତା ଏବଂ ପଦାଧିକାରୀ ସମୂହ କାର୍ଯ୍ୟକାରିଣୀରେ ଯୋଗଦେଇଥିଲେ। ରାଜ୍ୟ ଉପସଭାପତି ରଘୁନାଥ ମହନ୍ତଜୀଙ୍କ ସଂଯୋଜନାରେ ୨ ଦିନିଆ ରାଜ୍ୟ କାର୍ଯ୍ୟକାରିଣୀ ରେ ଅନେକ ଗୁରୁତ୍ୱପୂର୍ଣ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା । ଶନିବାର ସନ୍ଧ୍ୟାରେ ରାଜ୍ୟର କାର୍ଯ୍ୟକର୍ତ୍ତା ମାନଙ୍କୁ ପୁରୀ ଶାଖା ତରଫରୁ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକର୍ତ୍ତା ମାନଙ୍କର ନାମ ପଞ୍ଜିକରଣ ମଧ୍ୟ କରାଯାଇ ପରିଚୟ ହୋଇଥିଲା । ପୂଜ୍ୟ ଜଗଦ୍ ଗୁରୁ ପୁରୀ ପୀଠାଧୀଶ ଶଙ୍କରାଚାର୍ଯ୍ୟ ମହାଭାଗଙ୍କର ନିଜସ୍ୱ ମାନସ ସଂଗଠନର ପ୍ରାଦେଶିକ କାର୍ଯ୍ୟକାରିଣୀ ବର୍ଷରେ ଦୁଇଥର ଅନୁଷ୍ଠିତ ହୋଇଥାଏ। ଏହି କ୍ରମରେ ୨ଦିନିଆ କାର୍ଯ୍ୟକାରିଣୀକୁ ଆନୁଷ୍ଠାନିକ ଭାବରେ ରବିବାର ପୂର୍ବାହ୍ନରେ ଦଣ୍ଡିସ୍ୱାମୀ ବନ ବୈଭବାରଣ୍ୟ ସରସ୍ୱତୀ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶିବିରକୁ ଉଦଘାଟନ କରିଥିଲେ। ସକାଳ ୫ଟା ରୁ ୬ଟା ସମୟରେ ପ୍ରଭାତଫେରୀ ଓ କୀର୍ତ୍ତନ କରାଯାଇ ଦିବସଟିକୁ ଶୁଭାରମ୍ଭ ଆରମ୍ଭ କରାଯାଇଥିଲା। ୬ଘଟିକାରୁ ୮ଘଟିକା ମଠ ପରିସରରେ କରସେବା କାର୍ଯ୍ୟ,୮ଘଟିକାରୁ ୧୦ଘଟିକା ନିତ୍ୟକ୍ରମ ଏବଂ ଜଳପାନ, ୧୦ଘଟିକାରୁ କାର୍ଯ୍ୟକାରିଣୀ ବୈଠକ ଆରମ୍ଭ ହୋଇଥିଲା । ଏଥିରେ ରାଜ୍ୟ ସଭାପତି ପଣ୍ଡିତ ମାତୃ ପ୍ରସାଦ ମିଶ୍ରଙ୍କର ଅଧ୍ୟକ୍ଷତା କରିଥିଲେ । ପ୍ରଦୀପ ପ୍ରଜ୍ୱଳନ ଏବଂ ସଂଗଠନର ପତାକା ଉତୋଳନ ପରେ,ରାଜ୍ୟ ଉପ ସଭାପତି ରଘୁନାଥ ମାହନ୍ତ ସ୍ୱାଗତ ଭାଷଣ ଏବଂ ପଦାଧିକାରୀ ମାନଙ୍କର ପରିଚୟ ପ୍ରଦାନ କରିଥିଲେ । ବ୍ରହ୍ମଚାରୀ କୈଳାସ ଜୀ, ଗୋବର୍ଦ୍ଧନ ପୀଠ ଏବଂ ଗୁରୁ ପରମ୍ପରା ବିଷୟରେ ମାର୍ଗଦର୍ଶନ କରିଥିଲେ ।ରାଜ୍ୟ ଅଧ୍ୟକ୍ଷ ପଣ୍ଡିତ ମାତୃ ପ୍ରସାଦ ମିଶ୍ର କାର୍ଯ୍ୟକର୍ତ୍ତାଙ୍କର ଚୟନ, ପ୍ରଶିକ୍ଷଣ ଏବଂ ନିୟୋଜନ ବିଷୟରେ ଆଲୋଚନା କରିବା ସହିତ କିପରି ଆଗାମୀ ଦିନରେ ଭାରତବର୍ଷ ହିନ୍ଦୁରାଷ୍ଟ୍ରରେ ଘୋଷିତ ହେବ ଏବଂ ଆମ ମାନଙ୍କର କର୍ତ୍ତବ୍ୟ ଓ ଦାୟିତ୍ୱ ସମ୍ବନ୍ଧରେ ଆଲୋଚନା କରିଥିଲେ। ୫ଟି ବିଭାଗକୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ଏବଂ ବିଭିନ୍ନ ବିଭାଗରେ କିପରି ଶାଖା,ସଂଗଠନ ଏବଂ ସଦସ୍ୟତା ଅଭିବୃଦ୍ଧି ହେବ ହେ ବିଷୟରେ ଆଲୋଚନା କରାଯାଇଥିଲା। ଜଗଦ୍ ଗୁରୁ ମହାରାଜାଙ୍କର ମାର୍ଗଦର୍ଶନରେ ଏକ ଘଂଟା ଏବଂ ଏକ ଟଙ୍କା ପ୍ରକଳ୍ପ କିପରି ସମାଜର ସବୁସ୍ତରରେ ସନାତନୀ ହିନ୍ଦୁମାନେ ପାଳନ କରିବେ ସେ ସମ୍ବନ୍ଧରେ ମଧ୍ୟ ରାଜ୍ୟ ଅଧ୍ୟକ୍ଷ ମାର୍ଗଦର୍ଶନ ଦେଇଥିଲେ।

## ମଣ୍ଡି ଖୋଲିବାରେ ବିଳମ୍ବ : କୃଷକ ସଂଗଠନ ପକ୍ଷରୁ ତୀବ୍ର ଅସନ୍ତୋଷ

ସମ୍ବଲପୁର,୧୦/୧୧ (ନି.ପ୍ର): ନଭେମ୍ବର ଦ୍ୱିତୀୟ ସପ୍ତାହରେ ଖରିଫ ଧାନ କ୍ରୟକୁ ନେଇ ରାଜ୍ୟ ସରକାର ଓ ପ୍ରଶାସନ ର ନୀରବତା, ଚାଷୀ ସମୁଦାୟଙ୍କୁ ବ୍ୟସ୍ତ ବିବ୍ରତ କରିଛି ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଂଗଠନ ତରଫରୁ କୁହାଯାଇଛି । ଚଳିତ ଖରିଫରେ ମୌସୁମୀ ଅନ୍ୟ ବର୍ଷ ତୁଳନା ରେ ଆଗରୁ ଆସିଥିବାରୁ ଚାଷ ବି ଆଗରୁ ହେଇଥିଲା। ସେଇ କାରଣରୁ ଉଭୟ ଜଳସେଚିତ ଓ ଅଣଜଳସେଚିତ ଅଂଚଳରେ ଅଳ୍ପଦିନିଆ ଓ ମଧ୍ୟମକାଳୀନ ଧାନ ଅମଳ ଜୋରସୋର ରେ ଚାଲିଛି । ଛୋଟ ଧାନ ପ୍ରାୟ ଅମଳ ସରିବା ଉପରେ । ଚାଷୀ ପାଖରେ ଭଣ୍ଡାରଣ ର ସୁବିଧା ନାହିଁ । ଲଘୁଚାପ ଜନିତ ବର୍ଷା ର ଆଶଙ୍କା ଥିବାରୁ ଖରିଫ ଧାନ କିଣାର ପ୍ରକ୍ରିୟା ନେଇ ଜିଲ୍ଲା ଧାନ କ୍ରୟ ସମିତି ର ବୈଠକ ନହେବା ଚିନ୍ତା ର ବିଷୟ ବୋଲି ସଂଗଠନର ସଭାପତି ବ୍ୟୋମକେଶ ଠାକୁର କହିଛନ୍ତି । ଧାନ କିଣା କୁ ବିଳମ୍ବିତ କରି ଚାଷୀଙ୍କୁ ମଣ୍ଡି ବାହାରେ ଧାନ ବିକିବାକୁ ବାଧ କରାଯାଉଛି ଯାହା ଏକ ବଡ ସଂଖ୍ୟକ ଚାଷୀଙ୍କୁ ଇନପୁଟ ଅର୍ଥ ରୁ ବଂଚିତ କରିବା ସହ ଅଭାବୀ ବିକ୍ରି ଜନିତ କ୍ଷତିରେ ପକାଇବ। ଚାଷୀ ଆଶଙ୍କା କରୁଛନ୍ତି ଯେ ମଣ୍ଡି ଖଲିବା ବେଳକୁ ନଭେମ୍ବର ଶେଷ ସପ୍ତାହ ହେଇଯିବ ଓ ବହୁ ଚାଷୀ ଇନପୁଟ ଅର୍ଥ ବିନା ବିକିବାକୁ ବାଧ ହେବା ସହ ଘୋର ଅଭାବୀ ବିକ୍ରିର ସମ୍ମୁଖୀନ ହେବେ ହେବେ । ଅତିଶୀଘ୍ର ଜିଲ୍ଲା ସ୍ତରୀୟ କ୍ରୟ ସମିତି ବୈଠକ ଡକାଯାଇ ମଣ୍ଡି ଖୋଲାଯାଉ, ଗତବର୍ଷ ଭଳି କଟଣୀ ଛଟଣୀ ପୁନରାବୃତ୍ତି ନହେବା, ଜଣେ ବି ଚାଷୀ ଙ୍କୁ ଇନପୁଟ ରାଶି ରୁ ବଂଚିତ ନକରିବା, ବର୍ଷା ଜନିତ କ୍ଷୟକ୍ଷତି ର ସଠିକ ଆକଳନ ସହ ଶୀଘ୍ର କ୍ଷତିପୂରଣ ଦେବାର ବ୍ୟବସ୍ଥା କରିବା ପାଇଁ ସଂଗଠନ ଦାବି କରିଛି ।

# ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ବଲାଙ୍ଗିର ବିଭାଗର ବିଭାଗ ବୈଠକ

ବଲାଙ୍ଗିର,୧୦/୧୧ (ନି.ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ବଲାଙ୍ଗିର ବିଭାଗର ବିଭାଗ ବୈଠକ ବଲାଙ୍ଗିର ସ୍ଥିତ ସର୍କିଟ ହାଉସରେ ଆଜି ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କେନ୍ଦ୍ରୀୟ ପ୍ରବାସରେ ଆସିଥିବା ଉତର କ୍ଷେତ୍ରର କ୍ଷେତ୍ରୀୟ ସଂଗଠନ ମନ୍ତ୍ରୀ ଗୌରବ ଅତ୍ରି ଜୀ ପୂର୍ଣ୍ଣ ସମୟ ଉପସ୍ଥିତ ରହି ବଲାଙ୍ଗିର, ସୋନପୁର ଓ ବୌଦ୍ଧ ଜିଲ୍ଲା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଛାତ୍ର ନେତୃତ୍ୱ ମାନଙ୍କ ସହ ଅନେକ ସାଂଗଠନିକ ବିଷୟରେ ଆଲୋଚନା କରିଛନ୍ତି। ବଲାଙ୍ଗିର ସୋନପୁର ବୌଦ୍ଧ ଜିଲ୍ଲାରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପ୍ରଭାବ ସଂଗଠନ ରୂପ ନେବା ସହ ବିଭିନ୍ନ ଆୟାମ କାମ ରେ ମଧ୍ୟ ସୁଦୃଢ଼ ହେବ ପାଇଁ ତା ପୂର୍ବ ପ୍ରସ୍ତୁତି କରାଯାଇଛି। ଏହି ୨୦୨୫-୨୬ ଶିକ୍ଷାବର୍ଷରେ ଏପର୍ଯ୍ୟନ୍ତ ୧୧୦୦୦ ରୁ ବିଦ୍ୟାର୍ଥୀ ବଲାଙ୍ଗିର ବିଭାଗ ରେ ନୂଆ ସଦସ୍ୟତା ନେଇ ସାରିଛନ୍ତି, ବିଭିନ୍ନ ମହାବିଦ୍ୟାଳୟରେ କଲେଜ ଶାଖା ଗଠନ ଓ ପ୍ରତି ବ୍ଲକ ରେ ନଗର ସମ୍ମିଳନୀ କରାଯାଉଛି। ଆଗାମୀ ଦିନରେ ବଲାଙ୍ଗିର ବିଭାଗ ଅଭ୍ୟାସ ବର୍ଗ , ନଭେମ୍ବର ୧୫ ରେ ଜନଜାତି ଗୌରବ ଦିବସ, ନଭେମ୍ବର ୧୯ ରେ ସ୍ତ୍ରୀ ଶକ୍ତି ଦିବସ , ଡିସେମ୍ବର ୬ ରେ ରାଷ୍ଟ୍ରୀୟ ସମରସତା ଦିବସ , ରାଷ୍ଟ୍ରୀୟ ଅଧିବେଶନ ରେ ପ୍ରତିନିଧିତ୍ୱ, ରାଜ୍ୟ ଅଧିବେଶନ ରେ ପ୍ରତିନିଧିତ୍ୱ, ଜାନୁଆରୀ ୧୨ ରେ ରାଷ୍ଟ୍ରୀୟ ଯୁବ ଦିବସ ଏପରି ଅନେକ କାର୍ଯ୍ୟକ୍ରମ ମାନଙ୍କରେ ବିଦ୍ୟାର୍ଥୀ ପରିଷଦ ବିଦ୍ୟାର୍ଥୀ ମାନଙ୍କୁ ରାଷ୍ଟ୍ର ନିର୍ମାଣ ରେ ସାମିଲ କରିବ ବୋଲି ବିଭାଗ ସଂଯୋଜକ ମତ ରଖିଛନ୍ତି। ଏହି ବୈଠକରେ ବିଭାଗ ପ୍ରମୁଖ ରବିନ୍ଦ୍ର କୁମାର ମେହେର, ବିଭାଗ ସଂଯୋଜକ ମଞ୍ଜିତ କୁମାର କର୍ମ, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଜୀବନ ଜ୍ୟୋତି ରାଉତ, ବିଭାଗ ସଂଗଠନ ସଂପାଦକ ବିକାଶ ସାହୁ, ବଲାଙ୍ଗିର ଜିଲ୍ଲା ପ୍ରମୁଖ ପ୍ରଶାନ୍ତ ବେହେରା, ବଲାଙ୍ଗିର ଜିଲ୍ଲା ସହ ସଂଯୋଜକ ଶୁଭାଶିଷ ପାଣୀ, ବୌଦ୍ଧ ଜିଲ୍ଲା ସଂଯୋଜକ ପ୍ରତ୍ୟୁଶ ରଞ୍ଜନ ଦାନୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଫୁଲ୍ଲ ଥାଟି, ବଲାଙ୍ଗିର ନଗର ସମ୍ପାଦକ ତେଜରାଜ ସାହୁ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଛାତ୍ର ନେତା ଆକାଶ କମ୍ପ ଓ ଅନେକ ପ୍ରମୁଖ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ ।

# ମାସିକ ରଚନା ସନ୍ଧ୍ୟା : ଆମ ସଂସ୍କୃତି ଓ ଆଧୁନିକତା ଶୀର୍ଷକ ଆଲୋଚନାଚକ୍ର

ବଲାଙ୍ଗିର,୧୦/୧୧ (ନି.ପ୍ର): ପରିବର୍ତ୍ତନଶୀଳ ସମୟ ସହ ତାଳ ଦେଇ ଆମ ସମାଜ ମଧ୍ୟ ପରିବର୍ତ୍ତନକୁ ଆପଣେଇ ଥାଏ। କିନ୍ତୁ ଆମେ ଆମ ସଂସ୍କୃତି ଓ ପରମ୍ପରାକୁ ପାଶୋରି ଦେବା ଉଚିତ ନୁହେଁ। ଆଧୁନିକତାର ଅର୍ଥ ନିଜ ସଂସ୍କୃତିକୁ ଭୁଲିଯିବା ନୁହେଁ। ଆମ ଭାରତୀୟ ସଂସ୍କୃତି ଏକ ଶୃଙ୍ଖଳିତ ଜୀବନଶୈଳୀର ଶିକ୍ଷାଦିଏ। ତେଣୁ ଏହାକୁ ଛାତ୍ର ଅବସ୍ଥାରୁ ଆଦରି ନେବା ଆବଶ୍ୟକ । ବଲାଙ୍ଗିରର ଅଗ୍ରଣୀ ସାମାଜିକ-ସାହିତ୍ୟିକ-ସାଂସ୍କୃତିକ ଅନୁଷ୍ଠାନ 'ରଚନା'ର 'ମାସିକ ରଚନା ସନ୍ଧ୍ୟା' କାର୍ଯ୍ୟକ୍ରମରେ ଏହି ମତ ପ୍ରକାଶ ପାଇଛି। ସ୍ଥାନୀୟ ପି ପି ଏକାଡେମୀ ସଭାକକ୍ଷରେ 'ଆମ ସଂସ୍କୃତି ଓ ଆଧୁନିକତା' ଶୀର୍ଷକ ଆଲୋଚନାଚକ୍ରରେ ଅତିଥିବକ୍ତା ଭାବରେ ରାଜେନ୍ଦ୍ର ମହାବିଦ୍ୟାବଳୟର ଅବସର ପ୍ରାପ୍ତ ଅଧ୍ୟକ୍ଷ ସତ୍ୟବନ୍ତ ବେଦବାକ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଗତିକୃଷ୍ଣ ଉଦଗାତା ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ପୁରାଣ ପ୍ରସଙ୍ଗ ଓ ପୁସ୍ତକର ଉଦାହରଣ ଦେଇ ଆମ ସଂସ୍କୃତିର ମହାନତା ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟତମ ଅତିଥିବକ୍ତା ଭାବରେ ମହିଳା ମହାବିଦ୍ୟାଳୟର ଛାତ୍ରୀ ସୁଚିସ୍ମିତା ସିଂହ ଓ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ଛାତ୍ର ବରୁଣ ଚୌହାନ ଯୋଗଦେଇ ଆଧୁନିକତାକୁ ଆମେ ଏପରି ଭାବରେ ଆପଣାଇବା ଯାହା ଆମ ସଂସ୍କୃତିକୁ କୌଣସି ଆଘାତ ପହଂଚାଉ ନଥିବ ବରଂ ଆମକୁ ଆହୁରି ଶୃଙ୍ଖଳିତ କରୁଥିବ ବୋଲି ନିଜ ମତ ରଖିଥିଲେ । କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଅଧାପକ ଡ଼ ଜଗନ୍ନାଥ ସାହୁ ଏବଂ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ସହସମ୍ପାଦକ ରତ୍ନମୟ ତ୍ରିପାଠୀ। ଏହି କାର୍ଯ୍ୟକ୍ରମରେ 'ରଚନା'ର ସମସ୍ତ ସଭ୍ୟ ସଭ୍ୟା, ଛାତ୍ରଛାତ୍ରୀ, ସଂସ୍କୃତିପ୍ରେମୀ ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ ।

# ପୁରାତନ ଛାତ ସଂସଦ ପକ୍ଷରୁ ଗୁରୁ ପୂଜନ ଉତ୍ସବ

ଧର୍ମଶାଳା,୧୦/୧୧ (ନି.ପ୍ର): ଗୁରୁ ଶିଷ୍ୟ ପରମ୍ପରା ଅତୁଳନୀୟ । ଗୁରୁ ସବୁ ବେଳେ ପୂଜନୀୟ । ଏହି ମହତ ଉଦ୍ଦେଶ୍ୟ ରଖି ପୁରାତନ ଛାତ୍ର ସଂସଦ ପକ୍ଷରୁ ଗୁରୁ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଯାଜପୁର ଜିଲା ରସୁଲପୁର ବ୍ଲକ ନରସିଂହପୁର ଉଚ୍ଚ ବିଦ୍ୟାଳୟର ୨୦୦୨ ମସିହା ମାଟ୍ରିକ ବ୍ୟାଚ ପକ୍ଷରୁ ଶିକଟିଲା ବାଗ ମଠ ପରିସରରେ ଗୁରୁ ପୂଜନ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ପୁରାତନ ଛାତ୍ରୀ ମମତା ପାତ୍ରଙ୍କ ସଭା ପରିଚାଳନାରେ ଏହି ଉତ୍ସବରେ ଶିକ୍ଷକ ନାରାୟଣ ଚନ୍ଦ୍ର ଦାସ,ଶ୍ୟାମସୁନ୍ଦର ପାତ୍ର,ମଦନ ମୋହନ ପାତ୍ର,ଖଗେନ୍ଦ୍ର ସାହୁ,ଚୈତନ୍ୟ ବେହେରା,ଭରତ ଚନ୍ଦ୍ର,ଦଶରଥ ସାହୁ,ଗୋପିନାଥ ଚନ୍ଦ୍ର ଓ ଚକ୍ରଧର ଶତପତୀ ପ୍ରମୁଖ ଯୋଗ ଦେଇ ଏହି କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିବା ସହ ୨୩ ବର୍ଷ ପରେ ଏଭଳି କାର୍ଯ୍ୟକ୍ରମ ନିଆରା ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ପୂଜ୍ୟ ଗୁରୁଜୀଙ୍କୁ ଚନ୍ଦନ ତିଳକ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ଉତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ସ୍ଥାନୀୟ ଅଂଚଳରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ସଂଗଠନର ଗୋପାଳ ସାମଲ,ରାକେଶ ବାରିକ୍ ଓ ଗଣେଶ ସାହୁଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ୨୩ ବର୍ଷ ବ୍ୟବଧାନ ପରେ ଜିଲା ତଥା ଜିଲା ବାହାରୁ ଆସିଥିବା ସହପାଠିନୀଙ୍କର ଏହା ଏକ ମହା ମିଳନ ବୋଲି ଛାତ୍ରଛାତ୍ରୀମାନେ ମତବ୍ୟକ୍ତ କରିଥିଲେ । ଗୋପାଳ ସାମଲ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଛାତ୍ର ଗୌରୀ ମୋହନ ସାହୁ,ଅନୀଲ ସାହୁ,ଚିନ୍ମୟ ସାହୁ,ଜିତେନ୍ଦ୍ର ଜେନା,ସଂଜିବ ଜେନା,ସୁମନ୍ତ ନାୟକ,ଛାତ୍ରୀ ରୋଜାଲିନ ମହାନ୍ତି,ସ୍ୱାଗତିକା ଭଞ୍ଜ,ପଦ୍ମିନୀ ପୃଷ୍ଟି,ପ୍ରିୟଦର୍ଶିନୀ ମହାନ୍ତି,ଜୟଶ୍ରୀ ନାୟକ,ନିରୁପମା ମଲ୍ଲିକ ଓ ସାଗରିକା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ଛାତ୍ରୀ ମମତା ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ସର୍ବ ଶେଷରେ ସଂସଦ ପକ୍ଷରୁ ଚାରାରୋପଣ କରାଯାଇଥିଲା ।

# କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥାର ସାଧାରଣ ସମ୍ପାଦକ ହେଲେ ସଂଗ୍ରାମ ପଟ୍ଟନାୟକ

କେନ୍ଦୁଝର,୧୦/୧୧ (ନି.ପ୍ର): କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ବା ଡିଷ୍ଟ୍ରିକ ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ଭାବେ ବରିଷ୍ଠ କ୍ରୀଡ଼ାବିତ, ରାଜ୍ୟ କ୍ରିକେଟ ଆସୋସିଏସନର ସର୍ବପୁରାତନ ସ୍ୱୀକୃତିପ୍ରାପ୍ତ ଅମ୍ପାୟାର ସଂଗ୍ରାମ ପଟ୍ଟନାୟକ ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି। ଦୀର୍ଘ ୮ଥର ସେ ଏହି କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥାର ଯୁଗ୍ମ ସମ୍ପାଦକ ଭାବେ ନିର୍ବାଚିତ ହେବା ସହ ଏବେ ମଧ୍ୟ ଯୁଗ୍ମ ସମ୍ପାଦକ ଭାବେ କାର୍ଯ୍ୟରତ ଥିଲେ। ସାଧାରଣ ସମ୍ପାଦକ ଥିବା ଡ଼ଃ. ଜନାର୍ଦ୍ଦନ ଦାଶଙ୍କ ପରଲୋକ ପରେ ରବିବାର ଦିନ ଜିଲ୍ଲା କ୍ରୀଡା ସଂସ୍ଥାର କାର୍ଯ୍ୟନିର୍ବାହୀ ପରିଷଦ ବା କାଉନସିଲର ଏକ ଜରୁରୀ ବୈଠକ ଉପସଭାପତି ସୁରେଶ ଚନ୍ଦ୍ର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ସର୍ବବରିଷ୍ଠ ଯୁଗ୍ମ ସମ୍ପାଦକ ଭାବେ ସେ କାର୍ଯ୍ୟ ସମ୍ପାଦନ କରୁଥିବାରୁ ତାଙ୍କୁ ସାଧାରଣ ସମ୍ପାଦକ ଭାବେ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଛି। ଜିଲ୍ଲା କ୍ରୀଡା ସଂସ୍ଥାର ଆଗାମୀ ନିର୍ବାଚନ ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱରେ ରହି କାର୍ଯ୍ୟ କରିବେ। ତେବେ ନିର୍ବାଚିତ କାଉନସିଲର ସମୟ ଅବଧି ଶେଷ ହୋଇଥିବାରୁ ଖୁବ ଶୀଘ୍ର ନିର୍ବାଚନ କରିବା ପାଇଁ ଏକ ପ୍ରତିନିଧିଦଳ ସୋମବାର ଜିଲ୍ଲାପାଳ ତଥା ସଂସ୍ଥାର ସଭାପତିଙ୍କୁ ଭେଟିବେ ବୋଲି ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ସଂଗ୍ରାମ ପଟ୍ଟନାୟକ ରାଜ୍ୟର ଜଣେ ପରିଚିତ କ୍ରିକେଟ ଅମ୍ପାୟାର ସହିତ ବିଭିନ୍ନ ଆନ୍ତର୍ଜାତୀୟ ଓ ଜାତୀୟସ୍ତରୀୟ ମ୍ୟାଚରେ ମ୍ୟାଚ ରେଫରୀ ଭାବେ ଏବଂ ସଂଖ୍ୟାଧିକ ରଣଜି ଟ୍ରଫିରେ ଓଡିଶା ଦଳର ମ୍ୟାନେଜର ଭାବରେ ଦାୟିତ୍ୱ ସୁଚାରୁ ଭାବେ ସମ୍ପାଦନ କରିବା ସହିତ ତାଙ୍କ ନେତୃତ୍ୱରେ କେନ୍ଦୁଝର ଫ୍ରେଣ୍ଡସ କ୍ଲବ ପକ୍ଷରୁ ମୀନକେତନ ମେମୋରିଆଲ କ୍ରିକେଟ ଟୁର୍ନାମେଂଟ ଅନୁଷ୍ଠିତ ହେଉଥିଲା। ବରିଷ୍ଠ ସାମ୍ବାଦିକ ଭାବେ ଏବେ ବି କାର୍ଯ୍ୟରତ ଶ୍ରୀ ପଟ୍ଟନାୟକଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ପୂର୍ବତନ ସରପଂଚଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

କୋରାଇ,୧୦/୧୧ (ନି.ପ୍ର): ଯାଜପୁର ନିର୍ବାଚନ ମଣ୍ଡଳୀର ଭୁବନେଶ୍ୱରପୁର ପଂଚାୟତର ପୂର୍ବତନ ସରପଂଚ ତଥା ବରିଷ୍ଠ ଶିକ୍ଷାବିତ ଏବଂ ଯାଜପୁର ବିଧାୟିକା ଶ୍ରୀମତୀ ସୁଜାତା ସାହୁଙ୍କ ଭାଇ ଏବଂ ବର୍ତ୍ତମାନ ଭୁବନେଶ୍ୱରପୁର ପଂଚାୟତର ସରପଂଚ ଥିବା ମନଦୀପା ରାୟଙ୍କ ପିତା ସ୍ୱର୍ଗତ ସୂର୍ଯ୍ୟନାରାୟଣ ରାୟଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ସ୍ୱର୍ଗତ ରାୟଙ୍କ ନିଜ ଗ୍ରାମ କଳସଢିଅ ଠାରେ ଏକ ରକ୍ତଦାନ ଶିବିର, ପ୍ରତିମୂର୍ତି ଉନ୍ମୋଚନ, ଭଜନ ସମାରୋହ, ସ୍ମରଣୀକା ଉନ୍ମୋଚନ ଓ ଶ୍ରଦ୍ଧାଂଜଳୀ ସଭା ଅନୁଷ୍ଠିତ ହୋଇଯାଇଛି। ସୁନାମଧନ୍ୟ କଣ୍ଠଶିଳ୍ପୀ ସୁଶ୍ରୀ ଦିପ୍ତିମୟୀ ଦାସଙ୍କ ସହ ତାଙ୍କ ଟିମ ଭଜନ ପରିବେଷଣ କରିଥିଲେ।

# ଛତିଶଗଡ ପୋଲିସ ଦ୍ୱାରା ଆନ୍ତଃ ରାଜ୍ୟ ସାଇବର ଲୁଟେରା ଗିରଫ : ୫ଟି ବ୍ୟାଙ୍କ ଚଳନ୍ତି ଖାତା ଜବତ

ଧର୍ମଶାଳା,୧୦/୧୧ (ନି.ପ୍ର): ରାଜ୍ୟ ସରକାର ଓ ପୋଲିସ ମହାନିର୍ଦ୍ଦେଶକଙ୍କ ପରାମର୍ଶ କ୍ରମେ ସାଇବର କ୍ରାଇମ୍ ସଚେତନତା ଶିବିର ଅନୁଷ୍ଠିତ ହେଉଛି । ଏହି କ୍ରମରେ ଯାଜପୁର ଜିଲାରେ ସମସ୍ତ ଥାନା ପକ୍ଷରୁ ସାଇବର ଠକେଇ ନେଇ ସଚେତନ କାର୍ଯ୍ୟକ୍ରମ ଚାଲୁ ରହିଛି । ଏପେଟ ସାଇବର ଠକେଇ ସଚେତନା କାର୍ଯ୍ୟକ୍ରମ ଚାଲୁ ରହିଥିବା ବେଳେ ଛତିଶଗଡ ପୋଲିସ ପକ୍ଷରୁ ଆଜି ଭୋର ସମୟରେ ଜଣେ ସାଇବର ଲୁଟେରାଙ୍କୁ ଗିରଫ କରାଯାଇଛି । ସାଇବର ଲୁଟେରା ଜଣକ ହେଲେ ଯାଜପୁର ଜିଲା ବ୍ରହ୍ମବରଦା ଥାନା ଅନ୍ତର୍ଗତ ବନ୍ଧଡିହ ପଂଚାୟତସ୍ଥ ଜୟସୁଙ୍ଗୁଡା ଗ୍ରାମର ଗଗନ ବିହାରୀ ରାଉତଙ୍କ ପୁଅ ଗୌରବ ୨୧ ବୋଲି ଜଣାପଡିଛି । ଛତିଶଗଡ ପୋଲିସ ବ୍ରହ୍ମବରଦା ପୋଲିସ ସହାୟତାରେ ଏହି ଚଢାଉ କରି ଗୌରବ ଯାତ୍ରା ଦେଖି ଘରକୁ ଫେରୁ ଥିବା ସମୟରେ ବନ୍ଧଡିହ ଛକରୁ ତାକୁ ଗିରଫ କରାଯାଇଥିଲା । ଯାହାକୁ ନେଇ ସ୍ଥାନୀୟ ଅଂଚଳରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି । ଗୌରବକୁ ଗିରଫ କରାଯିବା ସହିତ ନିଜସ୍ୱ ୩ଟି ବ୍ୟାଙ୍କ ଚଳନ୍ତି ଖାତା ଓ ବାପା ମାଆଙ୍କ ବ୍ୟାଙ୍କ ଚଳନ୍ତି ଖାତାକୁ ଜବତ କରାଯାଇଛି ବେଳେ ଛତିଶଗଡ ପୋଲିସ ଗିରଫ କରି ନେଇ ଯାଇଥିବା ଜଣାପଡିଛି । ଗୌରବ ବ୍ୟାଙ୍କ ଚଳନ୍ତି ଖାତାରେ ୭୩ ଲକ୍ଷ ଟଙ୍କା ଥିବା ବେଳେ ୨୯ଗୋଟି ରାଜ୍ୟରେ ପାଖାପାଖି ୯୦କୋଟି ଟଙ୍କାର ଠକେଇ ହୋଇ ଥିବା ବେଳେ, ସେ ଓ ରାଜ୍ୟ ବାହାରେ ଥିବା ତାର ଅନ୍ୟ ସହଯୋଗୀ ରହି ଥିବା ପୋଲିସ ଜାଣିବାକୁ ପାଇଥିଲା । ତେବେ ଗୌରବ ନିଜ ଗାଁ ଜୟସୁଙ୍ଗୁଡା ଗ୍ରାମରେ ଥିବା ଜାଣିବାକୁ ପାଇ ଛତିଶଗଡ ପୋଲିସ ଏହି ଚଢାଉ କରିଥିଲା ।

ମିଳିଥିବା ସୂଚନା ମୁତାବକ,ବ୍ରହ୍ମବରଦା ଥାନା ବନ୍ଧଡିହ ପଂଚାୟତସ୍ଥ ଜୟସୁଙ୍ଗୁଡା ଗ୍ରାମର ଗଗନ ବିହାରୀ ରାଉତଙ୍କ ୨୧ ବର୍ଷୀୟ ପୁଅ ଗୌରବ ଗଲା କିଛି ଦିନ ହେବ ତାର ସହଯୋଗୀଙ୍କ ମାଧ୍ୟମରେ ୨୯ ଗୋଟି ରାଜ୍ୟରେ କଳା ସାମ୍ରାଜ୍ୟ ବିସ୍ତାର କରି ଆସୁଥିଲା । ବିଭିନ୍ନ ଉପାୟରେ ଲୋକମାନଙ୍କୁ ଆଳ ଦେଖାଇ ଠକେଇ କରି କୋଟି କୋଟି ଟଙ୍କା ଲୁଟି ଚାଲି ଥିଲେ । ତେବେ ସାଇବର ଠକେଇରେ ଶିକାର ହୋଇଥିବା ଜନସାଧାରଣ ଏନେଇ ସାଇବର ଥାନାରେ ଅଭିଯୋଗ କରିଥିଲେ । ସାଇବର ଲୁଟେରାଙ୍କ ମୋବାଇଲ ନମ୍ବରକୁ ଟ୍ରାକିଂ କରାଯାଇଥିଲା । ଏହି ନମ୍ବର ଭିତରେ ଗୌରବଙ୍କ ନାମ ଥିବା ଜଣାପଡିବା ପରେ ଛତିଶଗଡ ପୋଲିସ ଶନିବାର ବିଳମ୍ବିତ ରାତିରେ ବ୍ରହ୍ମବରଦା ଥାନାରେ ପଂହଚି ଥିଲେ । ବ୍ରହ୍ମବରଦା ଥାନା ଅଧିକାରିଣୀ ଜୟନ୍ତୀ ମଲ୍ଲିକ ଓ ଏସ୍‌ଆଇ ସୁଶାନ୍ତ କୁମାର ସେଠୀଙ୍କ ସହଯୋଗରେ ଜୟସୁଙ୍ଗୁଡା ଗ୍ରାମରେ ଚଢାଉ କରିଥିଲେ । ତେବେ ଗୌରବ ରାତିରେ ଯାତ୍ରା ଦେଖି ଘରକୁ ଫେରିବା ସମୟରେ ବନ୍ଧହିହ ଛକରେ ପୋଲିସ ତାକୁ ମାଡି ବସିଥିଲା । ପରେ ଗୌରବଙ୍କ ଘରକୁ ଯାଇ ନିଜର ୩ଟି ବ୍ୟାଙ୍କ ଚଳନ୍ତି ଖାତା ଓ ପରିବାରର ସମସ୍ତ ବ୍ୟାଙ୍କ ଚଳନ୍ତି ଖାତାକୁ ଜବତ କରିଥିବା ଜଣାପଡିଛି । ତେବେ ଏହି ଘଟଣାରେ ଆଉ କାହାର ସମ୍ପୃକ୍ତି ଅଛି ତାହାକୁ ନେଇ ଛତିଶଗଡ ପୋଲିସ ଗୁପ୍ତଭାବେ ଖୋଳ ତାଡ କରୁଛି । ତେବେ ଗୌରବର ଏଭଳି କଳା କରାନାମା ଘଟଣାକୁ ନେଇ ଅଂଚଳରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି ।

# ଖଟଲାପଦର ବ୍ରିଜ ନିକଟରେ ଟଙ୍କା ଲୁଟ୍ ଘଟଣାରେ ୩ ଅଭିଯୁକ୍ତଙ୍କୁ ଗିରଫ

ଜୟପୁର,୧୦/୧୧ (ନି.ପ୍ର): କୋରାପୁଟ ଜିଲ୍ଲା କୁନ୍ଦୁରା ପୋଲିସକୁ ମିଳିଛି ବଡ଼ ସଫଳତା । ଖଟଲାପଦର ବ୍ରିଜ ନିକଟରେ ଟଙ୍କା ଲୁଟ୍ ଘଟଣାରେ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତଙ୍କୁ ଆଜି ଅପରାହ୍ନରେ ଜୟପୁର କୋର୍ଟ ଚଲାଣ କରାଯାଇଛି ବୋଲି କୁନ୍ଦୁରା ଥାନା ଅଧିକାରୀ ଅଶ୍ୱିନୀ ପଟ୍ଟନାୟକ ଗଣ ମାଧ୍ୟମକୁ ସୂଚନା ଦେଇଛନ୍ତି । ଗିରଫ ୩ ଅଭିଯୁକ୍ତ ଜୟପୁର ସଦର ଥାନା ଅନ୍ତର୍ଗତ ବାଲିଆ ଗାଁ ର ଅଜୟ ହରିଜନ (୩୧) ଓ ନୀଳାଗୁଡାର ରାମକଣ୍ଠ ହରିଜନ (୨୨) ଏବଂ ଜୟପୁର ଟାଉନ ଥାନା ଅନ୍ତର୍ଗତ କ୍ରିଷ୍ଟିଆନ ସାହିର ସୁମିତ ସାହିଲ ନାୟକ (୨୩) । ଅଭିଯୁକ୍ତଙ୍କ ଠାରୁ ଲୁହା ଖଣ୍ଡା, ଟାଙ୍ଗିଆ, ମାରଣାସ୍ତ୍ର, ନଗଦ ୨୦ ହଜାର ଟଙ୍କା , ୬ଟି ବାଇକ,୪ଟି ମବାଇଲ ଜବତ ହଇଛି । ସୂଚନା ଥାଉକି, ଗତ ୨୯-୧୦-୨୫ ତାରିଖ ଦିନ କୁନ୍ଦୁରା ଥାନା ଅନ୍ତର୍ଗତ ଖଟଲାପଦର ବ୍ରିଜ ଉପରେ ଟଙ୍କା ଲୁଟର ଶିକାର ହୋଇଥିଲେ କିଛି କୋଟପାଡ଼ ଅଂଚଳର ବ୍ୟବସାୟୀ । ବ୍ୟବସାୟୀ ଦେବାଶିଷ ପଟ୍ଟନାୟକ ଏବଂ ତାଙ୍କ ସାଥିଙ୍କ ଠାରୁ ୬ ଲକ୍ଷ ଟଙ୍କା ଲୁଟି ନେଇଥିଲେ ୬ ଜଣ ମୁଖା ପିନ୍ଧା ଦୁର୍ବୃତ୍ତ । ବାଇକରେ ଆସି ରାସ୍ତା ମଝିରେ କାର୍ କୁ ଅଟକାଇ ବିଭିନ୍ନ ପ୍ରକାର ମାରଣାସ୍ତ୍ର ଦେଖାଇ କାର୍ ରେ ଥିବା ଟଙ୍କା ଲୁଟି ନେଇ ଥିବା କୁନ୍ଦୁରା ଥାନାରେ ଅଭିଯୋଗ ହୋଇଥିଲା କ୍ଷ ପୋଲିସ ତଦନ୍ତ ଆରମ୍ଭ କରିଥିଲା କିନ୍ତୁ ଟେର ପାଉନଥିଲା । ଠିକ ସେହି ସମୟରେ ପ୍ରତ୍ୟେକ୍ଷଦର୍ସି ଲୁଟର ଲାଇଭ ଭିଡିଓ ନିଜ ମୋବାଇଲ ରେ ସୁଟ କରିଥିଲେ । ସେ ଭିଡିଓ କିଛି ଦିନ ପୂର୍ବେ କୁନ୍ଦୁରା ଅଂଚଳରେ ସାମାଜିକ ଗଣ ମାଧ୍ୟମରେ ଭାଇରଲ ମଧ୍ୟ ହୋଇଥିଲା । ସେପଟେ କୁନ୍ଦୁରା ଥାନା ଅଧିକାରୀଙ୍କ ସମତ କର୍ମଚାରୀ ଆର ପି ପ୍ରଧାନ ଏବଂ ଚାରି ଜଣ ଏପିଆର କାନଷ୍ଟେବଲ କୁ ନେଇ ୬ ଜଣିଆ ସ୍ୱତନ୍ତ୍ର ଟିମ ଗଠନ କରି ତଦନ୍ତକୁ ଜୋର କରିଥିଲେ । ଆଉ ଆଜି ଅଭିଯୁକ୍ତ ମଧ୍ୟରୁ ୩ ଦୁର୍ବୃତ୍ତ ଙ୍କୁ ଗିରଫ କରି ଥାନା କେସ ନମ୍ବର ୧୩୪/୨୫ ଅନୁଯାଇ ଜୟପୁର କୋର୍ଟ ଚଲାଣ କରାଯାଇଛି ।

# ଦେଶି ମଦ ଚାଲାଣ ବେଳେ ଚଢାଉ: ଜଣେ ଗିରଫ

ଜୟପୁର,୧୦/୧୧ (ନି.ପ୍ର): ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରି ଥାନା ଆଜି ଚଢାଉ କରି ଜଣେ ଅଭିଯୁକ୍ତ କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ଲିମା ଗ୍ରାମର ଜଗଦିଶ ବିଷୋୟୀ । ସୁଚନା ଅନୁଯାୟୀ ଏକ ବାଇକରେ ଦେଶି ମଦ ଚାଲାଣ ହେଉଥିବା ସୁଚନା ପାଇ ଜୟପୁର ଅବକାରି ଥାନା ଗାଗନାପୁର ଠାରେ ଚଢାଉ କରିଛି । ଚଢାଉ କରି ଅଭିଯୁକ୍ତ କୁ ଗିରଫ କରି ବାଇକ ସହ ୨୨ ଲିଟର ଦେଶି ମଦ ଜବତ କରିଛି ।

# ନୂଆପଡ଼ାରେ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ

ବଲାଙ୍ଗିର,୧୦/୧୧ (ନି.ପ୍ର): ବଲାଙ୍ଗିର ସଦର ବ୍ଲକ ଅନ୍ତର୍ଗତ କୁଡାସିଂହା ପଂଚାୟତ ନୂଆପଡା ଗାଁ ଖେଳ ପଡିଆରେ ନୂଆପଡା କ୍ରିକେଟ କ୍ଲବ ଦ୍ୱାରା ସୀମିତ ଓଭର କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ସରପଂଚ ଶ୍ରୀମତୀ ଜ୍ୟୋସ୍ନାରାଣୀ ସାହୁ, ପୂର୍ବତନ ସାଂସଦ ପ୍ରତିନିଧି ତଥା ଯୁବନେତା ପ୍ରଦ୍ୟୁମ୍ନ ହୋତା, ଲିଙ୍ଗରାଜ ପୁଟେଲ ଉପସ୍ଥିତ ଥିଲେ । ଗୋପୀନାଥ ପଶାୟତ, ଦିଲ୍ଲୀପ ସାହୁ, ହୃଷିକେଶ ବର୍ଗର୍ତି ଏବଂ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ରହି ଖେଳ ପରିଚାଳନାରେ ସହଯୋଗ କରିଥିଲେ ।

# ପୁରୁଷମାନଙ୍କ ଓଜନ ଶୀଘ୍ର କମିବାର ସବୁଠାରୁ ବଡ଼ କାରଣ ଜାଣନ୍ତୁ

**ଆପଣ କେବେ ଲକ୍ଷ୍ୟ କରିଛନ୍ତି କି, ସମାନ ଡାଏଟ୍ ଓ ବ୍ୟାୟାମ କରିବା ସତ୍ତ୍ୱେ ପୁରୁଷମାନେ ମହିଳାଙ୍କ ତୁଳନାରେ ଶୀଘ୍ର ଓଜନ କମାଇଥାନ୍ତି ? ଏହା ଏକ ସାଧାରଣ ଘଟଣା ଏବଂ ଏହା ପଛରେ ପରିଶ୍ରମର ଅଭାବ ନୁହେଁ, ବରଂ ଶରୀରର ଗଠନ, ହରମୋନ୍ ଓ ଜୀବକ୍ରିୟାରେ ଥିବା ମୌଳିକ ପାର୍ଥକ୍ୟ ଦାୟୀ । ଆସନ୍ତୁ ଜାଣିବା ଏହି ୫ଟି ପ୍ରମୁଖ କାରଣ ବିଷୟରେ, ଯାହା ପୁରୁଷ ଓ ମହିଳାଙ୍କ ଓଜନ ହ୍ରାସ ପ୍ରକ୍ରିୟାକୁ ଭିନ୍ନ କରିଥାଏ ।**



ମାଂସପେଶୀର ପରିମାଣ ଓ ମେଟାବୋଲିଜିମ୍ : ପୁରୁଷମାନଙ୍କ ଓଜନ ଶୀଘ୍ର କମିବାର ସବୁଠାରୁ ବଡ଼ କାରଣ ହେଉଛି ସେମାନଙ୍କ ଶରୀରରେ ଥିବା ଅଧିକ ମାଂସପେଶୀ । ପ୍ରକୃତିଗତ ଭାବରେ ପୁରୁଷଙ୍କ ଶରୀରରେ ମାଂସପେଶୀର ପରିମାଣ ମହିଳାଙ୍କ ତୁଳନାରେ ଅଧିକ ଥାଏ । ମାଂସପେଶୀ, ଚର୍ବି ତୁଳନାରେ ଅଧିକ କ୍ୟାଲୋରୀ ଖର୍ଚ୍ଚ କରେ । ଏପରିକି ବିଶ୍ରାମ ନେଉଥିବା ସମୟରେ ମଧ । ଏହାକୁ 'ବେସାଲ୍ ମେଟାବୋଲିକ୍ ରେଟ୍' କୁହାଯାଏ । ଅଧିକ ମାଂସପେଶୀ ଯୋଗୁଁ ପୁରୁଷଙ୍କ ଇଗଜ ଅଧିକ ହୋଇଥାଏ । ତେଣୁ ସେମାନଙ୍କ ଶରୀର ସ୍ୱାଭାବିକ ଭାବେ ଅଧିକ କ୍ୟାଲୋରୀ ଜାଳିଥାଏ । ଯାହା ଓଜନ ହ୍ରାସରେ ସହାୟକ ହୁଏ ।

ହରମୋନ୍‌ର ଭୂମିକା : ହରମୋନ୍ ଓଜନ ହ୍ରାସ ପ୍ରକ୍ରିୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ପୁରୁଷଙ୍କ ଶରୀରରେ 'ଟେଷ୍ଟୋଷ୍ଟେରନ୍' ନାମକ ହରମୋନ୍ ଅଧିକ ଥାଏ, ଯାହା ମାଂସପେଶୀ ଗଠନ କରିବାରେ ଏବଂ ମେଟାବୋଲିଜିମ୍‌କୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରେ । ଅନ୍ୟପଟେ, ମହିଳାଙ୍କ ଶରୀରରେ 'ଇଷ୍ଟ୍ରୋଜେନ୍' ହରମୋନ୍ ଅଧିକ ଥାଏ, ଯାହା ଶରୀରରେ ଚର୍ବି ସଂରକ୍ଷିତ କରି ରଖିବାକୁ ପ୍ରୋତ୍ସାହିତ କରେ । ବିଶେଷ କରି ପ୍ରଜନନ ପାଇଁ ଜଙ୍ଘ, ନିତମ୍ବ ଓ ପେଟର ତଳ ଭାଗରେ । ଏହା ବ୍ୟତୀତ, ମହିଳାଙ୍କ ମାସିକ ଧର୍ମଚକ୍ର ସମୟରେ ହରମୋନ୍‌ର ପରିବର୍ତ୍ତନ ଯୋଗୁଁ ଖାଇବାର ଇଚ୍ଛା, ଶକ୍ତି ସ୍ତର ଏବଂ ଶରୀରରେ ଜଳୀୟଅଂଶ ବଢ଼ିଥାଏ, ଯାହା ଓଜନ ହ୍ରାସ ପ୍ରକ୍ରିୟାକୁ ପ୍ରଭାବିତ କରେ ।

ଚର୍ବି ଜମା ହେବାର ଶୈଳୀ : ପୁରୁଷ ଓ ମହିଳାଙ୍କ ଶରୀରରେ ଚର୍ବି ଜମା ହେବାର ସ୍ଥାନ ଭିନ୍ନ ଭିନ୍ନ । ପୁରୁଷଙ୍କ ଶରୀରରେ ଚର୍ବି ମୁଖ୍ୟତଃ ପେଟ ଚାରିପାଖେ ଜମା ହୋଇଥାଏ (ସେଓ ଆକୃତି ), ଯାହାକୁ 'ଭିସେରାଲ୍ ଫ୍ୟାଟ୍' କୁହାଯାଏ । ଏହି ପ୍ରକାର ଚର୍ବି ସ୍ୱାସ୍ଥ୍ୟ ପାଇଁ ଅଧିକ କ୍ଷତିକାରକ ହେଲେ ମଧ ମେଟାବୋଲିକାଲି ଅଧିକ ସକ୍ରିୟ । ଅର୍ଥାତ୍ ଏହା ଶୀଘ୍ର ଭାଙ୍ଗି ଶକ୍ତିରେ ପରିଣତ ହୋଇପାରେ । ଏହା ତୁଳନାରେ, ମହିଳାଙ୍କ ଶରୀରରେ ଚର୍ବି ଜଙ୍ଘ, ନିତମ୍ବ ଓ ପେଟର ତଳ ଭାଗରେ ଜମା ହୋଇଥାଏ । ଯାହାକୁ 'ସବକ୍ୟୁଟାନିଅସ୍ ଫ୍ୟାଟ୍' କୁହାଯାଏ । ଏହି ଚର୍ବି କମାଇବା ଅପେକ୍ଷାକୃତ କଷ୍ଟକର ।

ଶରୀରର ଆକାର ଓ ଗଠନ: ସାଧାରଣତଃ ପୁରୁଷମାନେ ମହିଳାଙ୍କ ତୁଳନାରେ ଉଚ୍ଚତା ଓ ଆକାରରେ ବଡ଼ ହୋଇଥାନ୍ତି । ଏକ ବଡ଼ ଶରୀରକୁ ପରିଚାଳନା କରିବା ପାଇଁ ଅଧିକ ଶକ୍ତି ବା କ୍ୟାଲୋରୀର ଆବଶ୍ୟକତା ପଡ଼େ । ତେଣୁ, ସମାନ କାମ କଲେ ମଧ ଜଣେ ପୁରୁଷ ଜଣେ ମହିଳାଙ୍କ ତୁଳନାରେ ଅଧିକ କ୍ୟାଲୋରୀ ଖର୍ଚ୍ଚ କରନ୍ତି । ଯାହା ଓଜନ ହ୍ରାସରେ ସେମାନଙ୍କୁ ସାହାଯ୍ୟ କରେ ।

ମାନସିକ ଓ ଭାବନାତ୍ମକ କାରଣ : ଓଜନ ହ୍ରାସ କେବଳ ଶାରୀରିକ ନୁହେଁ, ଏକ ମାନସିକ ପ୍ରକ୍ରିୟା ମଧ । ଅନେକ ସମୟରେ ମହିଳାମାନେ ଭାବନାତ୍ମକ ଭୋଜନର ଶିକାର ହୁଅନ୍ତି । ଯାହା ହରମୋନ୍‌ର ପରିବର୍ତ୍ତନ ସହ ଜଡ଼ିତ । ମାନସିକ ଚାପ, ଚିନ୍ତା ଏବଂ ଖାଦ୍ୟକୁ ନେଇ ସୃଷ୍ଟି ହେଉଥିବା ଇଚ୍ଛା ମହିଳାଙ୍କୁ ଅଧିକ ପ୍ରଭାବିତ କରିପାରେ । ଯାହା ଡାଏଟ୍ ଯୋଜନାକୁ ବାଧା ଦେଇଥାଏ ।

**ଶେଷରେ କହିବାକୁ ଗଲେ, ପୁରୁଷମାନଙ୍କର ଓଜନ ହ୍ରାସ ଯାତ୍ରା ଆରମ୍ଭରୁ ଦ୍ରୁତ ହୋଇପାରେ । କିନ୍ତୁ ଏହାର ଅର୍ଥ ନୁହେଁ ଯେ ଏହା ସହଜ ବା ଉନ୍ନତ । ମହିଳାମାନେ ନିରାଶ ନ ହୋଇ ନିଜ ଶରୀରର ଆବଶ୍ୟକତାକୁ ବୁଝିବା ଉଚିତ୍ ।**

# ଓଜନ ହ୍ରାସରେ ସହାୟକ ହୁଏ ଚା'



ଅଧିକାଂଶ ଲୋକେ ଚା'କୁ ସକାଳ ସନ୍ଧ୍ୟା ପାନୀୟ ଭାବେ ପିଉଥିବାର ଦେଖାଯାଏ। ତାଲିକାରେ ଭାରତ, ବ୍ରିଟେନ ଓ ଆମେରିକାର ଲୋକେ ଶୀର୍ଷରେ ଅଛି। ବିଶେଷଜ୍ଞଙ୍କ ମତରେ, ଚା' ପିଇବା ଉପାକରୀ ହେଲେ ଅଧଧିକ ପରିମାଣରେ ପିଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ନିକଟରେ ମେକ୍ସିକୋର ଖାଦ୍ୟ ବିଶେଷଜ୍ଞଙ୍କ ବିଭିନ୍ନ ପରୀକ୍ଷାରୁ ପ୍ରମାଣିତ ହୋଇଛି ଯେ ବିଭିନ୍ନ ପ୍ରକାରର ଚା' ପିଇଲେ ଓଜନ ହ୍ରାସ ହୋଇଥାଏ। ଏହି ବିଭିନ୍ନ ସ୍ୱାଦର ଚା' ମଧ୍ୟରେ ରହିଛି

ଗ୍ରୀନଟି: ସମସ୍ତ ବର୍ଗର ବ୍ୟକ୍ତି ଗ୍ରୀନଟି ଦିନକୁ ଅନ୍ତତଃ ଥରୁଟିଏ ପିଇଲେମ ଧ୍ୟ ସମୋନଙ୍କ ଓଜନ ନିୟନ୍ତିତ ହୋଇଥାଏ।

ଏଥିରେ ଥିବା ପ୍ରଚୁର ପରିମାଣର ଆଂଟି-ଅକ୍ସିଡାଣ୍ଟ ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼ାଇଥାଏ।



ପରୀକ୍ଷାରୁ ପ୍ରକାଶିତ ଯେ ନିୟମିତ ଗ୍ରୀନଟି ପିଇବା ଦ୍ୱାରା ଦୈନିକ ୭୦ କ୍ୟାଲୋରୀ ଓଜନ ହ୍ରାସହୁଏ। ପିପରମିଣ୍ଟ ଟି: ଜାପାନ ଓ ଚୀନର କେତେକ ପ୍ରାନ୍ତେ ଏହି ଚା'ର ଲୋକପ୍ରିୟତା ରହିଛି। ନିୟମିତ ଭାବେ ଏହି ଚା' ପିଇଲେ ଅମ୍ଳ ରୋଗ ମଧ୍ୟ ନିୟନ୍ତିତ ହେଉଥିବାର ବିଶେଷଜ୍ଞଙ୍କ ମତ। ଓଲନ୍ଦ ଚା: ଚୀନରେ ଉପଲବ୍ଧ ହେଉଥିବା ଏହି ବିଶେଷ ସ୍ୱାଦର ଚା' ପିଇଲେ ପେଟ ଚର୍ବି କମ୍ ହେଉଥିବାର ପରୀକ୍ଷାରୁ ପ୍ରକାଶିତ। ସେଠା ଯୁବପିଢ଼ି ଏହି ଚା' ନିୟମିତ ଭାବେ ପିଇଥାନ୍ତି। ବିଶ୍ୱସ୍ତରରେ ଓଲଙ୍ଗ ଚା' ବେଶ୍ ଲୋକପ୍ରିୟତା ରିହଛି। ବ୍ଲାକ୍ ଟି: କମ ସମୟ ମଧ୍ୟରେ ଓଜନ କମ୍ କରିବାକୁ ଚାହୁଁଥିବା ଲୋକଙ୍କ ନିମନ୍ତେ ଏହା ଏକ ଉତ୍ତମ ପାନୀୟ। ସକାଳବେଳା ଥରୁଟିଏ ଏହି ଚା' ପିଇଲେ ଦୈନିକ ୬୦ କ୍ୟାଲୋରୀ ଓଜନ ହ୍ରାସ ପାଇଥାଏ ବୋଲି ବିଶେଷଜ୍ଞଙ୍କ ମତ।

# ଭୁଲରେ ଓଭନରେ ଗରମ କରଂତୁନି ଏହି ୫ଟି ଖାଦ୍ୟ : ହୋଇପାରେ ଫୁଡ୍ ପଏଜନିଙ୍ଗ

**ଅଧିକାଂଶ ଲୋକ ଗରମ ଖାଦ୍ୟ ଖାଇବାକୁ ପସନ୍ଦ କରନ୍ତି । ଅନ୍ୟପଟେ ଶୀତଦିନେ ପ୍ରାୟ ସମସ୍ତେ ଗରମ ଖାଦ୍ୟ ଖାଇବାକୁ ପସନ୍ଦ କରନ୍ତି । ଏପରି ପରିସ୍ଥିତିରେ ଖାଦ୍ୟ ପ୍ରସ୍ତୁତ ହେବା ପରେ ତୁରନ୍ତ ଖାଇବା ସର୍ବୋତ୍ତମ ଉପାୟ । କିନ୍ତୁ ଯଦି ଆପଣ କୌଣସି କାରଣରୁ ତାହା କରିବାକୁ ଅସମର୍ଥ, ଖାଦ୍ୟକୁ ଗରମ କରିବାରେ ଭୁଲ କରନ୍ତୁ ନାହିଁ । ଅନେକ ବିଶେଷଜ୍ଞ ଖାଦ୍ୟକୁ ବାରମ୍ବାର ଗରମ କରିବାକୁ ମଧ ବାରଣ କରନ୍ତି । ବିଶ୍ୱାସ କରାଯାଏ ଯେ ଏହା କରିବା ଦ୍ୱାରା ଖାଦ୍ୟର ପୋଷକ ତତ୍ତ୍ୱ ନଷ୍ଟ ହୋଇଯାଏ । ଏହା ସହିତ ଖାଦ୍ୟରେ ଏପରି ଜୀବାଣୁଙ୍କ ସଂଖ୍ୟା ବଢିବାରେ ଲାଗେ ଯାହା ଖାଦ୍ୟକୁ ବିଷାକ୍ତ କରିଥାଏ । ଯେତେବେଳେ ଆପଣ ମାଇକ୍ରୋୱେଭରେ ଖାଦ୍ୟ ଗରମ କରନ୍ତି ଏହି ବିପଦ ଆହୁରି ବଢିଥାଏ । କିଛି ଖାଦ୍ୟ ଅଛି ଯାହାକୁ ଆପଣ ମାଇକ୍ରୋୱେଭରେ ଗରମ କରିବାରୁ ଦୂରେଇ ରଖନ୍ତୁ । କାରଣ ଏହା ପେଟରେ ଗ୍ୟାସ୍, ପେଟ ବ୍ୟଥା, ଫୁଡ ପଏଜନିଙ୍ଗ ଏବଂ ଖାଦ୍ୟ ଦ୍ୱାରା ରୋଗ ସୃଷ୍ଟି କରିପାରେ ।**



### ଅଣ୍ଡାକୁ ଓଭନରେ ଗରମ କରନ୍ତୁନି

ଓମଲେଟ୍ କିମ୍ବା ସ୍କ୍ରାମବ୍ଲେଡ୍ ଅଣ୍ଡା ହୋଇଗଲା ପରେ ସାଧାରଣତଃ ଲୋକମାନେ ଏହାକୁ ଓଭନରେ ରଖି ଶୀଘ୍ର ଗରମ କରନ୍ତି । କିନ୍ତୁ ଅଳ୍ପ ସମୟ ପାଇଁ ଥଣ୍ଡା ହୋଇଥିବା ଅଣ୍ଡାକୁ ଗରମ କରିବା ବିପଜ୍ଜନକ ହୋଇପାରେ । ଯଦି ଆପଣ ଅଣ୍ଡା ପ୍ରସ୍ତୁତ ଖାଦ୍ୟ ଗରମ କରନ୍ତି, ତେବେ ସଲମୋନେଲା ପରି ଜୀବାଣୁ ଶୀଘ୍ର ବଢିପାରନ୍ତି ଏବଂ ଖାଦ୍ୟ ବିଷାକ୍ତ ହୋଇଯାଏ ।

### ଓଭନରେ ଆଳୁ ଗରମ କରନ୍ତୁ ନାହିଁ

ଆଳୁକୁ ଦ୍ୱିତୀୟ ଥର ଗରମ କରିବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ବୋଲି ପ୍ରମାଣିତ ହୋଇପାରେ । କାରଣ ଆଳୁରେ ଥିବା ଜୀବାଣୁ ସି ବଟୁଲିନମ୍ ବଢିବା ପାଇଁ ଓଭନ ଏକ ଅନୁକୂଳ ପରିବେଶ ଯୋଗାଇଥାଏ । ଯାହା ଖାଦ୍ୟକୁ ବିଷାକ୍ତ କରିଥାଏ ।

### ବଳକା ଚିକେନ ଗରମ କରନ୍ତୁ ନାହିଁ

ଯଦି ରାତିରେ ପ୍ରସ୍ତୁତ ଚିକେନ ସକାଳେ ରହି ଯାଇଥାଏ, ତେବେ ଏହାକୁ ଗରମ କରି ଖାଇବା ଅପେକ୍ଷା ଏହାକୁ ଫୋପାଡ଼ି ଦେବା ଭଲ । କିମ୍ବା ଗ୍ୟାସରେ ମଧ୍ୟମ ତାପମାତ୍ରାରେ ଏହାକୁ ଧୀରେ ଧୀରେ ଗରମ କରାଯିବା ଉଚିତ ଯାହା ଦ୍ୱାରା ଏହାର ସମସ୍ତ ଜୀବାଣୁ ନଷ୍ଟ ହୋଇଯାଆନ୍ତି । କିନ୍ତୁ ମନେରଖନ୍ତୁ ଚିକେନକୁ ଶୀଘ୍ର ଗରମ କରିବା ପାଇଁ ଓଭନରେ ରଖନ୍ତୁ ନାହିଁ, କାରଣ ଚିକେନରେ ଥିବା ପ୍ରୋଟିନ୍ ବିଷାକ୍ତ ହେବାକୁ ଲାଗେ । ଯେଉଁ କାରଣରୁ ପେଟରେ ଏସିଡିଟି ସୃଷ୍ଟି ହେବାର ଆଶଙ୍କା ଥାଏ କିମ୍ବା ପେଟ ବ୍ୟଥା ହେବାର ସମ୍ଭାବନା ଥାଏ ।

### ଓଭନରେ ଚାଉଳ ଗରମ କରିବା ଭୁଲ୍

ଚାଉଳକୁ ଗରମ କରିବା ବିପଦଜନକ କାରଣ ଏହା ରୋଗ ସୃଷ୍ଟି କରୁଥିବା ଜୀବାଣୁ ବୃଦ୍ଧି କରିଥାଏ । ସେଥିପାଇଁ ଚାଉଳକୁ ଗରମ କରିବା ଠାରୁ ଦୂରେଇ ରହିବା ଉଚିତ୍ । ଯଦି ଆପଣ ଏହାକୁ ଗରମ ଖାଇବାକୁ ଚାହୁଁଛନ୍ତି, ତେବେ ଏହାକୁ ଫ୍ରିଜରୁ ବାହାର କରି ଏହାକୁ ଓଭନରେ ରଖନ୍ତୁ ନାହିଁ । ସାଧାରଣ ତାପମାତ୍ରାକୁ ଆସିବା ପରେ ଏହାକୁ ଗ୍ୟାସରେ ଗରମ କରନ୍ତୁ ।

### ସାମୁଦ୍ରିକ ଖାଦ୍ୟକୁ ଗରମ କରନ୍ତୁ ନାହିଁ

ସତେଜ କିମ୍ବା ରନ୍ଧା ହୋଇଥିବା ସାମୁଦ୍ରିକ ଖାଦ୍ୟ ଯଦି ୨ ଘଣ୍ଟାରୁ ଅଧିକ ସମୟ ଫ୍ରିଜରେ ରହିନଥାଏ ତେବେ ଏହାକୁ ଖାଆନ୍ତୁ ନାହିଁ । ଯଦି ଏହାକୁ ଥଣ୍ଡା ତାପମାତ୍ରାରେ ରଖାଯାଏ ନାହିଁ ତେବେ ସମୁଦ୍ର ଖାଦ୍ୟରେ ବ୍ୟାକ୍ଟେରିଆ ବଢିପାରେ । ଯାହା ଗରମ କରିବା ପରେ ମଧ ମରନ୍ତି ନାହିଁ ଏବଂ ଖାଦ୍ୟ ଦ୍ୱାରା ରୋଗ ସୃଷ୍ଟି କରନ୍ତି ।

# ଘରେ ରଖୁଥିବା ଝାଡୁ ଜୀବନ ବଦଳାଇ ପାରେ: ଜାଣନ୍ତୁ କିଛି ଜରୁରୀ ଟିପ୍ସ



**ସାଧାରଣତଃ ଘରେ ଝାଡୁର ବ୍ୟବହାର ସଫା କାର୍ଯ୍ୟରେ ଲାଗିଥାଏ । ହେଲେ ଆପଣ ଜାଣିଛନ୍ତି କି, ଏହା ଘରେ ସୁଖ ଶାନ୍ତି ବି ଆଣିପାରେ ? ବାସ୍ତୁଶାସ୍ତ୍ରରେ ଝାଡୁକୁ ନେଇ କିଛି ନିୟମ ରହିଛି । ଯେଉଁ ନିୟମକୁ ପାଳନ କଲେ ଆମେ ଘରର ଭାଗ୍ୟ ବଦଳାଇ ପାରିବା । ହିନ୍ଦୁ ଶାସ୍ତ୍ରରେ ଲୋକେ ଝାଡୁକୁ ମା ଲକ୍ଷ୍ମୀ ବୋଲି ମାନନ୍ତି । ଧନନ୍ତ୍ୱରୀ ପର୍ବରେ ଝାଡୁକୁ ଘର ପାଇଁ ମଧ କିଣାଯାଇଥାଏ । ତେବେ ଜାଣି ରଖନ୍ତୁ ଘରର କେଉଁ ଦିଗରେ ଝାଡୁ ରଖିବେ ଏବଂ ଝାଡୁକୁ ନେଇ କଣ ଟିପ୍ସ ରହିଛି ।**

ତେବେ ହିନ୍ଦୁ ମାନ୍ୟତା ଅନୁସାରେ, ଝାଡୁକୁ ଠିଆ କରି ରଖିବା ଆଦୌ ଉଚିତ ନୁହେଁ । ଠିଆ ହୋଇଥିବା ଝାଡୁ ଦରିଦ୍ରତା ବଢାଇଥାଏ । ଏହା ବଦଳରେ ଝାଡୁକୁ ଶୁଆଇ ରଖିବାକୁ ଅଧିକ ଶୁଭ ବୋଲି ଧରାଯାଏ। ଏହାଛଡା ଝାଡୁକୁ କେଉଁ ଦିଗରେ ରଖିବା ତାକୁ ମଧ ଜାଣିବା ଅତ୍ୟନ୍ତ ଜରୁରୀ। ଝାଡୁର ମୁହଁ ପର୍ଶ୍ଚିମ ଦିଗ ବା ଉତ୍ତର-ପର୍ଶ୍ଚିମ ଦିଗ ଆଡ଼କୁ କରି ରଖିବାକୁ ଚେଷ୍ଟା କରନ୍ତୁ।

ବାସ୍ତୁ ଅନୁସାରେ, ଝାଡୁ କେବେ ବି ଐସାନ୍ୟ କୋଣ ବା ରୋଷେଇ ଘରେ ରଖନ୍ତୁ ନାହିଁ । ଏହାକୁ ଛାତ ବା ବାହାରେ ରଖନ୍ତୁ ନାହିଁ । ନଚେତ ଚୋରୀ ଓ ଘରର କ୍ଷୟ କ୍ଷତି ହୋଇଥାଏ। ଯଦି ଆପଣଙ୍କ ଘରେ ଝାଡୁଟି ପୁରୁଣା ହୋଇ ଯାଇଛି ଏବଂ ଏହାକୁ ଫୋପାଡ଼ିବାକୁ ଚାହୁଁଛନ୍ତି ତେବେ ଶନିବାର ବା ଅମାବାସ୍ୟାରେ ପକାନ୍ତୁ । ନଚେତ ହୋଲି ଦିନ ବା ଗ୍ରହଣ ପରେ ଫୋପାଡ଼ି ଦିଅନ୍ତୁ ।

ଝାଡୁକୁ ନେଇ ବାସ୍ତୁଶାସ୍ତ୍ର କହୁଛି ଯେ, ଯେଉଁଠାରେ ଆପଣ ଖାଉଛନ୍ତି ସେଠାରେ ଝାଡୁ ରଖିବା ଆବଶ୍ୟକ ନୁହେଁ । କାରଣ ଏଥିରେ ଦାନାପାଣି ଉପରେ ଏହା ପ୍ରଭାବ ପକାଇଥାଏ। ଏହାସହ ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ଠିକ ରହି ନଥାଏ। ସୂର୍ଯ୍ୟାସ୍ତ ପରେ ଯଦି ଘରକୁ ଝାଡୁ କରୁଛନ୍ତି ତେବେ ଏଥିରେ ଧନ ହାନି ଘଟିଥାଏ ।

# ରକ୍ତଚାପ ନିୟନ୍ତ୍ରଣ କରିବା ପାଇଁ ଖା'ନ୍ତୁ ଏହି ସବୁ ଖାଦ୍ୟ





ପୁଷ୍ଟିକର ଖାଦ୍ୟ ଏବଂ ଉତ୍ତମ ଜୀବନଶୈଳୀ ଦ୍ୱାରା ରକ୍ତଚାପକୁ ନିୟନ୍ତ୍ରଣ କରିହେବ। ରକ୍ତଚାପକୁ ନିୟନ୍ତ୍ରଣ କରିବା ପାଇଁ ପୋଟାସିଅମର ଭୂମିକା ବେଶ୍ ମହତ୍ତ୍ୱପୂର୍ଣ୍ଣ। ଏଥିରେ ଥିବା ମାଇକ୍ରୋନ୍ୟୁଟ୍ରିଏଣ୍ଟ ଶରୀରରେ ସୋଡିୟମର ପ୍ରଭାବକୁ ହ୍ରାସ କରିବାରେ ସାହାଯ୍ୟ କରିଥାଏ । ରକ୍ତ କଣିକା ଉପରେ ମଧ ଏହାର ସକରାତ୍ମକ ପ୍ରଭାବ ପଡିଥାଏ, ଯେଉଁ କାରଣରୁ ରକ୍ତଚାପକୁ ନିୟନ୍ତ୍ରଣ କରାଯାଇପାରିବ । ପୋଟାସିୟମ୍ ଯୁକ୍ତ ଖାଦ୍ୟ ଚିନ୍ତା ଏବଂ ଚାପରୁ ମୁକ୍ତି ଦେଇଥାଏ । ଆମର ରକ୍ତଚାପ ଉପରେ ଆମ ଖାଦ୍ୟର ସିଧାସଳଖ ପ୍ରଭାବ ପଡିଥାଏ । ତେବେ ଯଦି ଆପଣ ମଧ ହାଇ ବ୍ଲଡ ପ୍ରେସରର ଶିକାର ହୋଇଥା'ନ୍ତି ତେବେ ନିଜ ଦୈନନ୍ଦିନ ଖାଦ୍ୟ ପଦାର୍ଥରେ ପୋଟାସିଆମ୍‌ରେ ଭରପୁର ଥିବା ଖାଦ୍ୟକୁ ସାମିଲ କରନ୍ତୁ। ତେବେ ଆସନ୍ତୁ ଜାଣିବା କେଉଁ କେଉଁ ପୋଟାସିଅମ ଯୁକ୍ତ ଖାଦ୍ୟକୁ ଡାଏଟ୍‌ରେ ସାମିଲ କରିବା ଉଚିତ। କଦଳୀ ହେଉଛି ଏକ ସାଧାରଣ ଫଳ, ଯାହାକୁ ଆପଣ ବର୍ଷସାରା ସହଜରେ ପାଇପାରିବେ। ଏହା ପୋଟାସିୟମର ଏକ ଉତ୍ତମ ଉତ୍ସ। କଦଳୀ ହଜମ ଶକ୍ତିକୁ ବଢ଼ାଇଥାଏ। ଏଥିରେ ଭିଟାମିନ୍ ସି ରହିଛି । ଏହା ଏକ ସୁସ୍ଥ ଖାଦ୍ୟ, ଯାହା ଆପଣଙ୍କୁ ଭୋକ ସହିତ ମୁକାବିଲା କରିବାରେ ସାହାଯ୍ୟ କରିଥାଏ । କଦଳୀରେ ଫାଇବର ମଧ ରହିଥାଏ ଯାହା ଆପଣଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଭୋକ ଲାଗିବାକୁ ଦିଏ ନାହିଁ। ଏଥିରେ ପୋଟାସିଅମର ମାତ୍ରା ମଧ ଭରପୁର ରହିଛି, ଯାହାକୁ ଖାଇବା ଦ୍ୱାରା ରକ୍ତଚାପ ନିୟନ୍ତ୍ରଣ ରହେ। ଶାଗ ତଥା ପତ୍ରଯୁକ୍ତ ଆହାର ଦୈନନ୍ଦିନ ଖାଦ୍ୟର ଏକ ଅତ୍ୟାବଶ୍ୟକ ଅଂଶ ହେବା ଉଚିତ। ନିଜ ଆହରକୁ ପର୍ଯ୍ୟାପ୍ତ ପୋଷକ ତତ୍ତ୍ୱରେ ସାମିଲ କରିବା ପାଇଁ ନିୟମିତ ରୂପେ ପତ୍ରଯୁକ୍ତ ଖାଦ୍ୟ ତଥା ଶାଗ ଖାଇବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପରାମର୍ଶ ଦିଅନ୍ତି।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଦିଲ୍ଲୀର ବିଷାକ୍ତ ବାୟୁ: ପ୍ରତିବାଦ, ରାଜନୀତି ଓ ଏକ ବ୍ୟବସ୍ଥିତ ବିଫଳତାର କାହାଣୀ

ପ୍ରତିବର୍ଷ ଶୀତ ଆସିବା ସହିତ ଭାରତର ରାଜଧାନୀ ଦିଲ୍ଲୀ ଏକ ଗ୍ୟାସ୍ ଚାମ୍ବରରେ ପରିଣତ ହୁଏ । ଆକାଶ ଧୂଆଁଳିଆ ହୋଇଯାଏ, ନିଶ୍ୱାସ ନେବା କଷ୍ଟକର ହୋଇପଡେ ଏବଂ ଜନଜୀବନ ଅସ୍ତବ୍ୟସ୍ତ ହୋଇଯାଏ । ଏହା କୌଣସି ନୂଆ କଥା ନୁହେଁ, ବରଂ ଦଶନ୍ଧି ଦଶନ୍ଧି ଧରି ଚାଲିଆସୁଥିବା ଏକ ବାର୍ଷିକ ଦୁର୍ବିପାକ । କିନ୍ତୁ ଚଳିତ ବର୍ଷ ଦିଲ୍ଲୀର ରାଜରାସ୍ତାରେ ଜନସାଧାରଣଙ୍କ ପ୍ରତିବାଦ ଏହି ସମସ୍ୟାର ଏକ ନୂଆ ଦିଗକୁ ଉନ୍ମୋଚିତ କରିଛି - ଏହା କେବଳ ଏକ ପରିବେଶଗତ ସଙ୍କଟ ନୁହେଁ, ବରଂ ଏକ ଗଭୀର ରାଜନୈତିକ ଏବଂ ପ୍ରଶାସନିକ ବିଫଳତାର ପ୍ରତିଛବି ।

ଯେତେବେଳେ ସାଧାରଣ ନାଗରିକ, ବିଶେଷକରି ଶିଶୁ ଓ ବୃଦ୍ଧମାନେ, ହାତରେ ପ୍ଲାକାର୍ଡ ଧରି 'ମୁଁ ନିଶ୍ୱାସ ନେବାକୁ ଚାହେଁ' ଭଳି ସ୍ଲୋଗାନ ଦେଇ ରାସ୍ତାକୁ ଓହ୍ଲାଉଛନ୍ତି, ସେତେବେଳେ ବୁଝିବାକୁ ହେବ ଯେ ପରିସ୍ଥିତି କେତେ ସାଂଘାତିକ । ଚଳିତ ବର୍ଷ ନଭେମ୍ବର ମାସରେ ଦିଲ୍ଲୀର ବାୟୁ ଗୁଣବତ୍ତା ସୂଚକାଙ୍କ (AQI) ଅନେକ ସ୍ଥାନରେ ୫୦୦ ଅତିକ୍ରମ କରି 'ଅତି ଗୁରୁତର' ବର୍ଗରେ ପହଞ୍ଚିଥିଲା, ଯାହାକି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ନିରାପଦ ସ୍ତରଠାରୁ ପ୍ରାୟ ୬୦ ଗୁଣ ଅଧିକ । ଏହି ବିଷାକ୍ତ ବାୟୁରେ ନିଶ୍ୱାସ ନେବା ଦୈନିକ ୨୫-୩୦ଟି ସିଗାରେଟ୍ ଟାଣିବା ସହ ସମାନ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି । ଏହାର ପରିଣାମ ସ୍ୱରୂପ, ଦିଲ୍ଲୀର ଲକ୍ଷ ଲକ୍ଷ ଶିଶୁଙ୍କ ଫୁସଫୁସ୍ ସବୁଦିନ ପାଇଁ ନଷ୍ଟ ହୋଇଯାଉଛି ଏବଂ ହୃଦ୍‌ରୋଗ, କର୍କଟ ଓ ଶ୍ୱାସଜନିତ ରୋଗର ଆଶଙ୍କା ବହୁଗୁଣିତ ହୋଇଛି ।

ଏହି ସଙ୍କଟ ପାଇଁ କେବଳ ଗୋଟିଏ କାରଣ ଦାୟୀ ନୁହେଁ । ଗାଡିମୋଟରରୁ ନିର୍ଗତ ଧୂଆଁ, ଶିଳ୍ପାନୁଷ୍ଠାନର ପ୍ରଦୂଷଣ, ନିର୍ମାଣ କାର୍ଯ୍ୟରୁ ଉଡୁଥିବା ଧୂଳିକଣା ଏବଂ ପଡୋଶୀ ରାଜ୍ୟ ପଞ୍ଜାବ ଓ ହରିୟାଣାରେ ନଡ଼ା ଜଳାଇବା ଏହାର ପ୍ରମୁଖ କାରଣ । ପ୍ରତିବର୍ଷ ଏହି ସମୟରେ ସରକାରଙ୍କ ତରଫରୁ କିଛି ସାମୟିକ ପଦକ୍ଷେପ ନିଆଯାଏ, ଯେପରିକି ଗ୍ରେଡେଡ୍ ରେସପନ୍ସ ଆକ୍ସନ ପ୍ଲାନ୍ (GRAP) ଲାଗୁ କରିବା, ନିର୍ମାଣ କାର୍ଯ୍ୟ ଉପରେ ରୋକ୍ ଲଗାଇବା ଏବଂ ଗାଡି ଚଳାଚଳ ପାଇଁ ଅଡ୍-ଇଭେନ୍ ନିୟମ ଲାଗୁ କରିବା । କିନ୍ତୁ ଏହିସବୁ ପଦକ୍ଷେପଗୁଡ଼ିକ କେବଳ ଲକ୍ଷଣକୁ ଚିକିତ୍ସା କଲା ଭଳି, ରୋଗର ମୂଳୋତ୍ପାଟନ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି ।

ଏହି ପ୍ରତିବାଦଗୁଡ଼ିକ କେବଳ ବିଷାକ୍ତ ବାୟୁ ବିରୁଦ୍ଧରେ ନୁହେଁ, ବରଂ ସରକାରୀ ଉଦାସୀନତା, ସମନ୍ୱୟର ଅଭାବ ଏବଂ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ବିରୁଦ୍ଧରେ ମଧ୍ୟ ଏକ ଶକ୍ତ ଆହ୍ୱାନ । ପ୍ରତିବାଦକାରୀମାନେ ଅଭିଯୋଗ କରୁଛନ୍ତି ଯେ ସରକାର ପ୍ରଦୂଷଣର ପ୍ରକୃତ ତଥ୍ୟକୁ ଲୁଚାଇବାକୁ ଚେଷ୍ଟା କରୁଛନ୍ତି। ଏପରିକି ବାୟୁ ଗୁଣବତ୍ତା ମାପକ ଯନ୍ତ୍ର ପାଖରେ ପାଣି ସିଞ୍ଚନ କରାଯାଇ ତଥ୍ୟକୁ କୃତ୍ରିମ ଭାବେ କମ୍ ଦେଖାଇବାକୁ ଚେଷ୍ଟା କରାଯାଉଥିବାର ଭିଡିଓ ସାମ୍ନାକୁ ଆସିଛି, ଯାହା ଜନସାଧାରଣଙ୍କ ବିଶ୍ୱାସକୁ ଭାଙ୍ଗି ଦେଇଛି । ଏହା ଏକ ପ୍ରକାରର ପ୍ରଶାସନିକ ଧୋକାବାଜି, ଯେଉଁଠି ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ତାକୁ ଲୁଚାଇବାକୁ ପ୍ରୟାସ କରାଯାଉଛି ।

ପ୍ରଦୂଷଣର ରାଜନୀତି ମଧ୍ୟ ଏହି ସମସ୍ୟାକୁ ଅଧିକ ଜଟିଳ କରିଛି । କେନ୍ଦ୍ର ସରକାର ଏବଂ ଦିଲ୍ଲୀ ସରକାର ପରସ୍ପର ଉପରେ ଦୋଷ ଲଦିବାରେ ବ୍ୟସ୍ତ। ନଡ଼ା ଜଳାଇବା ପ୍ରସଙ୍ଗରେ ଦିଲ୍ଲୀ, ପଞ୍ଜାବ ଓ ହରିୟାଣା ସରକାରଙ୍କ ମଧ୍ୟରେ ରାଜନୈତିକ କାଦୁଅ ଫିଙ୍ଗାଫିଙ୍ଗି ଏକ ବାର୍ଷିକ ପ୍ରହସନରେ ପରିଣତ ହୋଇଛି। କୃଷକମାନଙ୍କୁ ବିକଳ୍ପ ବ୍ୟବସ୍ଥା ଯୋଗାଇ ଦେବାରେ ସରକାରମାନଙ୍କର ବିଫଳତା ଏବଂ ଭୋଟ୍ ବ୍ୟାଙ୍କ ରାଜନୀତି ଯୋଗୁଁ କୌଣସି ଦୃଢ଼ ପଦକ୍ଷେପ ନିଆଯାଇ ପାରୁନାହିଁ ।

ଏହି ସଙ୍କଟର ସାମାଜିକ ଓ ଅର୍ଥନୈତିକ ପ୍ରଭାବ ମଧ୍ୟ ଅତ୍ୟନ୍ତ ଗମ୍ଭୀର । ପ୍ରଦୂଷଣ ଯୋଗୁଁ ଲୋକଙ୍କ କାର୍ଯ୍ୟଦକ୍ଷତା କମୁଛି, ସ୍ୱାସ୍ଥ୍ୟସେବା ଉପରେ ଚାପ ବଢୁଛି ଏବଂ ପର୍ଯ୍ୟଟନ ଓ ନିବେଶ ପ୍ରଭାବିତ ହେଉଛି । ଅନେକ ପରିବାର ନିଜ ପିଲାମାନଙ୍କ ଭବିଷ୍ୟତ ପାଇଁ ଦିଲ୍ଲୀ ଛାଡ଼ିବାକୁ ବାଧ୍ୟ ହେଉଛନ୍ତି, ଯାହା ଏକ ପ୍ରକାରର 'ପ୍ରଦୂଷଣ-ପ୍ରବାସ' (pollution migration)କୁ ଜନ୍ମ ଦେଇଛି । ଯେଉଁମାନେ ଏହି ବିଷାକ୍ତ ପରିବେଶରୁ ବାହାରି ପାରୁନାହାନ୍ତି, ସେମାନେ ପ୍ରତିଦିନ ନିଜ ଆୟୁଷରୁ କିଛି ଅଂଶ ହରାଉଛନ୍ତି।

ପରିସ୍ଥିତିର ଗମ୍ଭୀରତାକୁ ଦେଖିଲେ, କେବଳ ସାମୟିକ ପଦକ୍ଷେପ ଆଉ କାମ ଦେବ ନାହିଁ । ଏକ ସମନ୍ୱିତ, ଦୀର୍ଘମିଆଦୀ ଏବଂ ବୈଜ୍ଞାନିକ ଭିତ୍ତିଭୂମି ଉପରେ ଆଧାରିତ କାର୍ଯ୍ୟଯୋଜନାର ଆବଶ୍ୟକତା ରହିଛି । ଏଥିପାଇଁ କେନ୍ଦ୍ର, ଦିଲ୍ଲୀ ଏବଂ ପଡୋଶୀ ରାଜ୍ୟମାନଙ୍କ ମଧ୍ୟରେ ଦୃଢ଼ ରାଜନୈତିକ ସହମତି ଏବଂ ସମନ୍ୱୟ ଏକାନ୍ତ ଆବଶ୍ୟକ। କୃଷି, ପରିବହନ, ଶିଳ୍ପ ଏବଂ ନଗର ଉନ୍ନୟନ କ୍ଷେତ୍ରରେ ବ୍ୟାପକ ସଂସ୍କାର ଆଣିବାକୁ ପଡିବ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସରକାରଙ୍କୁ ନିଜର ଦାୟିତ୍ୱ ସ୍ୱୀକାର କରିବାକୁ ହେବ ଏବଂ ଜନସାଧାରଣଙ୍କ ପ୍ରତି ଉତ୍ତରଦାୟୀ ହେବାକୁ ପଡିବ । ଦିଲ୍ଲୀର ରାଜରାସ୍ତାରେ ପ୍ରତିବାଦ କରୁଥିବା ଲୋକମାନେ କେବଳ ଶୁଦ୍ଧ ବାୟୁ ମାଗୁନାହାନ୍ତି, ସେମାନେ ଏକ ସୁସ୍ଥ ଜୀବନ ବଞ୍ଚିବାର ମୌଳିକ ଅଧିକାର ମାଗୁଛନ୍ତି । ଏହି ସ୍ୱରକୁ ଅଣଦେଖା କରିବା ଏକ ସଭ୍ୟ ସମାଜ ପାଇଁ ଲଜ୍ଜାଜନକ । ଯଦି ଶାସକମାନେ ଏବେ ବି ନ ଚେତିବେ, ତେବେ ଇତିହାସ ସେମାନଙ୍କୁ କେବେ ବି କ୍ଷମା ଦେବ ନାହିଁ ।

# ଦୀପଶିଖା ଆମ 'ସୁରସାର୍'

## ଅଜୟ କୁମାର ବେହେରା

ଅସୁର ସେହି ମାନେ, ଯେଉଁ ମାନେ ଅଜ୍ଞାନୀ, ଭୋଗ ପାଇଁ, ଯେଉଁମାନେ ଶୃଙ୍ଖଳା ଜ୍ଞାନ ରହିତ, ଯେଉଁମାନେ ଭାବନ୍ତି ଗାଁ ଜୋରରେ ସବୁକିଛି ହାସଲ କରିହେବ, ଜୀବନଟା ଖାଲି ଉପଭୋଗ ସମୟର ଏକ ଏକକ। ଅଢ଼େଇଦିନ ଜୀବନ, ପୁଣି ପାଣି ଫୋଟକା ପରି ଜୀବନ। ଏହା ଅଜ୍ଞାନୀ ମାନଙ୍କୁ ସ୍ୱ ସ୍ୱ ଶରୀରରେ ଥିବା ଉହ୍ୟ ଷଡ଼ରିପୁର ପ୍ରଭାବରେ ପର ପୀଡ଼ଣ କରାଇ ବଞ୍ଚିବାର ମୋହ ଦିଏ। ଧରାଟା ତାଙ୍କ ପାଇଁ ସରା। ନା ଏହା ନୁହେଁ ଏହା ଭୁଲ, ମହାଭୁଲ। ଅମୃତର ସନ୍ତାନ ହେବାକୁ ହେବ। ଏହାର ଦେବ ପ୍ରେରଣା। ଏହାର ଧ୍ରୁବ ସନ୍ଧିଧାନ ଅଛି। ଏହା ସୁର ମାର୍ଗ। ମାର୍ଗଟି ସରଳ ନୁହେଁ ଜିଗ ଜାଗ ମାତ୍ର ସୁର ଗୁରୁ ସର୍ଦ୍ଦାରୀରେ ଲାଇନ ସରଳ ଦେଖାଯାଏ। ଗୁରୁମାନେ ସଂସାର ଖେଳ ପଡ଼ିଆର କୋଚ, ରେଫରୀ, ସେ ଜୀବନକୁ ଗୋଲରେ, ଅଜ୍ଞାନୀ ଅସୁରାମିରୁ ସୁରରେ ପହଞ୍ଚାଇ ପାରନ୍ତି। ବିଶ୍ୱ ନିୟନ୍ତ୍ରଣାକାରୀ ସ୍ରଷ୍ଟା ପ୍ରଜାପତି ବ୍ରହ୍ମା କ୍ଷୀଣାୟୁ, ମନୁଷ୍ୟ ଶରୀରରେ ସୁର ଅସୁର ଭାବନା ଭରି ଗଢ଼ିଛନ୍ତି। ସୁର ଭାବର ମନୁଷ୍ୟଙ୍କୁ ସେ ତାଙ୍କ ସହଚର କରି ସୃଷ୍ଟିକୁ ସୁନ୍ଦର, ଦୀର୍ଘସ୍ଥାୟୀ ପାଇଁ ଚେଷ୍ଟା କରି ଚାଲିଛନ୍ତି। ଏଥିରେ ଅନେକ ଏମିତି ସମୟକୁ ଅବତୀର୍ଣ୍ଣ। ଇନ୍ଦ୍ର ଏକ ପଦ, ସୁରଙ୍କ ରାଜା, ସୁନାଶିର, ଶିରରେ ମୁକୁଟ ମୁକୁଟ କୀର୍ତ୍ତୀର ଉଦଘୋଷ, ଯେ ମୁହଁକୁ ସୁନ୍ଦର କରିଥାଏ କାର୍ଯ୍ୟକୁ ବାଣୀକୁ ବି ସୁନ୍ଦର କରିଥାଏ। ସାରସ୍ୱତ ସାଧକମାନେ ସରସ୍ୱତୀ ମାଆଙ୍କ ଗେହ୍ଲା ସନ୍ତାନ ସନ୍ତତି। ସରସ୍ୱତୀଙ୍କ ଦେଉଳ ମନ୍ଦିର ବିଧିବଦ୍ଧ ଭାବରେ କେଉଁଠି ନାହିଁ, ଅଛି ବାଣୀ ବିହାର ସ୍କୁଲୀ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱ ବିଦ୍ୟାଳୟ। ଏଥିରେ ଦେବୀମା ସେବାକୁ ଅଛନ୍ତି ପାହ୍ୟା ପାହ୍ୟା ଶିକ୍ଷା ଦାନକାରୀ, ସରସ୍ୱତୀମାଙ୍କୁ ପ୍ରାପ୍ତି କରାଇ ଅଜ୍ଞାନୀ ଅସୁରମାର୍ଗରୁ ସୁରମାର୍ଗକୁ ନେଇ ଯିବା ବ୍ୟକ୍ତିବିଶେଷ ସୃଷ୍ଟି କରୁଛନ୍ତି ଶାସ୍ତ ବାକରେ। ଏମାନେ ସରସ୍ୱତୀ ପୁତ୍ର, ଜ୍ଞାନଦୀପ୍ତ ଜ୍ୟୋତିସ୍ମାନ ଦିବ୍ୟଜ୍ୟୋତି। ଏଇଥିରୁ ଆମ ଭାଇ ସାର୍ବଜାନୀନ ସାଇବାବାଙ୍କ ଉପାସକ ସୁରେନ୍ଦ୍ର ଭାଇ, ସଂକ୍ଷିପ୍ତରେ ସୁରଭାଇ। ସେ ଜଣେ ପ୍ରଧାନ ଶିକ୍ଷକ ଭାବରେ ଦାୟିତ୍ୱ ଭଲଭାବରେ ନିଭାଇବା ସହିତ ସମାଜର ବିଶେଷ ଆକର୍ଷଣ। ସତ୍ୟ ସାଇ ବାବାଙ୍କ ବାଣୀ ଆଦର୍ଶ ଦର୍ଶନ ଆଦି ମାର୍ଗରେ ଏକ ଦିଗଦର୍ଶକ ଜ୍ୟୋତି ସ୍ୱରୂପ ଥିଲେ। ତାଙ୍କର ପରିବାରକୁ ସାଇ ପରିବାରରେ ସାମିଲ କରିଥିଲେ। ତାଙ୍କ ପୁଅଝିଅଙ୍କ ସଦୃଶ ତତ ବୟସର ଭିନ୍ନ ପରିବାରର ପୁଅ ଝିଅଙ୍କୁ ସେହି ଅନୁଶାସନ ସ୍ନେହ ମମତାରେ ବାନ୍ଧି ରଖିବାକୁ ବୁଝାପଡୁଥିଲା। ସାଇବାବାଙ୍କ ଆଶ୍ରମ ସେ ଏପରି ଜଡ଼ିତ ଥିଲେ ଯେ ଖୋଦ ଯହିଁରେ ତାଙ୍କର ଗତି ଭୁକ୍ତି ମୁକ୍ତିର ସାଇବାବା ହିଁ ସବୁକିଛିରେ ଆସିଯାଇଥିଲେ। ତାଙ୍କର ବନ୍ଧୁତା ସମ୍ଭାଷଣରେ, ଆଶୀର୍ବଚନରେ, ଚିଠି ଶିରୋନାମରେ, ସେଇ ବାବାନାମ ସାଇରାମ ଉଦଘୋଷ ସଦା ରହୁଥିଲା। ତାଙ୍କ ଜାତକରେ ବହୁ ମୂଲ୍ୟବାନ ଗ୍ରହସ୍ଥିତି ଥିଲା, ଲଗ୍ନରେ ଚର ରାଶିରେ ଲଗ୍ନ ସ୍ଫୁଟ ସହ ଗୁରୁ ସ୍ଫୁଟ ସମାନ ରହିଥିଲା। ଦିଗବଳୀ ବୃହସ୍ପତି ତାଙ୍କ ଜୀବନକୁ ପୂର୍ଣ୍ଣ ଆଧାତ୍ମିକ ମାର୍ଗରେ ନେଇ ଯିବାକୁ ଗୁରୁପ୍ରେରଣା ଦେବା ସହ ବୃତ୍ତି ଆରମ୍ଭ ଶିକ୍ଷକତା ଦିଗକୁ ନେଇଥିଲା। ବଡ଼ ଭାଇର କାରକ ବୃହସ୍ପତି, ସେ ବର୍ଷିଆନ ବଡ଼ଭାଇ ସମସ୍ତଙ୍କର ହୋଇ ଯାଇଥିଲେ ଚର ରାଶିରେ ୧, ୪, ୭, ୧୦ର ସମ୍ବନ୍ଧକୁ ଅବତାର ଜନ୍ମ ଦିଏ। ମାତ୍ର ବହୁ ବଳବାନ ଗ୍ରହ ହେବା ଦରକାର ଏପରି ନଥିଲେ ଯୁଗ ଅବତାରଙ୍କ ସାନ୍ନିଧ୍ୟ ସୃଷ୍ଟି କରେ, ଏହା ଠିକ ସେପରି ଧନୁଜନ୍ମ ରାଶି ମାଲିକ ଧନରୁ ଏକାଦଶରେ ଶୁଭ ଗ୍ରହଶୁକ୍ର ରାଶିରେ ଲଗ୍ନ ସାମ ଥିବାରୁ ୧୦ମ ପତି ଚନ୍ଦ୍ରଦଶାରେ ତାଙ୍କୁ ୩୬ ବର୍ଷ ଠାରୁ ଏପରି ସ୍ତରକୁ ଭିଡ଼ିଥିଲା। ସାଇବାବାଙ୍କ ପରି ତାଙ୍କର ସହସ୍ର ଚନ୍ଦ୍ର ଦର୍ଶନ ହୋଇଛି। ତାଙ୍କର ଉତ୍ତମ ଘର କଟକ ସହରରେ ସେ ନିର୍ମାଣ କରିଥିଲେ ବି ପିତୃ ଭିଟାମାଟି ଛାଡ଼ି ନଥିଲେ ଏପରିକି ତାଙ୍କର ଦେହାନ୍ତ ପରେ ତାଙ୍କର ସବଳ ପୁତ୍ରମାନେ ଶ୍ରୀକ୍ଷେତ୍ର ପୁରୀ ମହୋଦଧି ତଟ ସ୍ୱର୍ଗ ଦ୍ୱାର ସଂସ୍କାରକୁ ନେବାକୁ ଏକ ଅଦୃଶ୍ୟ ଇଙ୍ଗିତ ବାରଣ କରିଦେଲା।

ଶେଷରେ ତାଙ୍କ ପିତାମାତାଙ୍କ ଶେଷ କୃତ୍ୟ ଘର ପାଖ ଶ୍ମଶାନରେ ସଂସ୍କାର କରାଗଲା, ସେ ସ୍ୱଗ୍ରାମକୁ ଅତି ଭଲ ପାଉଥିଲେ, ସେ ବିଭୁତି ପ୍ରିୟ ନିତ୍ୟେ ସାଇବାବାଙ୍କ ବିଭୁତି ମଥାରେ ଲଗାଉଥିଲେ ଜିହ୍ୱା ଆସ୍ୱାଦନ କରୁଥିଲେ। ଭସ୍ମସ୍ନାନ ସ୍ନାନ ମଧ୍ୟରେ ଅନ୍ୟତମ, ଯେପରି ଗଙ୍ଗା ସ୍ନାନ, ମନ୍ତ୍ର ସ୍ନାନ। ସେ ପୁଣି ଶେଷରେ ଜୁଇ ଜ୍ୟୋତିରେ କାବ୍ୟ ଅଗ୍ନିରେ ଭସ୍ମ ବିଭୁତି ହୋଇଗଲେ। ସାଇ ବିଭୁତି ପୁଷ୍ଟ ଶରୀର ତାଙ୍କର ବିଭୁତିମୟ ହୋଇଗଲା। ତାଙ୍କ ଗ୍ରାମର ଭୂମି ସେ ବିଭୁତି ସ୍ୱାଭାବିକ ପବନରେ ଭୂଷିତ ହୋଇଯାଇଛି। ଜ୍ୟୋତି ବିଭୁତି ସବୁ ଭଗବାନ ଶିବଙ୍କ ସମ୍ବନ୍ଧ, ଆଉ ସିରିଡ଼ିସାଇ, ସତ୍ୟସାଇ ବିଭୁତି ଉଦି ସମ୍ବନ୍ଧ, ପୁରାଣ ଲେଖା ନଥିଲେ ବି ଗୁରୁ ମାନେ ହିଁ ବ୍ରହ୍ମା ବିଷ୍ଣୁ ମହେଶ୍ୱର, ଏ ତିନି ଦତ୍ତାତ୍ରେୟ, ଏମାନେ ସେଇ ଦତ୍ତାତ୍ରୟ ଅବତାର ସାଇଭକ୍ତ ମାନଙ୍କୁ ବୁଝାଇବାକୁ ପଡ଼େ ନାହିଁ। ଭାଇ ଆଗେଇ ଯାଆନ୍ତୁ ସେ ସାଇଲୋକକୁ ଯାଆନ୍ତୁ ସେଠାରେ ପରମ ବିଶ୍ରାମ କରନ୍ତୁ ଆମକୁ ଅଦୃଶ୍ୟରେ ମାର୍ଗ ଦର୍ଶାନ୍ତୁ, ସଦା କଲ୍ୟାଣ କରନ୍ତୁ।

'ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ,
ମୋ : ୯୪୩୭୦୩୧୨୫୩

# ବୈଦିକ ସଂସ୍କୃତିର ସୌରଭ

## ଇଂ. ସଚ୍ଚିଦାନନ୍ଦ ନନ୍ଦ

ଅପୌରୁଷେୟ, ବେଦ, ମାନବ ଜାତି ପାଇଁ ଈଶ୍ୱରଙ୍କ ଅମୂଲ୍ୟ ସଂପଦ। ଏହା ପରମାତ୍ମାଙ୍କ ଅମୃତ ବାଣୀ। ଆର୍ଯ୍ୟ ସାହିତ୍ୟର ଅକ୍ଷୟ ଭଣ୍ଡାର। ଏଥିରେ ଥିବା ଈଶ୍ୱର ପ୍ରଦତ୍ତ ଦିବ୍ୟଜ୍ଞାନ ପୃଥିବୀର ଅନ୍ୟ ଗ୍ରନ୍ଥମାନଙ୍କରେ ଦେଖିବାକୁ ମିଳେନାହିଁ। ବେଦର ଶିକ୍ଷା, ବେଦର ଆଦର୍ଶ ଅତୀବ ମହାନ, ଦୈନନ୍ଦିନ ଜୀବନରେ ପାଳନ ସାପେକ୍ଷ। ଏହି ଶିକ୍ଷାକୁ ଯଦି କିଞ୍ଚିତ ପରିମାଣରେ ଜନ ସମକ୍ଷରେ ପହଞ୍ଚାଇ ହୁଏ ତାହା ଜନ ସମାଜ ପାଇଁ ଅଶେଷ ମଙ୍ଗଳଦାୟକ ହେବ। ଏହା ଏକ ଆଧାତ୍ମିକ ସେବା ଭାବେ ପରିଣତ ହେବ। ଏହି ଅବଲମ୍ବନରେ ଅନେକ ଭାରତୀୟ ନିଜ ଜୀବନକୁ ଶୁଦ୍ଧ, ପବିତ୍ର ଓ ଶାସ୍ତ୍ରୀୟ କରି ପ୍ରଭୂତ ଉପକାର ଲାଭ କରିଛନ୍ତି। ଏହା ସର୍ବକାଳୀନ ହୋଇଥିବାରୁ ବର୍ତ୍ତମାନ ମଧ୍ୟ ଏହାର ଅବଲମ୍ବନରେ ଜଣେ ମହାନ ଗୁଣର ଅଧିକାରୀ ହୋଇପାରିବ। ଏହି ଜ୍ଞାନ ପରିବାର କ୍ଷେତ୍ରରେ ଉପଯୋଗ କରି ଯେଉଁମାନ ମହାନ ହୋଇପାରିଥିଲେ ତନ୍ମଧ୍ୟରୁ ଅଗାଧ ଓ ଅସୀମ ପ୍ରତିଭାର ଅଧିକାରୀ, ତାଙ୍କ ସମୟର ସର୍ବୋଚ୍ଚ ଶିକ୍ଷାବିତ୍ ଭାରତର ଦ୍ୱିତୀୟ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ, ଭାରତରେ ତଥା ବହୁ ବିଦେଶରେ ନିଜ ପାଣ୍ଡିତ୍ୟର ପରିଚୟ ଦେଇ ଆମ ଦେଶ ସଂସ୍କୃତି ଓ ଭାରତୀୟ ଜ୍ଞାନର ଉପଯୁକ୍ତ ପରିଚୟ ନିଜ କର୍ମ ମାଧ୍ୟମରେ ପ୍ରଦାନ କରିପାରିଥିଲେ। ତାଙ୍କ ବାଲ୍ୟକାଳରୁ ନିଜ ପରିବାରରୁ ସେ ବୈଦିକ ଜ୍ଞାନର ଅଧିକାରୀ ହୋଇଥିଲେ। ତାଙ୍କ ପିତାମାତା ଏ ବାବଦରେ ତାଙ୍କ ଆଦର୍ଶ ଥିଲେ। ସେ ସମଗ୍ର ପୃଥିବୀ ବାସୀଙ୍କ ଉଦ୍ଦେଶ୍ୟରେ କହୁଥିଲେ - 'ତୁମେ କେତେ ଜ୍ଞାନର ଅଧିକାରୀ ତାହାର ଏକ ମୁକୁଟ କରି ମଥାରେ ପିନ୍ଧି ବୁଲିଲେ ତାହା ଜ୍ଞାନର ସଠିକ ପ୍ରଚାର ହୋଇପାରିବ ନାହିଁ, ତୁମର ଆଚରଣ ଓ ବ୍ୟବହାର ହିଁ ତୁମ ଜ୍ଞାନର ପ୍ରକୃତ ପରିଚୟ।'

ଏହି ଲେଖା ପ୍ରସ୍ତୁତ କରିବା ପୂର୍ବରୁ ବେଦ ପୃଷ୍ଠା ଓଲଟାଇଲାବେଳେ ସେହି କଥା ବେଦରୁ ମଧ୍ୟ ଦେଖିବାକୁ ମିଳିଲା। ଡକ୍ଟର ରାଧାକ୍ରିଷ୍ଣନ ବାଲ୍ୟ କାଳୁ ତାଙ୍କ ପରିବାରରୁ ବୈଦିକ ସଂସ୍କାର ପାଇଥିଲେ ଯେଉଁଥିରେ ତାଙ୍କ ଶୁଦ୍ଧ ଆଚରଣ ଓ ବ୍ୟବହାରରେ ଅତୀବ ସନ୍ତୁଷ୍ଟ ହୋଇ ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ ତାଙ୍କ ଡାକି ଆଣି ଦେଶର ସୁନାମ ବଢ଼ାଇବା ଲକ୍ଷ୍ୟରେ ବିଭିନ୍ନ ଦେଶର ରାଷ୍ଟ୍ରଦୂତ କରାଇଥିଲେ। ସେ ନିଜର ବିଦ୍ୟା ଓ ଗୁଣର ପରିଚୟ ଦେଇ ପ୍ରଥମେ ଉପରାଷ୍ଟ୍ରପତି ଓ ପରେ ରାଷ୍ଟ୍ରପତି ପଦ ଅଳଂକୃତ କରିପାରିଥିଲେ। ସେହି ବେଦଜ୍ଞାନରୁ କିଛି ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ପ୍ରକାଶିତ କରିବାର ସୁଯୋଗକୁ ସଦ୍ ବ୍ୟବହାର କରାଯାଉଛି।

ବେଦ କହନ୍ତି - 'ଯଥା ନଃ ଇଜ୍ଜନୋଦ୍ଧନମୀବଃ।' - ଯଜୁ ୩୩/୮୨ ଅର୍ଥ - ଆମେ ପରସ୍ପର ସହିତ ସୌଜନ୍ୟପୂର୍ଣ୍ଣ ବ୍ୟବହାର କରିବା। ସଜ୍ଜନମାନଙ୍କର ବ୍ୟବହାର, ଉଦାରତା, ସହାୟତା ଏବଂ ସ୍ନେହପୂର୍ଣ୍ଣ ହୋଇଥାଏ। 'ଓଁ ଦେବାନାମପି ପନ୍ଥାମନ୍ଥ' - ଅଥର୍ବ ୧୧/୫୯/୩, ଅର୍ଥ - ଯେଉଁ ପଥରେ ସଜ୍ଜନମାନେ ଯାଆନ୍ତି ସେହି ମାର୍ଗରେ ଚାଲ। ଉଦ୍ଦଣ୍ଡ ଓ ଅନୀତି ପଥରେ ଗଲେ ଦୁଃଖ ମିଳେ। 'ଭଦ୍ରଂ ଭବାତି ନଃ ପୁରଃ' - ଅଥର୍ବ ୫୦/୨୦୬, ଅର୍ଥ - ସୌଜନ୍ୟ ଆମର ପ୍ରଧାନ ନୀତି ହେଉ। ସଜ୍ଜନଗଣ ନିଜ ସ୍ୱାର୍ଥ ନ ଦେଖି ଅନ୍ୟର ସ୍ୱାର୍ଥ ପ୍ରଥମେ ଦେଖିଥାନ୍ତି। 'ଦ୍ୟସତ୍ କୃଣୋଷ୍ୟଧ୍ୱରମ୍' - ଋଗ୍ ୧/୭୪/୪, ଅର୍ଥ - ସଜ୍ଜନମାନେ ସତ୍ କର୍ମରେ ସାହାଯ୍ୟ କରିଥାନ୍ତି। ସତ୍ କର୍ମରେ ସାହାଯ୍ୟ କରିବା ସଜ୍ଜନମାନଙ୍କର ଆବଶ୍ୟକ କର୍ତ୍ତବ୍ୟ ଅଟେ। 'ମଧୁମତୀଃ ମଧୁ ମତୀଭିଃ ସଂପୃଚ୍ୟନ୍ତାଂ' - ଯଜୁ ୧/୨୧, ଅର୍ଥ - ମଧୁର ବାଣୀ କହ, ମିଷ୍ଟଭାଷୀଙ୍କ ସହିତ ରହ। ଯେଉଁମାନେ ମଧୁର ବ୍ୟବହାର କରନ୍ତି ତାଙ୍କ ପାଇଁ ସମସ୍ତେ ଆପଣାର ହୋଇଯାଆନ୍ତି। 'ଘୃତାତ ସ୍ୱାଦୀୟୋ ମଧୁନଶ୍ଚ ବୋଚତ' - ଅଥର୍ବ ୨୦/୬୫/୨, ଅର୍ଥ - ଘୃତ ପରି ଉପକାରୀ ଓ ମହୁ ପରି ମିଠା କଥା କହ। ଯେଉଁମାନେ ମିଷ୍ଟ ବଚନର ମହତ୍ୱ ବୁଝି ପାରିଛନ୍ତି ସେମାନେ ସବୁଠାରେ ସଫଳ ହୋଇଥାନ୍ତି। 'ଅନ୍ୟୋ ଅନ୍ୟସ୍ମୈ ବଲ୍‌ଗୁ ବଦନ୍ତ' - ଅଥର୍ବ ୩/୩୦/୬, ଅର୍ଥ - ପରସ୍ପର ମଧ୍ୟରେ ମଧୁର ବଚନ ବିନିମୟ କର। ମଧୁର ବାଣୀ କହିଲେ କଳହ କମ ହୁଏ ଓ ପ୍ରେମଭାବ ବୃଦ୍ଧି ପାଏ। 'ଅସ୍ୟ ସୂନୃତା ବିରପଶୀ ଗୋମତୀ ମହୀ' - ଋଗ୍ ୧/୩/୮/୮, ଅର୍ଥ - ଯେଉଁ ବାଣୀରେ ସମସ୍ତଙ୍କ ହିତ ହେବ ସେପରି ବାଣୀ କହ। କାହାରି ଅହିତ ହେଲାଭଳି କଥା କହ ନାହିଁ। 'ଶଂ ନଃ ସତ୍ୟସ୍ୟ ପତୟୋ ଭବନ୍ତୁ' - ଅଥର୍ବ ୧୯/୧୭/୧, ଅର୍ଥ - ସତ୍ୟବ୍ରତଧାରୀ ହିଁ ସର୍ବତ୍ର ସୁଖ ଶାନ୍ତି ଉତ୍ପନ୍ନ କରିଥାନ୍ତି। ନିଜେ ସୁଖୀ ରହିବା ଓ ଅନ୍ୟକୁ ସୁଖ ଦେବା କେବଳ ସତ୍ୟ ମାର୍ଗ ଦ୍ୱାରା ହିଁ ସମ୍ଭବ ହୋଇଥାଏ। 'ତମୋ ବ୍ୟସ୍ୟ' - ଅଥର୍ବ ୧୨/୩/୧୨, ଅର୍ଥ - ଅନ୍ଧକାରରେ ପଡ଼ି ରହନାହିଁ। ଯେଉଁ ବ୍ୟକ୍ତି ଅଜ୍ଞାନ ଓ ଆଳସ୍ୟର ଅଧୀନ, ସେ ଅନ୍ଧକାରରେ ରହିଯିବ। 'ଭଦ୍ରଂ କର୍ଣ୍ଣେଭିଃ ଶୁଣୁୟାମ' - ଯଜୁ ୩୦, ଅର୍ଥ - କାନରେ ଭଲ କଥା ଶୁଣ। ଅନ୍ୟର ନିନ୍ଦା ବା ତ୍ରୁଟି ଶୁଣି ନିଜର ସମୟ ନଷ୍ଟ କରନାହିଁ। 'ଧୂୟାସଂ ମଧୁ ସଂଦୃଶଃ' - ଯଜୁ ୩୭, ଅର୍ଥ - ମଧୁରତାର ମୂର୍ତ୍ତିମାନ ପ୍ରତିମା ହୁଅ। କେବଳ ବାଣୀରେ ନୁହେଁ, ବ୍ୟବହାରରେ ମଧ୍ୟ ମଧୁରତାର ସମାବେଶ କର। 'ମିତ୍ରସ୍ୟାହଂ ଚକ୍ଷୁସା ସର୍ବାଣି ଭୂତାନି ସମୀକ୍ଷେ' - ଯଜୁ ୩୬/୧୮, ଅର୍ଥ - ସବୁ ପ୍ରାଣୀମାନଙ୍କୁ ମିତ୍ର ଦୃଷ୍ଟିରେ ଦେଖିବା ଆବଶ୍ୟକ। କୌଣସି ପ୍ରାଣୀକୁ ନୁହେଁ ବରଂ ତାହାର କୁକର୍ମକୁ ଘୃଣା କର। 'ଜ୍ୱିହା ମେ ମଧୁମତ୍ତମା' - ତୈତରୀୟ ୧/୪, ଅର୍ଥ - ମୋ ଜିହ୍ୱା ମିଷ୍ଟ ବଚନ କହୁ। କଟୁ କର୍କଶ ଓ କୁବଚନ କହି ବାଣୀକୁ ଦୂଷିତ କରନାହିଁ। 'ମଧୁମନ୍ମେ ନିକ୍ରମଣ ମଧୁମନ୍ମେ ପରାୟଣମ୍' - ଅଥର୍ବ ୧/୩୪/୩, ଅର୍ଥ - ଯିବା ଆସିବା ସମୟରେ ମଧୁରତା ବର୍ଷା କର। ଯେଉଁଠାକୁ ଯାଅ ସେଠାରେ ପ୍ରେମ ବିସ୍ତାର କର। ଯେଉଁଠାରୁ ଆସ ସେଠାରେ ମଧୁର ସ୍ମୃତି ଛାଡ଼ି ଆସ। 'ତେ ହେଲୋ ବରୁଣ ନମୋଭି' - ଋଗବେଦ ୧/୨୪/୬/୧୪, ଅର୍ଥ - ନମ୍ରତା ଦ୍ୱାରା କ୍ରୋଧକୁ ଶାନ୍ତ କର। କ୍ରୋଧୀ ବ୍ୟକ୍ତି ଏକ ପ୍ରକାର ରୋଗୀ। ତା' ଉପରେ ବିରକ୍ତି ହୁଅନାହିଁ, ଦୟା କର। 'ମା ଯୁଷ୍କହି ମନସା ଦୈବ୍ୟେନ' - ଅଥର୍ବ ୭/୫୨/୨, ଅର୍ଥ - ଦିବ୍ୟ ମନକୁ ଲଢ଼ାଇ ଝଗଡ଼ାରେ ଲିପ୍ତ କରନାହିଁ। ମନର ଦିବ୍ୟ ଭାବର ଉପଯୋଗ ଦ୍ୱେଷ ନୁହେଁ, ପ୍ରେମ ଅଟେ। 'ମା ବିୟୌଷ୍ଟ' - ଅଥର୍ବ ୩/୩୦/୫, ଅର୍ଥ - ବିଭେଦ ବଢ଼ାଅ ନାହିଁ। ଭାଙ୍ଗି ଯାଇଥିବା ଜିନିଷକୁ ତିଆରି କର। ଅଭିମାନ କରିଥିବା ଲୋକର ମାନ ଭଞ୍ଜନ କର। 'ନା ନୋ ଦ୍ୱିକ୍ଷତ କଶ୍ଚନ' - ଅଥର୍ବ ୧୨/୧/୧୮, ଅର୍ଥ - କାହା ପ୍ରତି ଆମର ଶତ୍ରୁତା ନ ରହୁ। ଯେଉଁଠାରେ ଶତ୍ରୁଭାବ ରହେ, ସେଠାରେ ନିଆଁ ଜଳେ। 'ସହଭାକ୍ଷାଃ ସ୍ୟାୟ' - ଅଥର୍ବ ୬/୪୭/୧, ଅର୍ଥ - ମିଳିମିଶି ଭୋଜନ କର। ଅଲଗା ଖାଇବା ନୀଚତାର ଚିହ୍ନ। 'ସତ୍ୟାୟବିବ ସଚାବ ହୈ' - ଅଥର୍ବ ୨/୪୨/୧, ଅର୍ଥ - ପରସ୍ପର ମିତ୍ର ଭଳି ରହ। ସାଥି ମାନଙ୍କ ସହ ମିତ୍ର ଭଳି ବ୍ୟବହାର କର।

ବୈଦିକ ନୀତି ଅନୁଯାୟୀ ଜୀବନଯାପନ କଲେ ସର୍ବଶ୍ରେଷ୍ଠ ଫଳ ଲାଭ ହେବ, କାରଣ ବୈଦିକ ଜ୍ଞାନ ହିଁ ଶ୍ରେଷ୍ଠ ଜ୍ଞାନ। ଭାରତର ପୂର୍ବ ଐତିହ୍ୟ, ଭାରତୀୟ ସଂସ୍କୃତିର ମୂଳାଧାର ବେଦ ଭଗବାନଙ୍କ ଦ୍ୱାରା ଋଷିମାନଙ୍କ ଜରିଆରେ ସମଗ୍ର ମାନବ ଜାତିର ଉଦ୍ଧାରଣ ପାଇଁ ପ୍ରଦତ୍ତ। ତାହାର ପୁନରୁଦ୍ଧାର କରିବା ପାଇଁ ଭଗବାନ ବାବା ଯେଉଁ ସଂକଳ୍ପ କରିଥିଲେ, ଯାହାକୁ ଅଗ୍ରଗତି ଦେଇ ସମ୍ପୂର୍ଣ୍ଣ ଅଜ୍ଞ ଓ ଅଚେତନ ମାନବକୁ ବୈଦିକ ମନ୍ତ୍ରର ସ୍ପର୍ଶ ଦେଇ ସଚେତନ କରିଥିଲେ, ତାହାକୁ ଆଗକୁ ଆଗକୁ ନେବା ପାଇଁ ଆମ୍ଭ ମାନଙ୍କୁ ଦାୟିତ୍ୱ ଦେଇଥିଲେ, ତାହା ସମ୍ଭବ ହୋଇପାରିବ, ଆମେ ବୈଦିକ ଜ୍ଞାନ ଓ ଉପଦେଶର ପ୍ରସାର ଓ ବ୍ୟବହାର କରାଇ ପାରିଲେ। ଭଗବାନଙ୍କ ତୃପ୍ତି ଓ ଆମ ଜୀବନର ଅଗ୍ରଗତି ଲକ୍ଷ୍ୟରେ ଧୀରେ ଧୀରେ ଅଗ୍ରସର ହେବା ବିଜ୍ଞତାର ପରିଚୟ ହେବ। ଆସନ୍ତୁ, ଆମ୍ଭେମାନେ ହାତକୁ ହାତ ମିଳାଇ ଭଗବାନଙ୍କୁ ସଂକଳ୍ପକୁ ସାକାର କରିବା ପାଇଁ ସବୁମନ୍ତେ କରିବାର ପ୍ରୟାସ ଜାରି ରଖିବା।

+ସଂପାଦକ, 'ଶ୍ରୀ ସତ୍ୟସାଇ ବାଳବିକାଶ', ଅଲିଶା ବଜାର, କଟକ,
ମୋ : ୯୩୩୭୨୪୨୯୫୫




### କହିପାରିବ କି କିଏ ?
**ନିରଞ୍ଜନ ସାହୁ**

ବେଳେବେଳେ ମୁହିଁ ନିଜକୁ ପଚାରେ
ପ୍ରକୃତରେ ମୁହିଁ କିଏ
କେଉଁଠୁ ଆସିଛି କେଉଁଆଡେ ଯିବି
ସେ ପ୍ରଶ୍ନ ଶୋଇ ନ ଦିଏ ।

ଜୀବନରେ ଯଦି ଆବିର୍ଭାବ ଅଛି
ତିରୋଧାନ ନିଶ୍ଚେ ଥିବ
ଏ ଜୀବନ ଦିନେ ଘଟ ଛାଡ଼ିଦେଇ
ତା ବାଟେ ବାହୁଡ଼ି ଯିବ
ଜୀବନ ତାହେଲେ କିଏ ଦେଇ ପୁଣି
ତାକୁ ବାହୁଡ଼ାଇ ନିଏ ?

ଅନେକ ଲୋକଙ୍କୁ ଏ ପ୍ରଶ୍ନ ପଚାରି
ଯାହା ମୁଁ ଉତ୍ତର ପାଏ
ସେ ଉତ୍ତର ମୋତେ ସନ୍ତୋଷ ଦିଏନା
ମନଦୁଃଖରେ ମୁଁ ଥାଏ

ଏ ପ୍ରଶ୍ନ ଉତ୍ତର ଯଦି କେ' ଜାଣିଛ
କହୁନ କିଏସେ ସିଏ ?

ସଠିକ ପ୍ରମାଣ କାହାଠୁଁ ମିଳେନି
ଯାହା ମିଳେ ମନଗଢ଼ା
କିଏ କହିଥାନ୍ତି ପୋଥି ପୁରାଣରୁ
ଯାହା କରିଥାନ୍ତି ପଢା
ମୁଁ କହେ ତାହାଙ୍କୁ ଦେଖାଇ ପାରିବେ
ଦେଖିଅଛ ଅବା ଯିଏ ।

ଜୀବନ ମୃତ୍ୟୁର ରହସ୍ୟ ଭେଦିବା
ନୁହଁଇ ସହଜ କଥା
ସେ କଥା ଭାବିଲେ ମନ ଭାରାକ୍ରାନ୍ତ
ଘୁରି ଯାଇଥାଏ ମଥା
ରକ୍ତଚାପ ମୋର ବଢିଯିବା ଯୋଗୁଁ
ପଥି ଖାଇ ଜଳ ପିଏ ।

ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ --- ୭୫୯୦୧୬
ମୋ :-- ୯୯୩୮୭୪୧୫୮୩

### ମୟୂରକଣ୍ଠି ଶାଢ଼ିଟେ ପିନ୍ଧିଛି
**ହରିଶ୍ଚନ୍ଦ୍ର ବେହେରା**

ମୟୂରକଣ୍ଠି ଶାଢିଟେ ପିନ୍ଧିଛି
ତମରି ଲାଗି ହେ ପ୍ରିୟ
ଯାହାତ ମାଗିଛ ମନା କରିନାହିଁ
ଆଉ କିସ ନେବ ନିଅ ।

ଗୋପ ସାରା ଆଜି ନାଗରା ବାଜୁଛି
କଳଙ୍କିନୀ ରାଧା ବୋଲି
ନ ଲୁଚେଇ କିଛି ସବୁ ଦେଖେଇଲି
ସାରା ଅନ୍ତର୍ବାସ ଖୋଲି
କିଏ ବା ପରତେ ଯାହା ଯେତେ କଲି
ଏତେ ଦୁଃଖ କିଆଁ ଦିଅ !

ପାଗଳିଣୀ କିଆଁ କଲ ମୋତେ ପ୍ରିୟ
ପ୍ରାଣ ମୋର କଲ ଚୋରି
ସୁନ୍ଥାରେ ନାଇଛି ସିନ୍ଦୂର ବିନ୍ଦୁ ମୁଁ
ମିଛେ ପତିବ୍ରତା ନାରୀ
ସତୀ କି ଅସତୀ ତମେତ ଜାଣିଛ
ଛାଇ ପରି ପଛେ ଥାଅ ।

କେତେ ରୂପ ଧରି ଆସ ମୋ ପାଖକୁ
କର କେତେ କଳବଳ
ତୁମକୁ ପାଇବା ଲାଗି ପିନ୍ଧି ନିଏ
ସାରା ଆକାଶର ନୀଳ
କହି ପାରିଲିନି ଥରେ ବି ତମକୁ
ମୋ ଦୁଆରୁ ଯାଅ ଯାଅ ।

+ କଲ୍ୟାଣ ନଗର,
ବାଲେଶ୍ୱର -୧
ମୋ -୯୪୩୭୮୧୩୭୦୮

### ସବୁ ଏଠି ଅଛି
**ପ୍ରଦେଶ ପ୍ରତ୍ୟୁଷ**

ଧାଁ ଦୌଡ଼ର ଏହି ପ୍ରତିଯୋଗିତାରେ
ଥରେ ଭାବିବା ଦରକାର –
ସମ୍ପର୍କ, ବିଶ୍ୱାସ ଓ ସମୟ ...
ଜୀବନର ପ୍ରକୃତ ସମ୍ପଦ ।

ଯଦି ସଂପର୍କ ଓ ସମର୍ପଣର ଭାବ ନାହିଁ,
ଅର୍ଥ ରୋଜଗାର କରି କ'ଣ ଲାଭ ?
ଆସ ଟିକେ ନିଜ ଲୋକଙ୍କ ସହ
ସମୟ ବିତେଇବା
ଜୀବନକୁ ପୁଣି ସୁନ୍ଦର କରି
ଗଢି ତୋଳିବା ...।

କେତେବେଳେ ସରିଯିବ ଏ ଜୀବନ
କିଏ ଜାଣିଛି
କେତେବେଳେ ରହିଯିବ ଏ ନିଃଶ୍ୱାସ
କିଏ ଦେଖିଛି ...
ଯିବା ଆସିବାର ଏ ଦୁନିଆ
ନିତ୍ୟ ଅନିତ୍ୟର ଚକ୍ରବ୍ୟୁହ ଚାଲିଛି ...।

ମଣିଷ ଛନ୍ଦି ହେଉଥାଏ ପ୍ରତିକ୍ଷଣେ
ସବୁ ଏଠି ଅଛି
ପୁଣି କିଛି ନାହିଁ
ମରିଚିକାର ଚୋରାବାଲିରେ
ଚାଲିବାକୁ ହୁଏ -
ସାରା ଜୀବନ ...।

+କୁରୁମଟାଙ୍ଗର, ମହୁଲ ପଡ଼ା,ଢେଙ୍କାନାଳ
ମୋ: ୭୦୦୮୪୩୧୨୫୭

### ବୀର ଗାଥା ବିକ୍ରମ ବାତ୍ରା
**ଅସୀମା ପ୍ରଧାନ**

ଭାରତ ମାଟିର ବୀର ସନ୍ତାନ
ଅଜୟ ତୁମେ ଅପରାଜୟ
ଦେଶର ସୁରକ୍ଷା କରିଛ ତୁମେ
ଶତ୍ରୁଠାରେ ରଖି ତୀକ୍ଷ୍ଣ ଲୟ।

ଧୌର୍ଯ୍ୟ ସାହାସ ଓ ନିଷ୍ଠା ତୁମର
କରି ହେବ ନାହିଁ ତ ବର୍ଣ୍ଣନା
ସୁରକ୍ଷିତ ଆମେ ସବୁ ସମୟେ
ତୁମର ତ୍ୟାଗ ପାଇଁତ ସିନା।

ଅତୁଳନୀୟ ସାହାସ ତୁମର
ଶକତି ସାମର୍ଥ୍ୟ ଶୌର୍ଯ୍ୟ ଧାରୀ
ଅସୀମ ଆତ୍ମତ୍ୟାଗ ବଳିଦାନେ
କେହି ହେବେ ନାହି ତୁମ ସରି।

ଡରି ନାହଁ ତୁମତ ହାରି ନାହଁ
ଚରମ ନିର୍ଭିକ ତୁମେ ବିକ୍ରମ
ପରମବୀର ଚକ୍ର ସେ ଉପାଧି
ଦେଖାଉଛି ତୁମ ପରାକ୍ରମ।

ଅନେଶତ ମସିହା ସମର ର
ଅସୀମ ବଳିଦାନ ଦେଇଣ
ରଖିଗଲ ଯଶ ନାମ ତୁମରି
କରି ପରାକାଷ୍ଠା ପ୍ରଦର୍ଶନ।

ପ୍ରଚଣ୍ଡ ଦେଶପ୍ରେମ ତୁମ ଦେଖି
ଆପେ ହୋଇଯାଏ ମଥାନତ
ବିକ୍ରମ ବତ୍ରା ଆମର ରହିବେ
ଗୁଣ ଗାନ କରୁଛି ଭାରତ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
୧୧ ନଭେମ୍ବର ୨୦୨୫, ମଙ୍ଗଳବାର

# କବିତାମାଳା

## ମୁଁ
### ସ୍ନିଗ୍ଧା ପଣ୍ଡା



ମୁଁ କବାଟ ବନ୍ଦକରେ
ତାଲା ଦିଏ
ଓ ଚାବିକୁ ତମ ହାତକୁ
ବଢେଇ ଦିଏ
ତମେ କୁହ ଭଲ ।

ଏବେ ଘର ଭିତରେ
ତମର ମହାନତା ନେଇ
ମୁଁ ଲେଖେ
ଗୀତ ଗାଏ
ପ୍ରସାଦ ରାନ୍ଧେ
ଆଉ ନିଜକୁ ବାଢି ଦିଏ
ନୈବେଦ୍ୟ କରି
ତମେ କୁହ ଭଲ ।

ମୁଁ ଆୟୁଷ ଢାଳେ
ସଂସାର ପାଳେ
ପାଚେରି ଡେଇଁ
କେବେ କେମିତି ଆସୁଥିବା
ଶବ୍ଦର କ୍ଷୀଣ ବାସ୍ନା
ଛୁଇଁବା ଆଗରୁ
ମୁଁ ଉପଭୋଗ କରୁଥାଏ
ନିର୍ବାଣକୁ ସବୁଠାରେ
ତମେ କୁହ ଭଲ ।

ମୁଁ ଲୁଚେଇ ରଖେ
ଶାଢୀ ତଳେ ଦାଗ
ଆଖି ତଳେ ସ୍ୱପ୍ନ
ହସ ତଳେ ଭୋକ
ପାଦତଳେ ରକ୍ତ
ପାପୁଲି ତଳେ କ୍ଷତ
ତମେ କୁହ ଭଲ ।

ଦିନେ ମୁଁ ଝର୍କା ଖୋଲେ
ବାହାରେ ଦେଖେ
ଚେନାଏ ଆକାଶ
କେରାଏ ଆଲୁଅ
ଇଚ୍ଛା କରେ
ଛୁଇଁବି ବୋଲି
ତମେ କୁହ
ଝର୍କା ଖୋଲିବା ଖରାପ
ଆକାଶ ଦେଖିବା ଖରାପ
ଆଲୁଅକୁ
ଛୁଇଁବା ଖରାପ ।

ବୁଝିଯାଏ ଏଥର
ମୁଁ ମୋର ମୁଁ ନୁହେଁ
ବରଂ
ଘର ଓ ଆକାଶ
ଅନ୍ଧାର ଓ ପ୍ରକାଶ
ମତେ ବନେଇ ଦେଉଥାଏ
କେବେ ଭଲ
କେବେ ଖରାପ ।

♥ମୋ-୯୮୬୧୩୨୩୬୫୦

## ଚନ୍ଦ୍ରମାକୁ ଚିଠି
### ସ୍ୱାଗତ ମିଶ୍ର



ଚନ୍ଦ୍ରମା !
ପ୍ରାଣର ପ୍ରିୟତମା ମୋର,
ତୋ ହୃଦୟର ଗଭୀରତମ କୋଣରେ
ମୋ ପାଇଁ ସାଇତା ଥିବା ପ୍ରୀତି ଅନୁରାଗରୁ
ମତେ କେବେ କରି ଦେବୁନାହିଁ ଦୂର ।

ତୋ ଠାରୁ ଥିଲେ ବି ଯେତେ ଦୂରେ
ସ୍ୱଦେହରେ ହେଉ କି ଅଶରୀରେ
ଏପାରିରେ ହେଉ ଅବା ସେପାରିରେ
ଭାବିବୁନି ନିଜକୁ ଏକାକିନୀ କେବେ
ଛାଇ ପରି ପାଖେ ପାଖେ ଥିବି
ତୋ ହସରେ...ତୋ ଲୁହରେ...
ତୋ ସ୍ୱପ୍ନରେ...ତୋ ସ୍ମୃତିରେ...
ତୋ ହୃଦୟର ପ୍ରତି ସ୍ପନ୍ଦନରେ...
ସେଦିନ ରଥବାବୁ କହିଥିଲେ ତାଙ୍କ ଚନ୍ଦ୍ରାକୁ
ସେ ଚାଲିଗଲା ପରେ ଆଉ
ଦ୍ୱିତୀୟ ନହେବାକୁ,
କିନ୍ତୁ ଚନ୍ଦ୍ରା କଲା କ'ଣ ?

ଶାଗ ମାଛ ଦରରେ ପ୍ରତିଦିନ
ବିକୁଥିଲା ନିଜକୁ।

ଚନ୍ଦ୍ରମା !
ତତେ ମୋର ରହିଲା ରାଣ,
ମୋ ମଥା ଛୁଇଁ କଥା ଦେ
ଆଖିର ଲୁହକୁ ଓଠରେ ପିଇବୁ
ପାରିବୁ ଯଦି ଭୋକିଲା ପେଟରେ
ଢାଙ୍କି ଓଦାକନା ବଞ୍ଚିଯିବୁ କିଛିଦିନ,
ମୁଁ ମଲେ ଦ୍ୱିତୀୟ ତୁ ହେବୁ ପଛେ
ଚରିତ୍ରରେ କଳଙ୍କ ଲଗାଇବୁ ନାହିଁ
ଅପାତ୍ରରେ କେବେ କରିବୁନି ଦେହଦାନ ।

ମୁଁ ଜାଣେ, ତୁ ଶାନ୍ତ କରିଦେବୁ
ତୋ ଭୋକକୁ ଘିଅ ମିଶା ମୁଠେ ଖେଚୁଡ଼ିରେ
ପୁଣିଥରେ ନୂଆକରି ଗଢ଼ିଦେବୁ
ସୁନାର ସଂସାରଟିଏ ତୋ ପ୍ରେମ ପରଶରେ,
ହେଲେ କାହା ଆଗେ ନିଲାମ କରିବୁନି
କ୍ଷଣିକ ସୁଖ ଓ ସମ୍ଭୋଗ ନିମିତ୍ତ
ନିଜ ଜୀବନର ସଂଚିତ ସମସ୍ତ ଯୌବନକୁ,
ତୋ ଚାରିପାଖେ ନିତି ଘୁରି ବୁଲୁଥିବେ
କେତେ ଦେହଲୋଭୀ ରାକ୍ଷସ
ପାରିବୁନି ମେଣ୍ଟାଇ ସେମାନଙ୍କ
ଶୋଷ ଓ ଅବସୋସକୁ।

ଚନ୍ଦ୍ରମା !
ଶେଷରେ ପଦେ କହିବି ରଖିବୁ,
ପ୍ରେମ ମିଥ୍ୟା, ମୃତ୍ୟୁ ସତ୍ୟ
ମୃତ୍ୟୁ ଠାରୁ ପ୍ରେମ ଭୟଙ୍କର
ଏ ଜୀବନ ତ କ୍ଷଣସ୍ଥାୟୀ
ଗୋଟିଏ ରାତିର ଦୁଃସ୍ୱପ୍ନ
ମନେ କରି ଅତୀତକୁ,
ଚରମ ନିଷ୍ପତ୍ତି ନେବା ଆଗରୁ ଥରେ ଭାବିବୁ
ଏଠି ଆତ୍ମହତ୍ୟା ବେଶୀ ସହଜ ଲାଗେ
ଅନେକ କଷ୍ଟ ସହିବାକୁ ପଡ଼େ ଜିଇଁବାକୁ,
ଜୀବନ ଯୁଦ୍ଧରେ ସାଜିବାକୁ ହୁଏ
ସାରଥୀ ନିଜ ରଥରେ
ଧାବମାନ ମନ ଘୋଡ଼ାର ଲଗାମ
ଅଛି ତୋ ହାତରେ,
କେଉଁ ପଥେ ବାହିନେବୁ ତୋ ଜୀବନ
ରୁକୁଣା ରଥକୁ....

♥ପଦ୍ମାଦେଈପୁର, ନୟାଗଡ଼
ମୋ: ୯୯୩୮୭୬୧୨୨୪

## ଦୁଇପଦ ପ୍ରେମ କଥା
### ସୁଧାଂଶୁ ଶେଖର ମିଶ୍ର



ଯେବେ ଭଣ୍ଡାର କଣ୍ଣୁ ମେଘଟେ ଉଠାଏ
ଲାଗେ ଘର ଲୋକ ଯିଏ ଯୁଆଡ଼େ ଯାଇଛନ୍ତି
ଫେରିଆସନ୍ତେ ଆକାଶରୁ
ମେଘ ଖସିବା ଆଗରୁ
ଗାଇଟି ବି ଖୋଜି ବୁଲେ ତା'ର ?
କଅଁଳା ବାଛୁରୀଟିକୁ
ଗୁହାଳରୁ ଗୁହାଳକୁ ।

ବର୍ଷା ହୁଏ, ଛାଡିଯାଏ
ଝଡ଼ ଆସେ, ଥମିଯାଏ
ଗହଳିଆ ପତ୍ର ତଳେ ମୁଣ୍ଡ ଗୁଞ୍ଜିଥିବା
ଚଢ଼େଇ ମାନେ ବି
ଉଡ଼ିଯାନ୍ତି ଆକାଶକୁ ଝାଡ଼ିଝୁଡ଼ି ହୋଇ
ସେପଟେ ପକ୍ଷୀଶାବକଙ୍କ ନାଲି ନାଲି ଆଁ
ଅନେଇଥାଏ କାହାକୁ

ସିଜୁ ବୁଦା ମୂଳେ ବସି
ପଚାରନ୍ତି ରାଇଜ ବାରତା
ବେଙ୍ଗ ଓ ବେଙ୍ଗୁଲି।

ଭୟଙ୍କର ଟ୍ରେନ୍ ଏକ୍ସିଡେଣ୍ଟ !
ପୋଲିସ୍ ହେପାଜତରେ ଥିବା
ଧଳାକନା ଘୋଡା ଶବମାନଂକ ଭିତରେ
ନ ଥାନ୍ତୁ ମୋର କେହି ଆପଣାର ।
ନିରୁଦ୍ଦିଷ୍ଟ ବ୍ୟକ୍ତିଙ୍କ ସୂଚନା !
ଟି.ଭିରେ ନଆସୁ ମୋର
କେହି ଆତ୍ମୀୟର ସ୍ଥିରଚିତ୍ର
ଇରାନ୍ ଇସ୍ରାଏଲ ଯୁଦ୍ଧରେ
ଫସି ରହିଥିବା ଲୋକଙ୍କ ଭିତରେ
ନଥାଉ ଦିନକାକାଙ୍କ ବଡ଼ ପୁଅ ସୁରଜ୍ ।

ଶହ ଶହ ବର୍ଷ ଧରି ଏକ ନିର୍ଦ୍ଦିଷ୍ଟ ଜଳାଶୟରେ
ପହଁରୁଥିବା କୁଡୋ ମାଛ ଠିକଣା ବଦଳାନ୍ତିନି
ଶୀତ ଆସିଲେ ସାଇବେରିଏନ୍
ଚଢ଼େଇଟି ବି ଉଡ଼ି ଆସେ
ହଜାର ହଜାର ଦୂର ଅତିକ୍ରମ କରି
କେଉଁ ଏକ ଅଜଣା ଆକର୍ଷଣରେ ।

ଏ ଏକ ଗଭୀର ଅନୁରାଗ
ତୁମ ସହ ମୋର, ମୋ ସହ ତୁମର - ତାଙ୍କର
ଏ ଏକ ନିବିଡ଼ ବନ୍ଧନ
ମାଟି ପାଣି ପବନ ଅଗ୍ନି ତେଜ ଆକାଶ ସହ
ସଚରାଚର ଜଗତର ।

♥ ଧନୁପାଲି, ସମ୍ବଲପୁର
ମୋ : ୯୮୬୧୪୦୯୦୪୫

## ଯେବେ ସପନରେ
### ପୁଷ୍ପାଞ୍ଜଳି ପଣ୍ଡା



ଯେବେ ସପନରେ
ଆସ ଗୋପନରେ
ସତ ପରି ଲାଗେ ମତେ ।
ରାତି ସାରା ଭାବେ
ତୁମେ ଅଛ ପାଖେ
ଡ଼ରିବି କାହିଁକି ଏତେ ।
ଦୁଃଖ ସହ ଲୁହ
ସୁଖ ସାଥେ ଖୁସୀ
ସବୁ ତୁମ ଦାନ ପରା ।
ବିଶ୍ୱାସ ରଖିଛି
ଆଶ୍ରା ବି ମିଳିଛି
ବଞ୍ଚିଛି ଜୀବନ ସାରା ।
ତୁମ ପ୍ରେମ ଘାରେ
ମତୁଆଲା କରେ
ବାସ୍ନାରେ ମୁଁ ବାଇ ହୁଏ ।
ତୁମ ମିଠା କଥା
ଚନ୍ଦନ ଲେପରେ
ଯନ୍ତ୍ରଣା ମିଳେଇ ଯାଏ ।
ଦେଖା ନ ମିଳିଲେ
ଉଦାସରେ ଭରେ
ମନ, ଆଉ ଆଖି ମୋର ।
ଖୋଜେ ଖାଲି ତବ
ଅଭୂଲା ଚେହେରା
ଝରାଇ ଲୁହର ଧାର ।
ସବୁଜାଣି ଶୁଣି ଅବୁଝା ହୁଅନା
ପ୍ରାଣପ୍ରିୟ ପ୍ରିୟତମ ।
ପ୍ରେମେ ଭିଜା ମନ ମାନିବ
ଦେଖିଲେ,
ତୁମ ରୂପ ସେତ ଅନୁପମ ।

♥କେନ୍ଦ୍ରାପଡ଼ା

## କଲମ ମୋହର
### ଜେନା ପ୍ରଦୀପ



କଲମ ମୋହର ଚିର ସହଚର
କଲମ ମୋହର ସାଥୀ
ଧରିଲେ ହାତରେ କଲମକୁ ମୁହିଁ
ଭୁଲିଯାଏ ଦିନରାତି।

ନିସଙ୍ଗତା ଯେବେ ଛାଇଯାଏ ମୋତେ
ଦିଏ କଲମକୁ ଚାହିଁ
ହସି ହସି ମୋତେ କଲମ କହଇ
ଶୋଚନା କରନି ଭାଇ
ତୁମ ଯାତ୍ରାପଥେ ରହିଥିବି ସାଥେ
ଭୁଲିଯାଅ ଭୟଭ୍ରାନ୍ତି।

ମୋ ମନର କଥା ମୋ ମନର ବ୍ୟଥା
ବୁଝଇ କଲମ ସିନା
ରୂପ ଦିଏ ସିଏ ଭାବନାକୁ ମୋର
ନିଃସ୍ୱ ମୁଁ କଲମ ବିନା
କେବଳ ତା ପାଇଁ ପାଉଅଛି ମୁହିଁ
କେତେ ଶ୍ରଦ୍ଧା କେତେ ପ୍ରୀତି।

♥ଲକ୍ଷ୍ମୀପାଦ, ପ୍ଲଟ ନଂ ୩ଇ ୧୦୧୮
ସେକ୍ଟର ୧୩, ମର୍କତନଗର (ସିଡିଏ)
କଟକ,
ମୋ - ୯୯୩୮୫୨୦୩୭୧

## ମନର ବଗିଚା
### ଡଃ ମାଙ୍ଗଳିକା ମହାପାତ୍ର



ହୃଦୟ ଭିତର ଏ ବଗିଚା
ନୀରବ, ନିଷ୍ଚଳ, ସବୁଜ
ଝଡ ଆସେ, ଚାଲିଯାଏ
କିଛି ଫୁଲ ଝଡିଯାଏ
କିନ୍ତୁ ଗଛ ସେମିତି ଛିଡ଼ା ହୋଇଥାଏ
ନୀରବ, ନିଷ୍ଚଳ, ସବୁଜ...

କେବେ କେବେ ବଗିଚାର ଫୁଲ
ତା କୋମଳ ପାଖୁଡ଼ା ଗୁଡ଼ିକୁ ମେଲାଇ ଦିଏ
ସୂର୍ଯ୍ୟର ତାପକୁ ଅନୁଭବ କରେ
କେବେ କେବେ ସେ ମନର
ନିବୁଜ କୋଠରୀ ଅନ୍ଧକାରରେ
ଅସୁମାରୀ ସ୍ୱପ୍ନ ଦେଖେ

ଅନ୍ଧାର ଆଉ ଆଲୋକ
ଆଲୋକ ଆଉ ଅନ୍ଧାର
ଏଇମାନେ ହିଁ ତ
ଜୀବନର କୋମଳ ଗାନ୍ଧାର

ସେ ଫୁଲ ଗଛକୁ
ସହାନୁଭୂତିର ଜଳରେ ସିଞ୍ଚନ କର
ଆନ୍ତରିକତାର ସ୍ୱର୍ଶ ଦିଅ,
ସୂର୍ଯ୍ୟର ଆଲୋକ ଦିଅ...

ଝଡର ଆଘାତ ସହି
ଥୁଣ୍ଟା ସେଇ ଗଛରେ
ପୁଣି ଗଜୁରି ଉଠୁ କଅଁଳ ପତ୍ର,
ମନୋରମ ପ୍ରସ୍ଫୁଟିତ କଳିକା

ଜୀବନ ଉଦ୍ୟାନରେ ଥିବା
ପଚାସଢ଼ା ପତ୍ର ଗୁଡ଼ିକର ଗନ୍ଧରୁ
ମୁକ୍ତି ଦେବା ପାଇଁ ଜନ୍ମ
ନେଇଛି ତ ସେ ଫୁଲ...

ଫୁଲର କଣ୍ଟା କୁ ନଡରି
ନିଜ ଭିତର ମାଳୀକୁ
ଉତ୍ସର୍ଗୀକୃତ କରିଦିଅ
ଫୁଲର ସେ ନୈସର୍ଗିକ
ସୌନ୍ଦର୍ଯ୍ୟକୁ ତୋଳି ଧରିବାକୁ..

ମନ ଭିତରର ବଗିଚା
ଥାଉ ଚିରଦିନ
ନୀରବ, ନିଷ୍ଚଳ, ସବୁଜ..ହରାଭରା...

## ମନର ବଗିଚା
### ମନୋଜ କୁମାର ମେହେର



ପ୍ରେମର ପହିଲି ଚିଠି
ପ୍ରେମର ପହିଲି ଚିଠିଟି ମୋହର
ପାଲଟି ଯାଇଛି ସ୍ମୃତି,
ଯେତେ ଭୁଲିଲେ ବି ଭୁଲିତ ହେଉନି
କନ୍ଦାଉଛି ଦିନରାତି ।

ସପନର ଘର ତୋଳିଥିଲୁ ଦୁହେଁ
ଭାଙ୍ଗିଗଲା ଅଦିନରେ,
ଅତୀତର ଚିଠି ସ୍ମୃତି ହୋଇ ଅଛି
ରଖିଛି ମୋ ହୃଦୟରେ ।

ପ୍ରଥମ ପ୍ରେମର ପ୍ରଥମ ଚିଠିଟି
ଯତନେ ସାଇତି ରଖି,
ନିରୋଳା ମୁହୂର୍ତ୍ତେ କେବେ ଦିନେ କାଳେ
ବୁଲାଇ ଦିଏ ମୁଁ ଆଖି ।

ସାଧା କାଗଜରେ ଲେଖା ଦୁଇ ଧାଡ଼ି
ସତେ କି ଅମୂଲ୍ୟ ରତ୍ନ,
କାଳେ କେବେ କିଆଁ ନଷ୍ଟ ହେବ ବୋଲି
ନେଉଛି ତାହାର ଯତ୍ନ ।

ଚିଠିକୁ ତୁମର ପଢ଼ି ଦେଲେ ସତେ
ଦିଶୁଥାଏ ତୁମ ଛବି,
ଉଦାସି ମନରେ ସୁଖ ଟିକେ ମିଳେ
ତୁମ କଥା ଭାବିଭାବି ।

ପଲକ ପଡେନି ଆଖିରେ ମୋହର
ଚାହିଁ ଚାହିଁ କଟେ ରାତି,
ମଧୁ ପ୍ରଣୟର ପ୍ରିତୀର ସେ ଚିଠି
ସତେ ସେ ଅଭୁଲା ସ୍ମୃତି ।

♥ବଣ୍ଡାକୁଟୁରା, ଜୁନାଗଡ଼
କଳାହାଣ୍ଡି
ମୋ-୯୩୩୭୭୯୩୧୫୭

## ପିଠା ଆମ ଗରବ
### ଦିଲ୍ଲୀପ କୁମାର ସାହୁ



ଓଡିଆ ଘରର ଜାତି ଜାତି ପିଠା
ସୁଆଦିଆ ଲାଗେ ଭାରି
ଆରିସା କାକରା ମଣ୍ଡା ପୋଡପିଠା
ଛୁଞ୍ଚି ପତ୍ର ସପ୍ତପୁରି ।

ରଜ ର ମହକ ପୋଡପିଠାରେ ଲୋ
ହସ ଖୁସି ବଣ୍ଟାକୁଣ୍ଟା
ଛେନା ନଡ଼ିଆ କୁ ଚାଉଳ ଚୂନାରେ
ହାଣ୍ଡି ଗୁଡ ହୁଏ ଫେଣ୍ଟା ।

ତଳୁ ନିଆଁ ପୁଣି ଉପରୁ ତ ନିଆଁ
ସୋଦୁଅ ଯେ ପୋଡ଼ ଖାଏ
ରାତି ସାରା ପୋଡ ଖାଇ ସକାଳକୁ
ପୋଡ଼ ପିଠା ହୋଇ ଯାଏ ।

ଓଷା ବ୍ରତ ପୂଜା ପର୍ବ ପର୍ବାଣୀରେ
ଭୋଗ ଲାଗେ ମଣ୍ଡା ପିଠା
ଛେନା ନଡ଼ିଆକୁ ବୁଟ ମୁଗ ପୁର
ଅମୃତଠୁ ବଳି ମିଠା ।

ଚକୁଳି ପିଠାରେ ସଭିଙ୍କ ଆଦର
ସବୁ ପରବରେ ହୁଏ
ଚାଉଳ ସାଥିରେ ବିରି ବଟାଯାଇ
ଚକୁଳି ପିଠା ତ ହୁଏ ।

ମହାପ୍ରଭୁ ଙ୍କର ଛପନ ଭୋଗରେ
ଛୁଞ୍ଚି ପତ୍ର ଲାଗି ହୁଏ
ମାଆ ଲକ୍ଷ୍ମୀଙ୍କର ମାଣ ଓଷାରେ ବି
ଭୋଗ ସେତ ହୋଇ ଥାଏ ।

ପବିତ୍ର ଶ୍ରାବଣ ଅମାବାସ୍ୟା ସେତ
ଚିତାଲାଗି ଅମାବାସ୍ୟା
ଚିତୋଉ ପିଠା ତ ଭୋଗ ହୋଇଥାଏ
ଗୀତ ଗାଉଥାଏ ବର୍ଷା ।

ଭାଦ୍ରବ ମାସର ଅମାବାସ୍ୟାରେ ତ
ସପ୍ତପୁରି ପିଠା ଭୋଗ
ମହାପ୍ରଭୁଙ୍କୁ ତ ଲାଗି ହୋଇଥାଏ
ସାତ ପୁରେ ନଇବେଦ୍ୟ ।

ପ୍ରଥମା ଅଷ୍ଟମୀ ପୋରୁହାଁ ହୁଅନ୍ତି
ବଡ ପୁଅ ବଡ ଝିଅ
ଏଣ୍ଡୁରି ପିଠା ତ ଘରେ ଘରେ ହୁଏ
ପୂଜା ହୋଇଥାନ୍ତି ଦିଅଁ ।

ଆରିସା ପିଠା ତ ଆଗ ଦରକାର
ବିବାହ ବ୍ରତରେ ଆମ
ମାଆ ହାତ ଗଢା ଏହି ପିଠା ଆମ
କିଏ ହେବ ତାର ସମ ।

ଆରିସା ପରିକା କାକରା ପିଠା ଲୋ
ପର୍ବ ପର୍ବାଣୀରେ ହୁଏ
ଚାଉଳ ଚୁନା ରେ ଗୁଡ ଗୋଳାଯାଇ
କାକରା ଯେ ଛଣାଯାଏ ।

ଏମିତି କେତେ ଯେ ପିଠା ମିଠା ଆମ
ସହଜେ ହେବନି ଗଣି
ଗଉରବ ଆମ ଗରବ ଏ ପିଠା
ସ୍ନେହ ଶ୍ରଦ୍ଧା ଯାଏ ବୁଣି ।

♥ଶଙ୍କରପୁର, ଚାରବବାଟିଆ,
ଚୌଦ୍ୱାର, କଟକ

## ନିଃଶବ୍ଦ ବିଚ୍ଛେଦ
### ସଦାଶିବ ବିଶ୍ୱାଳ



ହିନ୍ଦୁ ରୀତିନୀତିରେ ସାହାନାଇ ବଜାଇ
ସାତ ଜନ୍ମ ପାଇଁ ସଂପର୍କ ଗଢ଼ାଯାଏ
ଆଜିର ଯୁଗରେ ଅଧିକ ସୁରକ୍ଷା ପାଇଁ
ଆଇନଗତ ପଞ୍ଜିକରଣ ବି ହୁଏ।

ପତିପତ୍ନୀ ଦୁହେଁ ନିଜ ନିଜ ବୃତ୍ତିରେ ଥାଇ
ଭୁଲିଯାଆନ୍ତି ସଂସାର କରିବା
ହ୍ୱାଟ୍ସଆପ, ଇନଷ୍ଟାଗ୍ରାମ ପାଇ
ଗୁରୁତ୍ୱ ଦିଅନ୍ତିନି ଆପୋଷ କଥାବାର୍ତ୍ତା ହେବା।

ଦିନ ପରେ ଦିନ ଯାଏ ବିତି
ନା ଝଗଡା ନା ଅଶାନ୍ତି
ଧୀରେଧୀରେ ଛନ୍ଦ ପତନ
ବାହାରକୁ ସୁଖୀ ଦମ୍ପତି ।

ଦୁଇ ଆତ୍ମା ମଧ୍ୟେ
ଦୂରତ୍ୱ ଯୋଜନ ଯୋଜନ
ଅଦୃଶ୍ୟ, ଅଭେଦ୍ୟ ପାଚେରୀ
ନା ଶାରୀରିକ ସମ୍ପର୍କ ନା ମନର ମିଳନ।

ଧୀରେ ଧୀରେ ପ୍ରଥମେ ବିଛଣା
ପରେ କୋଠରୀ ବଦଳିଯାଏ
ତଥାପି ସୁଖୀ ଦମ୍ପତି ବୋଲି
ଦୁନିଆ ଆଗେ ଡଙ୍କା ପିଟାଯାଏ।

ପାରସ୍ପରିକ ବୁଝାମଣା ଅଭାବେ
ନିରସ ବୈବାହିକ ସମ୍ପର୍କ ସୃଷ୍ଟି ହୁଏ
ଶବ୍ଦ ନ ଥାଇ ସାରା ସଂସାରରେ
ନିଃଶବ୍ଦ ବିଚ୍ଛେଦ ହୋଇଯାଏ ।

♥କଷ୍ଟ ଏଣ୍ଡ ମ୍ୟାନେଜମେଣ୍ଟ ଆକାଉଟାଣ୍ଟ
ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ
ଅଙ୍ଗରୁଆ, ଜିଲ୍ଲା - କେଉଁଝର

## ନିରବତା
### ଅନସୂୟା ପଣ୍ଡା



କୋହର କାବ୍ୟକୁ ଢୋକି ଅଗସ୍ତି ପରି
ନିରବତା ନିଗିଡେ ଆଖିରେ ଲୁହ ହେଇ
କଙ୍କାଳ ହେଇଯାଏ ତନୁ ନିଜ ସହ ଯୁଝି
କେହି ବୁଝନ୍ତିନି ସେ ଅନ୍ତର୍ଲୀନ ନିଉଛାଳି
ଜମିଯାଏ ମନେ କେତେ ପରସ୍ତ ଅବସୋସ
ତିଆରେ ଅନ୍ତରେ ଅଦୃଶ୍ୟ ଦୀର୍ଘଶ୍ୱାସ।

ନିରବତାର ଅଭିମାନୀ ଅଦୃଶ୍ୟ ଉଦର୍ଚ୍ଚି
ଭାଙ୍ଗିପାରେ ଅଜସ୍ର ଅହଂକାରର ଧ୍ୱନି
କ୍ରିୟା ପ୍ରତିକ୍ରିୟା ବିନା ଲଢି ଲଢି ଆଡେଇ
ମୂର୍ଚ୍ଛିତ କରିପାରେ ଗର୍ଜୁଥିବା ଉଗ୍ର ପଦଧ୍ୱନି
ଜୀବନ୍ତ କରିପାରେ ପାଷାଣର ପଶୁପତି।

ନିରବତା ଦେହ ଓ ଦେହଳୀ କରି ସମୟକୁ
ନେଇଯାଏ ଯୋଜନ ଯୋଜନ ଅତୀତକୁ
କଳ୍ପନାରେ ବିସ୍ତାରି ଥିବା ଆପଣା ବସ୍ତିକୁ
ତୁଳିରେ ରଙ୍ଗାଏ ବସି ଗୋଲାପି ସ୍ୱପ୍ନକୁ।

ନିରବତା ଗୋଟେ ତୀକ୍ଷ୍ଣ ଛୁରୀ ଲକ୍ଷ୍ୟାର୍ଥରେ
ରକ୍ତାକ୍ତ କରିପାରେ ବିନା ବିଭୀଷିକାରେ
ହଜେଇପାରେ ସ୍ୱସ୍ତି ବାଚକ ସମୟକୁ
ମହକେଇପାରେ ମନର କାଗଜ ଫୁଲକୁ
ବଢେଇପାରେ ହୃଦୟେ କ୍ରାନ୍ତିର ପାରଦକୁ।

♥ବୁର୍ଲା, ସମ୍ବଲପୁର,
ମୋ : ୯୪୩୯୨୧୧୯୭୧

# ରାଜନେତା ଓ କବି ଶଙ୍କର ପରିଡ଼ାଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୧୦/୧୧ (ନି.ପ୍ର): ରାଜନୀତିରେ ମୂଲ୍ୟବୋଧ ଓ ସ୍ୱଚ୍ଛତା ସାଙ୍ଗକୁ ସାହିତ୍ୟରେ ଯୁବଲେଖକମାନଙ୍କୁ ପ୍ରେରଣା ଦେବାରେ ରାଜନେତା ତଥା କବି ଶଙ୍କର ପରିଡ଼ା ସ୍ମରଣୀୟ ରହିବେ । ଆଜି ଗୀତଗୋବିନ୍ଦ ସଦନରେ ସ୍ୱର୍ଗୀୟ ପରିଡ଼ାଙ୍କ ଏକାଦଶାହ ଅବସରରେ ଆୟୋଜିତ ଶୋକସଭାରେ ତାଙ୍କ ଉଦ୍ଦେଶ୍ୟରେ ବକ୍ତାମାନେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

ଓଡ଼ିଆ ଯୁବଲେଖକ ସମ୍ମେଳନ ଆନୁକୂଲ୍ୟରେ ଆଜି ପୂର୍ବାହ୍ନରେ ଅନୁଷ୍ଠିତ ଏହି ଶୋକସଭାରେ ପ୍ରସିଦ୍ଧ କବି ତଥା ସମ୍ମେଳନର ପ୍ରାକ୍ତନ ସଭାପତି ଶ୍ରୀ ଅମରେଶ ପଟ୍ଟନାୟକ ଅଧ୍ୟକ୍ଷତା କରିଥିବାବେଳେ ରାଜ୍ୟରେ ନିଶା ନିବାରଣର ପ୍ରମୁଖ କର୍ଣ୍ଣଧାର ତଥା ପୂର୍ବତନ ବିଧାୟକ ଶ୍ରୀ ପଦ୍ମଚରଣ ନାୟକ ଓ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଶ୍ରୀ ବ୍ରଜ କିଶୋର ତ୍ରିପାଠୀ ଉପସ୍ଥିତ ରହି ସ୍ୱର୍ଗୀୟ ପରିଡ଼ାଙ୍କ କୃତି ଓ କୃତିତ୍ୱ ନେଇ ବକ୍ତବ୍ୟ ରଖିଥିଲେ । ସ୍ୱର୍ଗୀୟ ପରିଡ଼ାଙ୍କ ଫଟୋଚିତ୍ରରେ ସମସ୍ତଙ୍କ ଶ୍ରଦ୍ଧାସୁମନ ଅର୍ପଣ ପରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଯୁବଲେଖକ ସମ୍ମେଳନର ସାଧାରଣ ସଂପାଦକ ଶ୍ରୀ ବନୋଜ ତ୍ରିପାଠୀ ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ଦଳମତ ନିର୍ବିଶେଷରେ ବିଭିନ୍ନ ରାଜନେତା ତଥା କବି-ଲେଖକ-ସଂପାଦକବୃନ୍ଦ ନିଜ ନିଜ ବକ୍ତବ୍ୟରେ ସ୍ୱର୍ଗୀୟ ପରିଡ଼ାଙ୍କ ଅନନ୍ୟ ଇଚ୍ଛାଶକ୍ତି, ସାଂଗଠନିକ ଦକ୍ଷତା, ଭାଷା ଆନ୍ଦୋଳନ ତଥା ପଂଚାୟତିରାଜ ଆନ୍ଦୋଳନରେ ତାଙ୍କର ଭୂମିକା ଏବଂ ସାରସ୍ୱତ ଅବଦାନ ଉପରେ ଆଲୋକପାତ କରିଥିଲେ । ସଜନ ଶର୍ମା, ରକ୍ଷକ ନାୟକ, ସରୋଜ ବଳ, ଶରତ କୁମାର ନାୟକ, ଉମାକାନ୍ତ ରାଉତ (ଅରୂପ), ଦିଲ୍ଲୀପ ଶତପଥୀ, ସୂର୍ଯ୍ୟ ରଥ, ଅଶୋକ ପୁହାଣ, ସୁବୋଧ କାନୁନଗୋ, ଦେବପ୍ରସାଦ ପରିଜା, ଶ୍ୟାମପ୍ରକାଶ ସେନାପତି, ପ୍ରଫୁଲ୍ଲ ଚକ୍ର, ଚିନ୍ମୟୀ ଷଡ଼ଙ୍ଗୀ, ରମଣ ଅଗ୍ରୱାଲ, ଶ୍ୟାମାକିଙ୍କର ମହାନ୍ତି, ପିନାକୀ ମିଶ୍ର, ନିରୁପମା ରଥ, ଜୟଶ୍ରୀ ପଟ୍ଟନାୟକ, ପ୍ରମୋଦ ପ୍ରଧାନ, ସଞ୍ଜୁଲତା ମହାନ୍ତି ପଟ୍ଟନାୟକ, ସନ୍ନ୍ୟାସୀ ନାୟକ, ବିପିନ ମହାନ୍ତି, ପ୍ରିୟରଞ୍ଜନ ସାହୁ, ମିହିର କୁମାର ସାହୁ, ଅରୁଣ ଜେନା, ଅରୁଣ କୁମାର ସାହୁ, ଭବାନୀ ପ୍ରସାଦ ମିଶ୍ର, ଅମୀୟ ରଞ୍ଜନ ମହାପାତ୍ର, ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର, ଶକୁନ୍ତଳା ଓଝା, ସୂର୍ଯ୍ୟ ଦେଓ, ଶତ୍ରୁଜିତ, ବୀରେନ୍ଦ୍ର ମହାନ୍ତି, ମାଧବାନନ୍ଦ ବେଉରା, ମାଧବ ମିଶ୍ର, ପ୍ରଜ୍ଞା ପାରମିତା ଲେଙ୍କା, ରଜନୀ ରଣସିଂହ, ସୁଷମା ଦାସ, ମନୋରଞ୍ଜନ ପାଣିଗ୍ରାହୀ, ଦୁର୍ଗା ଚରଣ ଷଡ଼ଙ୍ଗୀ, ତପନ ରଥ, ଅକ୍ଷୟ ବେହେରା, ପ୍ରମୋଦ ସାମନ୍ତରାୟ,ସୁଧୀର ମଉଡ଼ମଣି, ମିନତୀ ଦାସ, ବିଜୟିନୀ ପଣ୍ଡା ଓ ପଲ୍ଲବୀ ଦାସ ପ୍ରମୁଖ ନିଜ ନିଜ ବକ୍ତବ୍ୟ ରଖି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଶେଷରେ ସମ୍ମେଳନର ପୂର୍ବତନ ସଂପାଦକ ସୂର୍ଯ୍ୟ ମିଶ୍ର କୃତଜ୍ଞତା ଜ୍ଞାପନ କରିଥିଲେ । ପ୍ରତି ବର୍ଷ ଶଙ୍କରଙ୍କ ସ୍ମୃତିରେ ଏକ ସ୍ମାରକ ବକ୍ତୃତା କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି ପ୍ରସ୍ତାବ ଗୃହୀତ ହୋଇଥିଲା ।

# ନକଲି ସୁନା ଦେଇ ବ୍ୟାଙ୍କରେ ସୁନା ଋଣ: ସୁନା ବ୍ୟବସାୟୀ ଗିରଫ

କନ୍ଧମାଳ ,୧୦/୧୧ (ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡା ୟୁକୋ ବ୍ୟାଙ୍କ ରେ ସୁନା ଋଣ ନାଁ ରେ ଏକ ବଡ଼ ଧରଣ ର ଠକେଇ ନେଇ ସୁନା ବ୍ୟବସାୟୀ କୁ ଗଞ୍ଜାମ ବ୍ରହ୍ମପୁର ରୁ ଗିରଫ କରିଛି ବାଲିଗୁଡା ଥାନା ପୋଲିସ । ଗିରଫ ସୁନା ବ୍ୟବସାୟୀ ଜଣକ ବାଲିଗୁଡା ର ପି.ସତ୍ୟରାମ ଆଚାରୀ ବୋଲି ସୂଚନା ମିଳିଛି । ଗିରଫ ବ୍ୟବସାୟୀ ନିଜେ ୟୁକୋ ବ୍ୟାଙ୍କ ର ସୁନା ମୂଲ୍ୟାଙ୍କନକାରୀ ଭାବେ କାର୍ଯ୍ୟ କରୁଥିଲେ । ବାଲିଗୁଡା ପାଟଖଣ୍ଡା ମାର୍କେଟ ରେ ତାଙ୍କ ନିଜର ଗୋଟିଏ ସୁନା ଅଳଙ୍କାର ଦୋକାନ ରହିଥିବା ବେଳେ ନିଜ ଜୁଏଲରୀ ସପ ର ତିନି ଜଣ କର୍ମଚାରୀ ଙ୍କ ନାଁ ରେ ଏହି ଫେକ ଲୋନ ଜାଲିଆତି ର ଯୋଜନା କରିଥିଲେ ଗିରଫ ବ୍ୟବସାୟୀ । ନିଜେ ୟୁକୋ ବ୍ୟାଙ୍କ ର ସୁନା ମୂଲ୍ୟାଙ୍କନକାରୀ ଭାବରେ ନିୟୋଜିତ ଥିବାରୁ ତାଙ୍କ ଦୋକାନର ତିନି କର୍ମଚାରୀ ରୁନୁବାଳା ପ୍ରଧାନ, ସୂଦୀପ୍ତା ନାୟକ ଓ ଜି.ସିମାଂଚଳ ରେଡି ଙ୍କ ନାଁ ରେ ନକଲି ସୁନା ଓ ଫେକ ଦସ୍ତାବିଜ ଦେଇ ୧୪ଟି ଫେକ ଲୋନ ମଞ୍ଜୁରୀ କରାଇଥିଲେ। ତିନି କର୍ମଚାରୀ ଙ୍କ ଆକାଉଂଟ ରେ ଆସିଥିବା ମୋଟ ୮୫ ଲକ୍ଷ ୮୬ ହଜାର ଟଙ୍କା ହଡ଼ପ କରି ନିଜ ସୁନା ଦୋକାନ ବନ୍ଦ କରି ବାଲିଗୁଡା ରୁ ଫେରାର ହୋଇଥିଲେ ପି. ସତ୍ୟରାମ ଅଚାରୀ, ଟଙ୍କା ହଡ଼ପ ପରେ ଫେରାର ହୋଇ ଦିଲ୍ଲୀ, ବିଶାଖାପାଟଣା ସମେତ ବିଭିନ୍ନ ସ୍ଥାନ ରେ ଆତ୍ମ ଗୋପନ କରିଥିଲେ ବ୍ୟବସାୟୀ ଜଣକ । ଗତ ମେ ମାସ ୨୧ ତାରିଖ ରେ ୟୁକୋ ବ୍ୟାଙ୍କ ମ୍ୟାନେଜର ମାନସ ରଞ୍ଜନ ନାୟକ ସୁନା ଋଣ ରାଶି ମଂଜୁର ନିମନ୍ତେ ପି. ସତ୍ୟରାମ ଅଚାରୀ ରଚିଥିବା ଅପରାଧିକ ଷୋଡଯନ୍ତ୍ର ବିଷୟରେ ବାଲିଗୁଡା ଥାନା ରେ ଲିଖିତ ଅଭିଯୋଗ କରିଥିଲେ । ତେବେ ଫେକ ଗୋଲଡ଼ ଲୋନ ସ୍କାମ ରେ ବ୍ୟାଙ୍କ କର୍ମଚାରୀ ଙ୍କ ସମ୍ପୃକ୍ତି ରହିଛି କି ନାହିଁ ସେ ନେଇ ଅଧିକ ତଦନ୍ତ ଚାଲିଥିବା କହିଛନ୍ତି ବାଲିଗୁଡା ଏସଡ଼ିପିଓ ରମେନ୍ଦ୍ର ପ୍ରସାଦ ।

# ମିଳନୀର କେନ୍ଦୁଝରୀ ସାହିତ୍ୟ ଆସର

କେନ୍ଦୁଝର,୧୦/୧୧ (ନି.ପ୍ର): ରବିବାର ଅପରାହ୍ନରେ ରାଜ୍ୟର ଅଗ୍ରଣୀ ସାରସ୍ୱତ ପ୍ରତିଷ୍ଠାନ ମିଳନୀ ସାହିତ୍ୟ ସଂସଦ ପକ୍ଷରୁ କେନ୍ଦୁଝରୀ ସାହିତ୍ୟ ଆସର ଅନୁଷ୍ଠାନ ସଭାପତି କବି ଦେବାଶିଷ ଚକ୍ରବର୍ତୀଙ୍କ ସଭାପତିତ୍ୱ ରେ ମିଳନୀ ଭବନ ରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଅତିଥି ମାନେ କେନ୍ଦୁଝର ରାଷ୍ଟ୍ରଦେବତା ଶ୍ରୀ ବଳଦେବଜୀଉ ଓ ରାଷ୍ଟ୍ରମାତା ମାଆ ତାରିଣୀ ଙ୍କ ପ୍ରତିକୃତି ନିକଟରେ ଧୂପ ପ୍ରଜ୍ୱଳନ କରି ଉତ୍ସବର ଶୁଭାରମ୍ଭ କରିଥିଲେ । ସମ୍ପାଦକ ଡକ୍ଟର୍ ଚିତ ରଞ୍ଜନ ମିଶ୍ର କେନ୍ଦୁଝରର ସାରସ୍ୱତ ଅସ୍ମିତା ସଂପର୍କରେ ଆଲୋକପାତ କରିଥିଲେ ।

ପ୍ରାବନ୍ଧିକ ହରିହର ମହାନ୍ତି ମୁଖ୍ୟବକ୍ତା ଭାବରେ ଯୋଗଦେଇ କେନ୍ଦୁଝରର ଆଦିକବି ଭୁସୁକୁପାଦଙ୍କ ସୃଜନ ଜୀବନ ସମ୍ପର୍କରେ ପୁଂଖାନୁପୁଂଖ ଆଲୋଚନା କରି ତାଙ୍କର ସାରସ୍ୱତ ଉତ୍କର୍ଷ ପ୍ରତିପାଦନ କରିଥିଲେ। କବି ଦେବାଶିଷ ଚକ୍ରବର୍ତୀ ସଭାପତୀୟ ଅଭିଭାଷଣ ରେ କେନ୍ଦୁଝରୀ ବାଙ୍ମୟ ର ଉତ୍କର୍ଷ ପ୍ରତିପାଦନ କରିବା ସହିତ ସୃଜନଶିଳ୍ପୀଙ୍କୁ ମାଟିମନସ୍କ ହେବା ପାଇଁ ଆହ୍ୱାନ ଦେଇଥିଲେ। କବୟିତ୍ରୀ ଲିପିକା ଦାସ ପଟ୍ଟନାୟକଙ୍କ ସଂଯୋଜନାରେ ଚିନ୍ତାମଣି ମହାଳିକ, ଉମାକାନ୍ତ ବେହେରା, ବିରଂଚି ନାରାୟଣ ସାମନ୍ତରାୟ, ଗୀତାରାଣୀ ଦାଶ, ଇନ୍ଦୁମତି ପାତ୍ର, ବୀଣାପାଣି ଜେନା, ବିଜୟଲକ୍ଷ୍ମୀ ମହାନ୍ତି, ରତ୍ନ ମଞ୍ଜରୀ ରାଉତ, ଡକ୍ଟର୍ ସୁମନ୍ତ ନାଏକ, ମାୟାଧର ନାୟକ, ଜିତେନ୍ଦ୍ର ପରିଡ଼ା, ମନରଞ୍ଜନ ମହାନ୍ତି, ବସନ୍ତ କୁମାର ରାଉତ, ରାମଚନ୍ଦ୍ର ସାହୁ ପ୍ରମୁଖ ବହୁ କବି କବିତା ଆବୃତି କରିଥିଲେ। ବରିଷ୍ଠ ସଦସ୍ୟ ବିରଂଚି ନାରାୟଣ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆଇନ ସଚେତନତା ଶିବିର

ପୁରୀ,୧୦/୧୧ (ନି.ପ୍ର): ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ୍ୟ ତଥା ଜିଲ୍ଲା ଓ ଦୌରାଜଜ୍ ଶ୍ରୀମତୀ ଅଜନ୍ତା ଷଡଙ୍ଗୀଙ୍କ ନିର୍ଦ୍ଦେଶ ଅନୁଯାଇ ରବିବାର ପୂର୍ବାହ୍ନରେ ଜାତୀୟ ଆଇନ ସେବା ଦିବସ ଉପଲକ୍ଷେ ଆଇନ ସେବା ପ୍ରାଧିକରଣ ତରଫରୁ ଏକ ଆଇନ ସଚେତନତା ରାଲି,ଆଇନ ସଚେତନ କାର୍ଯକ୍ରମ ଏବଂ ବକ୍ତୃତା ପ୍ରତିଯୋଗିତା ଜିଲ୍ଲା ଆଇନ ସେବା ପ୍ରାଧିକରଣ ପୁରୀଙ୍କ ସମ୍ମିଳନୀ କକ୍ଷ୍ୟରେ ଅନୁଷ୍ଠିତ ହୋଇଯାଇଅଛି। ରବିବାର ଏହି କାର୍ଯ୍ୟକ୍ରମକୁ ପୁରୀଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପରିତୋଷ କୁମାର ସେଠୀ ଉଦଘାଟନ କରିବା ସହ ନିଜ ବକ୍ତବ୍ୟରେ ପାଇଁ ରହିଥିସବା ଆଇନ ସହାୟତା ବ୍ୟବସ୍ଥା ଉପରେ ଆଲୋଚନା କରିବା ସହ ଆଇନସେବା ପ୍ରାଧିକରଣ ଅଧିନିୟମ ୧୯୮୭ ରେ ଥିବା ବିଭିନ୍ନ ବିଧିବ୍ୟବସ୍ଥାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ,ନିଶୁଳ୍କ ଆଇନ ସେବା ଯୋଗ୍ୟ ହିତାଧିକାରୀ, ଲୋକ ଅଦାଲତ, ମଧ୍ୟସ୍ଥତା କେନ୍ଦ୍ର, ନ୍ୟାୟ ସଂଯୋଗ, ୧୫୧୦୦ ଏବଂ ସମୁଖ କାର୍ଯ୍ୟାଳୟ ବିଷୟରେ ଅବଗତ କରାଇବା ସହ ଆଇନ ସେବା କଣ ଏବଂ ଆଇନ ସେବା ପାଇବା ପାଇଁ କେଉଁ କେଉଁମାନେ ଯୋଗ୍ୟ,ସେହି ବିଷୟରେ ଆଲୋଚନା କରିଥିଲେ।

# ନରସିଂହପୁର ଉପ୍ରା ବିଦ୍ୟାଳୟରେ ବିଜ୍ଞାନ ମେଳା



ବାସୁଦେବପୁର,୧୦/୧୧ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଶାନ୍ତିଲତା ପଣ୍ଡା ସଭାପତିତ୍ୱ କରିଥିଲେ। ବିଶିଷ୍ଟ ଶିକ୍ଷାବିତ୍ ଉପେନ୍ଦ୍ର ପ୍ରସାଦ ପାଢ଼ୀ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଓ ବକ୍ତବ୍ୟ ପ୍ରଦାନ କରିବା ସହିତ ଛାତ୍ର ଛାତ୍ରୀ ମାନଙ୍କ ପ୍ରକଳ୍ପ ଗୁଡ଼ିକୁ ପ୍ରଶଂସା କରିଥିଲେ। ପଞ୍ଚାୟତ ହାଇସ୍କୁଲ ବେତଡ଼ାର ଶିକ୍ଷକ ଦୈତାରୀ ବେହେରା ଓ ବରଣ୍ଡୁଆ ଜଗବନ୍ଧୁ ନୋଡାଲ ଉଚ୍ଚ ବିଦ୍ୟାପୀଠର ଶିକ୍ଷକ ଶ୍ରୀକାନ୍ତ ପାକଳ ଅତିଥି ଓ ବିଚାରକ ଭାବେ ଯୋଗ ଦେଇ ପ୍ରକଳ୍ପ ଗୁଡ଼ିକୁ ମୂଲ୍ୟାଙ୍କନ କରିଥିଲେ। ସମୁଦାୟ ୩୬ ଟି ପ୍ରକଳ୍ପ ଏହି ମେଳାରେ ସ୍ଥାନ ପାଇଥିଲା। ଏହି ବିଜ୍ଞାନ ମେଳାରେ ଷଷ୍ଠ ଶ୍ରେଣୀର ଛାତ୍ରୀ ଆରୋହୀ ମହାନ୍ତିଙ୍କ ପ୍ରକଳ୍ପ ଅଙ୍ଗାରକାମ୍ଳ ଗ୍ୟାସର ବିଶୁଦ୍ଧି କରଣ, ସପ୍ତମ ଶ୍ରେଣୀର ଛାତ୍ର ବିଶ୍ୱଜିତ୍ ମହାନ୍ତି ଙ୍କ ପ୍ରକଳ୍ପ ସ୍ୱୟଂ ଚାଳିତ ଗୃହ ନିରାପତ୍ତା, ଅଷ୍ଟମ ଶ୍ରେଣୀର ଛାତ୍ରୀ ବର୍ଷାରାଣୀ ସେଠୀଙ୍କ ପ୍ରକଳ୍ପ ଟ୍ରେନ୍ ଦୁର୍ଘଟଣା ସାବଧାନତା ଓ ଦଶମ ଶ୍ରେଣୀର ଛାତ୍ରୀ ମାନସୀ ପରିଡାଙ୍କ ପ୍ରକଳ୍ପ ଗଣିତ ପାର୍କ ପ୍ରଭୃତି ପ୍ରଥମ ସ୍ଥାନ ଅଧିକାର କରିଛି । ଶେଷରେ ଶିକ୍ଷକ ଦୟାନିଧି ପଲେଇ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ବିଦ୍ୟାଳୟର ଉପ ସଭାପତି ଆରତୀ ମହାପାତ୍ର, ଶିକ୍ଷୟତ୍ରୀ ଆରତି ଲତା ନାୟକ, ସସ୍ମିତା ବାରିକ୍,ଶିକ୍ଷକ ରମାକାନ୍ତ ସେଣ୍ଠ, ପ୍ରଶାନ୍ତ କୁମାର ସାହୁ, ଆକାଂକ୍ଷା ଦାସ, ସବିତା ମଣ୍ଡଳ, ଅନିତା ସିଂ, ଶ୍ରୀଧର ବାରିକ୍ ପ୍ରମୁଖ ଯୋଗ ଦେଇଥିଲେ ଏବଂ ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ।

# କେନ୍ଦୁଝର ଜିଲ୍ଲା ଆଇନ ସେବା ପ୍ରାଧିକରଣ ସ୍ୱତନ୍ତ୍ର ଉତ୍ସବ ଅନୁଷ୍ଠିତ

କେନ୍ଦୁଝର,୧୦/୧୧ (ନି.ପ୍ର): ଆଜି କେନ୍ଦୁଝରରେ ଜାତୀୟ ଆଇନସେବା ଦିବସ ପାଳନ ଅବସରରେ କେନ୍ଦୁଝର ଜିଲ୍ଲା ଆଇନ ସେବା ପ୍ରାଧିକରଣ ସ୍ୱତନ୍ତ୍ର ଉତ୍ସବ ସ୍ଥାନୀୟ ପକ୍ଷରୁ ରୋଟାରୀ ଭବନରେ ଆୟୋଜିତ ହୋଇଥିଲା। ଏ ଅବସରରେ ଡିଷ୍ଟ୍ରିକ୍ଟ ଲିଗାଲଏଡ୍ ଅଥରିଟିଙ୍କ ଦ୍ୱାରା ଇଣ୍ଡିଆନ ରେଡକ୍ରସ ସୋସାଇଟି ସହଯୋଗରେ ରକ୍ତଦାନ ଶିବିର ଆୟୋଜିତ ହୋଇ ସଂଗୃହିତ ରକ୍ତକୁ ମାନବକଲ୍ୟାଣ ନିମନ୍ତେ ଜିଲ୍ଲା ରକ୍ତକେନ୍ଦ୍ରକୁ ପ୍ରେରଣ କରାଯାଇଥିଲା। ଜିଲ୍ଲା ଦୌରା ଜଜ ଗୋପାଳ ଚନ୍ଦ୍ର ବେହେରା ପ୍ରଥମେ ରକ୍ତଦାନ କରି ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଥିଲେ। ମାନବ ସେବା ପାଇଁ ପ୍ରଥମଥର ବିଚାର ପତି ବୃନ୍ଦ ଆଗେଇ ଆସି ସାମୁହିକ ଭାବେ ରକ୍ତଦାନ କରି ଏକ ଜାଜୁଲ୍ୟମାନ ପରମ୍ପରା ସୃଷ୍ଟି କରିଛନ୍ତି । ଜିଲ୍ଲା ଆଇନ ସେବା ପ୍ରାଧିକରଣ ସମ୍ପାଦିକା ସସ୍ମିତା ନନ୍ଦିନୀ ତ୍ରିପାଠୀ, ଏସଡିଜେଏମ ସୁମିତା କୁମାରୀ ଦାଶ, ଡ଼ିଏଲଏସଏ ସଦସ୍ୟ ଅକ୍ଷୟ କୁମାର ଚକ୍ର ପ୍ରମୁଖ ଆଗଭର ହୋଇ ରକ୍ତଦାନ କରି ଥିଲେ।

# ଇପିଏଫ୍ ପେନସନର୍ସ ଆସୋସିଏସନ୍ କୋରାପୁଟ ଜିଲ୍ଲା ବୈଠକ

ଜୟପୁର,୧୦/୧୧ (ନି.ପ୍ର): ଯାଦବ ଭବନ ଠାରେ ଅଲ୍ ଓଡିଶା ଇପିଏଫ୍ ପେନସନର୍ସ ଆସୋସିଏସନ୍ କୋରାପୁଟ ଜିଲ୍ଲା କମିଟି ର ବୈଠକ ଶ୍ରୀ ନଳିନୀକାନ୍ତ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ତା ୦୩.୧୦.୨୦୨୫ ରିଖ ଦିନ ଅଲ୍ ଓଡିଶା ଇପିଏଫ୍ ପେନସନର୍ସ ଆସୋସିଏସନ୍ ର ପ୍ରତିଷ୍ଠା ଦିବସ ଭୁବନେଶ୍ୱର ସ୍ଥିତ ଲୋହିଆ ଭବନ ଠାରେ ଅନୁଷ୍ଠିତ ହୋଇଥିଲା ଏବଂ ଉକ୍ତ ସଭାରେ କୋରାପୁଟ ଜିଲ୍ଲାରୁ ଶ୍ରୀ ଦୁର୍ଗା ପ୍ରସାଦ ଦାଶ ଯୋଗଦେଇଥିଲେ। ସଭାରେ ନିଷ୍ପତି ହୋଇଛି ଯେ , ଆସନ୍ତା ଡ଼ିସେମ୍ବର - ୯ ତାରିଖରେ ଦେଶର ରାଜଧାନୀ ଦିଲ୍ଲୀରେ ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନ ମାନଙ୍କ ସହ ଇପିଏଫ୍ ପେନସନର୍ସ ଆସୋସିଏସନ୍ ର ସର୍ବ ଭାରତୀୟ ନେତୃବୃନ୍ଦ ଆଲୋଚନା କରିବେ ଏବଂ ସର୍ବନିମ୍ନ ପେନସନ ମାସିକ ୯,୦୦୦/ ଟଙ୍କା ଓ ଚିକିତ୍ସା ସୁବିଧା ପାଇଁ ଦାବି କରି ନୂଆ ଦିଲ୍ଲୀ ଠାରେ ଯନ୍ତର ମନ୍ତର ଠାରେ ବିଶାଳ ଗଣ ବିକ୍ଷୋଭ ଅନୁଷ୍ଠିତ ହେବ । ଦାବି ପୂରଣ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଶ୍ରୀ ଦୁର୍ଗା ପ୍ରସାଦ ଦାଶ ସୂଚନା ଦେଇଛନ୍ତି। ଆସନ୍ତା ନଭେମ୍ବର ୧୬ ତାରିଖ ଦିନ ଜିଲ୍ଲାପାଳ ଙ୍କ ଜରିଆରେ ମାନ୍ୟବର ପ୍ରଧାନମନ୍ତ୍ରୀ ଙ୍କୁ ସର୍ବନିମ୍ନ ପେନସନ ବୃଦ୍ଧି ପାଇଁ ଦାବି ପତ୍ର ପ୍ରଦାନ କରାଯିବ । ଏଥିରେ ବହୁ ସଂଖ୍ୟକ ପେନସନଧାରୀ ଅବସରପ୍ରାପ୍ତ ଶ୍ରମିକ ମାନେ ଯୋଗ ଦେବା ପାଇଁ ଶ୍ରମିକ ନେତା ଶ୍ରୀ ପ୍ରମୋଦ କୁମାର ମହାନ୍ତି ନିବେଦନ କରିଛନ୍ତି । ସଭ୍ୟ ପଦ ନବୀକରଣ ଏବଂ ସଭ୍ୟ ସଂଗ୍ରହ ଅଭିଯାନ ମଧ୍ୟ ଆରମ୍ଭ ହୋଇଛି ।ଆଲୋଚନା ରେ ଅନ୍ୟ ମାନଙ୍କ ମଧ୍ୟରେ ସର୍ବଶ୍ରୀ ବସନ୍ତ ବେହେରା,ରାମ ପ୍ରସାଦ ପଣ୍ଡା,କେ.ଏସ୍. ବିଶ୍ୱାଳ,ଜି ପ୍ରସାଦ ରାଓ , ଦଣ୍ଡପାଣି ପାତ୍ର , ସୁଦର୍ଶନ ବିଷୋୟୀ, ଧ୍ରୁବ ଚରଣ ବାରିକ , ସୁବାଷ ବେହେରା , ଧ୍ରୁବ ମଲ୍ଲିକ , ଭାସ୍କର ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଶେଷରେ ଉପ ସଭାପତି ଶ୍ରୀ ମୁଦି ରଥ ହୋତା ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିବା ପରେ ସଭା ସାଙ୍ଗ ହୋଇଥିଲା।

# ସରସ୍ୱତୀ ଶିଶୁ ମନ୍ଦିରରେ ସପ୍ତଶକ୍ତି କାର୍ଯ୍ୟକ୍ରମ

କେନ୍ଦୁଝର,୧୦/୧୧ (ନି.ପ୍ର): ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନ ବିଦ୍ୟା ଭାରତୀର କାର୍ଯ୍ୟକ୍ରମ ଯୋଜନା ଅନୁସାରେ ସ୍ଥାନୀୟ କଲେଜ ରୋଡ଼ ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର, ବଣିଆପାଟ ଠାରେ ସପ୍ତଶକ୍ତି କାର୍ଯ୍ୟକ୍ରମ ୨ଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ମାତୃମଣ୍ଡଳୀ ସଙ୍ଗେ ସଙ୍ଗେ ସ୍ଥାନୀୟ ଅଂଚଳର ମା'ମାନେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ବନ୍ଧରେ ପରିଚାଳନା ସମିତିର ସଦସ୍ୟା ମନ୍ଦାକିନୀ ବେହେରା ଓ ସ୍ଥାନୀୟ ସନ୍ତୋଷୀ ମା' ଆଂଚଳିକ ମହାବିଦ୍ୟାଳୟର ଇତିହାସ ବିଭାଗର ଅଧ୍ୟାପିକା ପ୍ରଭାସିନୀ ଓଝା ମୁଖ୍ୟ ବକ୍ତା ଭାବେ ଯୋଗଦେଇ ସପ୍ତଶକ୍ତି ସଙ୍ଗମର ଭୂମିକା ସମ୍ବନ୍ଧରେ ମାତୃମଣ୍ଡଳୀକୁ ମାର୍ଗଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟା ସଂଯୁକ୍ତା ପ୍ରଧାନ ଓ ବିଦ୍ୟୁତ ପ୍ରଭା ସାହୁ ଯଥାକ୍ରମେ ଅତିଥି ପରିଚୟ, ସ୍ୱାଗତ ଭାଷଣ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ସେହିପରି ଆଚାର୍ଯ୍ୟା ଇତିଶ୍ରୀ ଦାଶ ଶପଥ ପାଠ କରାଇଥିବା ବେଳେ, କଳ୍ପନା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।କାର୍ଯ୍ୟକ୍ରମ ଆରମ୍ଭ ଓ ଶେଷରେ ଶିଶୁ ମାନଙ୍କ ଦ୍ୱାରା ଯଥାକ୍ରମେ ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପରିବେଷଣ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସମସ୍ତ -ଆଚାର୍ଯ୍ୟ ଓ ସେବିକା ମାନେ ପରିଚାଳନା କରିଥିଲେ।

# ଗୃହ ମନ୍ତ୍ରଣାଳୟ ଏବଂ ଜାତୀୟ ନ୍ୟାୟିକ ଏକାଡେମୀ, ଭୋପାଳ ପକ୍ଷରୁ ତିନୋଟି ନୂତନ ଅପରାଧିକ ଆଇନ ଉପରେ ଦୁଇ ଦିନିଆ ସମ୍ମିଳନୀ

ନୂଆଦିଲ୍ଲୀ,୧୦/୧୧ (ନି.ପ୍ର): ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଏବଂ ଭୋପାଳର ଜାତୀୟ ନ୍ୟାୟିକ ଏକାଡେମୀ ୮-୯ ନଭେମ୍ବର ୨୦୨୫ରେ ଭୋପାଳରେ ତିନୋଟି ନୂତନ ଅପରାଧିକ ଆଇନ ଉପରେ ଦୁଇ ଦିନିଆ ଜାତୀୟ ସମ୍ମିଳନୀ ଆୟୋଜନ କରିଥିଲେ। ଏହି ସମ୍ମିଳନୀରେ ସମସ୍ତ ରାଜ୍ୟ/ କେନ୍ଦ୍ରଶାସିତ ଅଂଚଳର ୧୨୦ ଜଣ ଅଂଶଗ୍ରହଣକାରୀ ଯୋଗ ଦେଇଥିଲେ, ଯେଉଁଥିରେ ଅପରାଧିକ ନ୍ୟାୟ ବ୍ୟବସ୍ଥାର ତିନୋଟି ପ୍ରମୁଖ ସ୍ତମ୍ଭ ଯଥା ନ୍ୟାୟପାଳିକା, ଅଭିଯୋଜନ ଏବଂ ପୋଲିସ ସାମିଲ ଥିଲେ। ବିଶେଷଜ୍ଞମାନଙ୍କୁ ଶିକ୍ଷା ଅନୁଷ୍ଠାନ ଏବଂ ସେବା ପ୍ରଦାନ କରୁଥିବା ବରିଷ୍ଠ ଅଭ୍ୟାସକାରୀଙ୍କ ମଧ୍ୟରୁ ଚୟନ କରାଯାଇଥିଲା ।

ଦୁଇ ଦିନିଆ ଜାତୀୟ ସମ୍ମିଳନୀକୁ ସମ୍ବୋଧିତ କରି କେନ୍ଦ୍ର ଗୃହ ସଚିବ ଶ୍ରୀ ଗୋବିନ୍ଦ ମୋହନ କହିଛନ୍ତି, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ସରକାର ଏକ ସୁରକ୍ଷିତ, ସ୍ୱଚ୍ଛ ଏବଂ ପ୍ରମାଣ ଆଧାରିତ ଅପରାଧିକ ନ୍ୟାୟ ବ୍ୟବସ୍ଥା ନିର୍ମାଣ କରୁଛନ୍ତି। ଶ୍ରୀ ମୋହନ କହିଥିଲେ ଯେ, କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହଙ୍କ ମାର୍ଗଦର୍ଶନରେ ଦେଶ ଦ୍ରୁତ ନ୍ୟାୟର ଏକ ନୂତନ ଯୁଗ ଆରମ୍ଭ କରିଛି। ସେ ଦୋହରାଇଥିଲେ ଯେ ନୂତନ ଅପରାଧିକ ଆଇନର ଉଦ୍ଦେଶ୍ୟ ହେଉଛି ଭାରତର ଅପରାଧିକ ନ୍ୟାୟ ବ୍ୟବସ୍ଥାକୁ ଉପନିବେଶବାଦ ମୁକ୍ତ କରିବା ଏବଂ ଏହାକୁ ଅଧିକ ପୀଡ଼ିତ-କୈନ୍ଦ୍ରିକ ତଥା ପ୍ରଯୁକ୍ତିବିଦ୍ୟା-ସକ୍ଷମ କରିବା। ସେ ଭୋପାଳର ଜାତୀୟ ନ୍ୟାୟିକ ଏକାଡେମୀରୁ ଏହି ଆଇନଗୁଡିକର କାର୍ଯ୍ୟକାରିତା ପାଇଁ ଏକ ପ୍ରମୁଖ ସଂସ୍ଥାଗତ ଅବଦାନକୁ ପ୍ରଶଂସା କରିଥିଲେ, ଯାହା ନୂତନ ଢାଂଚା ଅଧୀନରେ ପ୍ରବର୍ତ୍ତିତ ପ୍ରମୁଖ ବୈଷୟିକ ନବସୃଜନ ପାଇଁ ମଡେଲ ନିୟମ/ ମାନକ ପରିଚାଳନା ପ୍ରକ୍ରିୟା ପ୍ରସ୍ତୁତ କରିଛି। ଏଥିରେ ଇ-ସାକ୍ଷୀ (ଇଲେକ୍ଟ୍ରୋନିକ୍ ପ୍ରମାଣ), ଇ-ସମନ (ଡିଜିଟାଲ୍ ଜାରି ଏବଂ ଆଇନଗତ ନୋଟିସ୍ ବିତରଣ), ଗୋଷ୍ଠୀ ସେବା (ଏକ ବିକଳ୍ପ ଦଣ୍ଡ ବ୍ୟବସ୍ଥା ଭାବରେ), ଏବଂ ନ୍ୟାୟ ଶ୍ରୁତି (ସୁଲଭ ନ୍ୟାୟ ପ୍ରଦାନ ପାଇଁ ଅଡିଓ-ଭିଜୁଆଲ୍ ସିଷ୍ଟମ୍) ଅନ୍ତର୍ଭୁକ୍ତ।

କେନ୍ଦ୍ର ଗୃହ ସଚିବ କହିଛନ୍ତି, ଜ୍ଞାନକୌଶଳ ନୂତନ ଅପରାଧିକ ଆଇନର ଆଧାର ଗଠନ କରେ, ଯାହାର ଉଦ୍ଦେଶ୍ୟ ଦୀର୍ଘ ଦିନର ବିଳମ୍ବ ସମସ୍ୟାର ସମାଧାନ କରି ଏକ ଦ୍ରୁତ ଏବଂ ଅଧିକ ଦକ୍ଷ ନ୍ୟାୟ ପ୍ରଦାନ ବ୍ୟବସ୍ଥା ସୁନିଶ୍ଚିତ କରିବା। ନୂତନ ଆଇନ ଅନୁସନ୍ଧାନ, ବିଚାର ଏବଂ ଅନ୍ୟାନ୍ୟ ପ୍ରକ୍ରିୟାଗତ ପର୍ଯ୍ୟାୟରେ ବିଳମ୍ବକୁ ହ୍ରାସ କରିବା ପାଇଁ ପରିକଳ୍ପିତ ଅନେକ ବ୍ୟବସ୍ଥା ପ୍ରବର୍ତ୍ତନ କରେ । ସେ କହିଥିଲେ ଯେ, ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟର ଇ-କମିଟି ନୂତନ ଆଇନର ପ୍ରଭାବି କାର୍ଯ୍ୟାନ୍ୱୟନ ପାଇଁ ଆବଶ୍ୟକ ବୈଷୟିକ ସମନ୍ୱୟକୁ ଆଗେଇ ନେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।

କେନ୍ଦ୍ର ଗୃହ ସଚିବ କହିଛନ୍ତି ଯେ, ଆଗକୁ ଯାଇ, ତିନୋଟି ନୂତନ ଅପରାଧିକ ଆଇନ ଅଧୀନରେ ପ୍ରବର୍ତ୍ତିତ ସଂସ୍କାରଗୁଡ଼ିକର ନିରନ୍ତର ଗ୍ରହଣ, ନିରନ୍ତର ଉନ୍ନତି ଏବଂ ସଂସ୍ଥାଗତକରଣ ଉପରେ ଧ୍ୟାନ ଦେବା ଆବଶ୍ୟକ।

# ମେଧାବୀ ଛାତ୍ର ଭାରତଭୂଷଣଙ୍କୁ ସମ୍ବର୍ଦ୍ଧନା

କେନ୍ଦୁଝର,୧୦/୧୧ (ନି.ପ୍ର): ସାହାରପଡ଼ା ବ୍ଲକ୍ ଦାମାହୁଦା ପଂଚାୟତ ଗୋଜା ପଥର ଗ୍ରାମର ଦୟାନିଧି ମହାନ୍ତ ଓ ଶକୁନ୍ତଳା ମହାନ୍ତଙ୍କର ସୁଯୋଗ୍ୟ ସନ୍ତାନ ଭାରତ ଭୂଷଣ ମହାନ୍ତ ଚଳିତ ବର୍ଷର ନୀଟ ପରୀକ୍ଷାରେ ସଫଳତା ଲାଭ କରି ଭବାନୀପାଟଣା ମେଡ଼ିକାଲ କଲେଜରେ ଡାକ୍ତରୀ ପଢ଼ିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଗବାରୁ ଗୋଜା ପଥର ଉଚ୍ଚ ବିଦ୍ୟାଳୟ ପରିସରରେ ସମ୍ବଦ୍ଧନା ଦିଆଯାଇଛି । ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ନାଏକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ରୂପେ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ପୂର୍ବତନ ପ୍ରଧାନ ଶିକ୍ଷକ ଶିକ୍ଷାବିତ୍ ମହେଶ୍ୱର ମହାନ୍ତ ମେଧାବୀ ଛାତ୍ରଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ । ସମ୍ମାନିତ ଅତିଥି ରୂପେ ମେଧାବୀ ଛାତ୍ର/ଛାତ୍ରୀ ସମ୍ବଦ୍ଧନା ମଂଚ ତରଫରୁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସ୍ୱାମପାଟଣାର ବିଜ୍ଞାନ ଶିକ୍ଷକ ତଥା ଭାଷ୍ୟକାର ପାର୍ଥସାରଥୀ ବେଜ ଓ ପାଟଣା ବ୍ଲକ୍ର ଶିକ୍ଷକ ନେତା ପ୍ରମୋଦ କୁମାର ମହାନ୍ତ ଭାରତ ଭୂଷଣ ଏବଂ ତାଙ୍କ ପିତାଙ୍କୁ ଉତ୍ତରୀୟ ପ୍ରଦାନକରି ସମ୍ବଦ୍ଧନା କରିଥିଲେ । ସ୍ୱାମପାଟଣା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ କର୍ମଚାରୀ ତଥା ସାମାଜିକ କର୍ମୀ ବିଦ୍ୟାଧର ମହାନ୍ତ ଭାରତ ଭୂଷଣଙ୍କୁ ସମ୍ବଦ୍ଧନା ପତ୍ର ପ୍ରଦାନ କରିବା ସହିତ ତାଙ୍କର ମାତା ଙ୍କୁ ମଧ୍ୟ ପ୍ରଶଂସା ପତ୍ର ସହିତ ବସ୍ତ୍ର ଓ ଉପବସ୍ତ୍ର ପ୍ରଦାନ ପୂର୍ବକ ଆଶୀର୍ବାଦ କରିଥିଲେ। ଗୋଜା ପଥର ଉଚ୍ଚ ବିଦ୍ୟାଳୟର ଶିକ୍ଷକ ରମେଶ ଚନ୍ଦ୍ର ସ୍ୱାଇଁ, ସତ୍ୟବ୍ରତ ରାଉତ, ଶତ୍ରୁଘ୍ନ ଖୁଂଟିଆ ଓ ଅବସର ପ୍ରାପ୍ତ ଶିକ୍ଷକ ଶ୍ରୀଯୁକ୍ତଯୁକ୍ତ ନନ୍ଦକିଶୋର ମହାନ୍ତି ଭାରତ ଭୂଷଣ ଙ୍କୁ ଉତ୍ସାହିତ କରିବା ସହିତ ତାଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ । ଏହି କାର୍ଯ୍ୟ କ୍ରମରେ ପୁରାତନ ଛାତ୍ର ସଂସଦର କର୍ମକର୍ତ୍ତା ଭକ୍ତବନ୍ଧୁ ମହାନ୍ତି, ହୃଷୀକେଶମହାନ୍ତ, ରୋହିତ କୁମାର ମହାନ୍ତ ଯୋଗ ଦେଇ ଏହାକୁ ସଫଳ କରିଥିଲେ ।

# ଉତ୍କଳ ସାମ୍ବାଦିକ ସଙ୍ଘର ସାଧାରଣ ବୈଠକ ଅନୁଷ୍ଠିତ

ମାଲକାନଗିରି,୧୦/୧୧ (ନି.ପ୍ର): ମାଲକାନଗିରି ଜିଲ୍ଲା ଉତ୍କଳ ସାମ୍ବାଦିକ ସଙ୍ଘ କୋରୁକୋଣ୍ଡା ଶାଖା ପକ୍ଷରୁ ଆଜି ନୀଳାଦ୍ରିନଗର ସ୍ଥିତ ସୋରଲୁକୋଣ୍ଡା ବ୍ୟାରେଜ ଠାରେ ଆଜି ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକଟି କୋରୁକୋଣ୍ଡା ଉତ୍କଳ ସାମ୍ବାଦିକ ସଙ୍ଘ ସଭାପତି ପ୍ରଦୀପ ମହାରଣା ଙ୍କ ନେତୃତ୍ୱରେ ହୋଇଥିବା ବେଳେ ଜିଲ୍ଲାର ପ୍ରତ୍ୟେକ ବ୍ଲକ ରୁ ସଙ୍ଘ ର ସଭାପତି ସଂପାଦକ ଙ୍କ ସମେତ ଅନ୍ୟ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଉତ୍କଳ ସାମ୍ବାଦିକ ସଙ୍ଘ ଜିଲ୍ଲାର କିପରି ବିଭିନ୍ନ ଜନ ମଙ୍ଗଳକାରୀ କାର୍ଯ୍ୟ କରିବ ସେନେଇ ଆଲୋଚନା ହୋଇଥିଲା। ଏଥି ସମେତ ସଂଘକୁ ସୁଦୃଢ କରାଯିବା ସହ ଆଗାମୀ ଜାତୀୟ ପ୍ରେସ ଦିବସ ଏବଂ ରାଜ୍ୟ କାର୍ଯ୍ୟ କାରିଣୀ ବୈଠକ କିପରି ସୁଚାରୁ ରୂପେ ହେବ ସେନେଇ ଆଲୋଚନା ହୋଇଥିଲା। ସାମ୍ବାଦିକ ମାନେ ନିଜ ନିଜର ମୌଳିକ ସମସ୍ୟା ଜିଲ୍ଲା ସଭାପତି ଅଶୋକ ମିଶ୍ର ଙ୍କୁ ଜଣାଇଥିଲେ। ଆଜିର ଏହି ବୈଠକରେ ଜିଲ୍ଲା ଉତ୍କଳ ସାମ୍ବାଦିକ ସଙ୍ଘ ସଭାପତି ଶ୍ରୀ ମିଶ୍ର ଙ୍କ ସମେତ ଜିଲ୍ଲା କାର୍ଯ୍ୟକାରୀ ସଭାପତି ନିରଞ୍ଜନ ମଲ୍ଲ, ଉପଦେଷ୍ଟା ରତ୍ନାକର ଦାଶ, ସହ ସମ୍ପାଦକ ଶିବଦତ୍ତ ସାହୁ, କୋରୁକୋଣ୍ଡା ଶାଖା କୋଷାଧ୍ୟକ୍ଷ ଅବିନାଶ ବେହେରା, ବିଦ୍ୟୁତ ବୈରାଗୀ, କାଲିମେଳା ସଙ୍ଘ ସମ୍ପାଦକ ସୌରଭ ମଣ୍ଡଳ ଙ୍କ ସମେତ ୩୫ ରୁ ଊର୍ଦ୍ଧ୍ୱ ସାମ୍ବାଦିକ ଉପସ୍ଥିତ ଥିଲେ।

# ସାଇବର ସଚେତନତା ରଥକୁ ସୁବର୍ଣ୍ଣପୁର ଜିଲ୍ଲା ପୋଲିସ ପକ୍ଷରୁ ଭବ୍ୟ ସ୍ୱାଗତ

ସୁବର୍ଣ୍ଣପୁର,୧୦/୧୧ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ସ୍ଥାନୀୟ ନଳିନୀ ଛକ ଠାରେ ସାଇବର ସଚେତନତା ରଥ କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରା ଯାଇଛି । ସୁବର୍ଣ୍ଣପୁର ଏସପି ଶ୍ରୀ ନାରାୟଣ ନାଏକ ଓ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ଅଞ୍ଜଳିନା ପଧାନ ଯୋଗ ଦେଇ ସବୁଜ ପତାକା ଦେଖାଇ ଏହାର ଶୁଭ ଉଦଘାଟନ କରିଥିଲେ । ଆଜି ଠାରୁ ଆସନ୍ତା ୧୭ ତାରିଖ ଯାଏ ଏହି ସଚେତନତା ରଥ ପ୍ରତି ବ୍ଲକ ଓ ପଂଚାୟତ କୁ ଯାଇ ଲୋକ ଙ୍କୁ ସଚେତନ କରିବ । ସାଇବର ଠକେଇ ରୁ ନିଜ କୁ ଦୂରେଇ ରଖିବାକୁ ଓ ପୁରା ସାବଧାନ ହୋଇ ନିଜର ର କଷ୍ଟ ଲବ୍ଧ ଅର୍ଥ କୁ ସୁରକ୍ଷିତ ରଖିବାକୁ ଏସପି ଶ୍ରୀ ନାଏକ ଓ ଏ ଡି ଏମ୍ ଶ୍ରୀମତୀ ପଧାନ ଆଜି ସହର ଓ ଜିଲ୍ଲା ବାସୀଙ୍କୁ ରୟାଲ ପଡିଆ ଠାରେ ଆୟୋଜିତ ଏକ ସଚେତନତା ସଭା ରେ ନିବେଦନ କରିଛନ୍ତି । ଆଜି ଏହି ଅବସର ରେ ସକାଳ ୭ ଟାରେ ନଳିନୀ ଛକ ରୁ ରୟାଲ ପଡିଆ ଯାଏ ଏକ ୱାକଥନ ଶୋଭା ଯାତ୍ରା ଅନୁଷ୍ଠିତ ହୋଇଥିଲା । ଆଜିର ଏହି କାର୍ଯ୍ୟ କ୍ରମ ରେ ଏସପି, ଏ ଡି ଏମ୍ ଙ୍କ ସମେତ ଅତିରିକ୍ତ ଏସପି ଶ୍ରୀ କେ. ହରି ପ୍ରସାଦ, ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଋଷି ମାଝୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚିତ୍ତ ରଞ୍ଜନ ମିଶ୍ର, ଡି ଏସ ପି ରେଣୁକା ସୁନା, ସମସ୍ତ ଡି ଏସ ପି, ଏସ ଡି ପି ଓ ଶ୍ରୀ ପ୍ରତାପ ଚନ୍ଦ୍ର ତ୍ରିପାଠୀ, ସୋନପୁର ଥାନା ଭାରପ୍ରାପ୍ତ ଅଧିକାରୀ ତାପସ ଭୋଇ, ପୋଲିସ୍ ଆର ଆଇ ଶ୍ରୀ କାହ୍ନୁ ଚରଣ ମାରାଣ୍ଡି, ହୋମ ଗାର୍ଡ ଆର ଆଇ ଭକ୍ତ ବନ୍ଧୁ ସେଠ, ପୋଲିସ୍ ସର୍ଜନ ନୀଳକଣ୍ଠ କହଁର ପ୍ରମୁଖ ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ। ସୋନପୁର କଲେଜ ଏନ ସି ସି, ବିଜୁ ପଟ୍ଟନାୟକ ମହିଳା ଡିଗ୍ରୀ କଲେଜ, ଅଦିତି କଲେଜ, ସୁକାନ୍ତି ଇଂଟର ନେସନାଲ ସ୍କୁଲ, କୋଶଳ ହାଇସ୍କୁଲ୍, ସାହାରା ହାଇସ୍କୁଲ୍, ମହାରାଜା ହାଇସ୍କୁଲ, ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରମୁଖ ସହର ର ବହୁ ଶିକ୍ଷା ଅନୁଷ୍ଠାନ ର ଛାତ୍ର ଛାତ୍ରୀ , ମିଡ଼ିଆ ଓ ବୁଦ୍ଧିଜୀବି ଏହି କାର୍ଯ୍ୟ କ୍ରମ ରେ ଯୋଗ ଦେଇ ଥିଲେ।

# କଳିଙ୍ଗ ବାଲିଯାତ୍ରା ଉଦ୍‌ଯାପିତ : ବଲିଉଡ ଗାୟକ ଅଙ୍କିତ ତିୱାରୀଙ୍କ କଣ୍ଠର ଯାଦୁରେ ଦର୍ଶକ ଝୁମିଲେ




ପାରାଦୀପ, ୧୦/୧୧ (ନି.ପ୍ର): ପାରାଦୀପରେ ୭ ଦିନ ଧରି ଚାଲିଥିବା କଳିଙ୍ଗ ବାଲିଯାତ୍ରା ଆଜି ସନ୍ଧ୍ୟାରେ ଉଦଯାପିତ ହୋଇ ଯାଇଛି । ଉଦଯାପନୀ ସମାରୋହରେ ପୌରହିତ୍ୟ କରିଥିଲେ କଳିଙ୍ଗ ବାଲିଯାତ୍ରା କମିଟିର ଅଧକ୍ଷ ତଥା ଜିଲ୍ଲାପାଳ ଜେ। ସୋନାଲ । ମୁଖ୍ୟ ଅତିଥି ଭାବେ ମହାମହିମ ରାଜ୍ୟପାଳ ଡ଼ ହରି ବାବୁ କମ୍ଭମ୍ ପାଟି ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ମାନ୍ୟବର ମନ୍ତ୍ରୀ ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଜଗତସିଂହପୁର ସାଂସଦ ଡ। ବିଭୁପ୍ରସାଦ ତରାଇ, ଡିଆଇଜି ସେଣ୍ଟ୍ରାଲ ରେଞ୍ଜ ସତ୍ୟଜିତ ନାୟକ,ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା। ପ୍ରମୁଖ ଯୋଗ ଦେଇଥିଲେ। କଳିଙ୍ଗ ବାଲିଯାତ୍ରା କେବଳ ଏକ ମହୋତ୍ସବ ନୁହେଁ ବରଂ କଳିଙ୍ଗର ନୌବାଣିଜ୍ୟ ଇତିହାସକୁ ଦର୍ଶାଉଛି ବୋଲି ରାଜ୍ୟପାଳ ଶ୍ରୀଯୁକ୍ତ କମ୍ଭମ ପାଟି ବକ୍ତବ୍ୟ ରେ କହିଥିଲେ।ବାଲିଯାତ୍ରା ମହୋତ୍ସବ ପ୍ରତି ଓଡିଆଙ୍କ ହୃଦୟକୁ ଯୋଡିଥାଏ । କଳିଙ୍ଗର ବୀରସାଧବମାନେ ନୌବାଣିଜ୍ୟର ପରମ୍ପରା ସୃଷ୍ଟି କରିଥିଲେ । ବାଲିଯାତ୍ରା ମହୋତ୍ସବ ଏକତା, ସଂସ୍କୃତି, ଅତୀତର ଗୌରବର ଗାଥା ବର୍ଣ୍ଣନା କରେ । ପାରାଦୀପ ବନ୍ଦର ଓଡିଶାର ଗର୍ବ ଓ ଗୌରବର ଗାଥା ଭାବେ ଉଭା ହୋଇଛି । ପ୍ରାଚୀନ ନୌ ବାଣିଜ୍ୟର ଐତିହ୍ୟ ଓ ପରମ୍ପରାର ସ୍ମୃତି ଚାରଣ ନିମନ୍ତେ ଜଗତସିଂହପୁର ଜିଲ୍ଲାର ଏହି ପ୍ରୟାସକୁ ଅନେକ ପ୍ରଶଂସା କରିଥିଲେ। କଳିଙ୍ଗ ବାଲିଯାତ୍ରା ର ଉଦଯାପନୀ ଉତ୍ସବ ରେ ସାମିଲ ହୋଇ ଅତ୍ୟନ୍ତ ଗର୍ବ ଓ ଖୁସୀ ଅନୁଭବ କରୁଛନ୍ତି ବୋଲି କହିଥିଲେ। ଉତ୍କଳର ନୌ ବାଣିଜ୍ୟ ଏକ ଅନନ୍ୟ ପରିଚୟ ସୃଷ୍ଟି କରିପାରିଛି। ଏହା କେବଳ ଏକ ମହୋତ୍ସବ ନୁହେଁ ବରଂ ଓଡ଼ିଶା ର ନୌ ବାଣିଜ୍ୟ ର ଇତିହାସ କୁ ଦର୍ଶାଉଛି। ଏହି ମହାନ ପରମ୍ପରାର ପୁନରୁଦ୍ଧାର ପାଇଁ ଜଗତସିଂହପୁର ବାସି ସର୍ବଦା ତତ୍ପର ଓ ଆଜି କଳିଙ୍ଗ ବାଲିଯାତ୍ରା ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଓଡ଼ିଶା ର ନୌବାଣିଜ୍ୟ କେବଳ ବ୍ୟାପାର ବାଣିଜ୍ୟ ନୁହେଁ ବରଂ ଶାନ୍ତି, କଳା ଓ ଆଧ୍ୟାତ୍ମିକତା ର ଅମୂଲ୍ୟ ମୂଲ୍ୟବୋଧ କୁ ଦର୍ଶାଉଛି। ଏହି ବାଲିଯାତ୍ରାରେ ପ୍ରଦର୍ଶିତ ସାମଗ୍ରୀ ଓଡ଼ିଶା ର ଗହନ ଶିଳ୍ପ ଚତୁରୀ କୁ ପ୍ରମାଣିତ କରୁଛି। ଦେଶର ଅର୍ଥ ବ୍ୟବସ୍ଥା, ପାରସ୍ପରିକ ଆଦାନ ପ୍ରଦାନ, ସାଂସ୍କୃତିକ ପରମ୍ପରା କୁ ବିଶ୍ୱ ଦରବାର ରେ ପ୍ରତିଷ୍ଠିତ କରାଉଛି। ଓଡ଼ିଶା ତଥା ଜିଲ୍ଲା ର ଏହି ମହାନ୍ ପରମ୍ପରା ଆମକୁ ଏକ ଉଜ୍ଜ୍ୱଳ ଭବିଷ୍ୟତ ଆଡ଼କୁ ଅଗ୍ରସର ହେବାର ସ୍ୱପ୍ନ ଦେଉଛି। ଏପରି ସୁନ୍ଦର ପ୍ରୟାସ ପାଇଁ ମାନ୍ୟବର ରାଜ୍ୟପାଳ, ଜିଲ୍ଲାପାଳ, ଆୟୋଜକ କଳିଙ୍ଗ ବାଲିଯାତ୍ରା କମିଟି ତଥା ଜିଲ୍ଲାବାସୀ ଙ୍କୁ ଧନ୍ୟବାଦ୍ ଜଣାଇଥିଲେ। ମୁଖ୍ୟବକ୍ତା ଭାବେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ଡବଲ ଇଞ୍ଜିନି ସରକାରଙ୍କ ବିଭିନ୍ନ ନିଷ୍ପତି ପାଇଁ ପାରାଦୀପ ଆଜି ଉନ୍ନତିର ମୁଖଶାଳା ପାଲଟିଛି । ଜଗତସିଂହପୁର ମାଟି ସବୁବେଳେ ଐତିହ୍ୟର ଗୁଣଗାନ କରିଥାଏ। ପାରାଦୀପ ରେ ଅନୁଷ୍ଠିତ ହେଉଥିବା କଳିଙ୍ଗ ବାଲିଯାତ୍ରା ଆମର ପୂର୍ବ ସାଧବ ପୁଅ ମାନଙ୍କ ର ମହାନ କୀର୍ତ୍ତିରାଜି କୁ ମନେ ପକାଇବା ସହ ଅର୍ଥନୈତିକ ଅଭିବୃଦ୍ଧିର ସୋପାନ ବୋଲି ସାଂସଦ ଶ୍ରୀଯୁକ୍ତ ତରାଇ କହିଥିଲେ। କଳିଙ୍ଗ ବାଲିଯାତ୍ରା ଏକ ସୁନ୍ଦର ପରମ୍ପରା ଯାହା ଇତିହାସର ମୂକ ସାକ୍ଷୀ ଓ କଳିଙ୍ଗ ବାଲିଯାତ୍ରା ବର୍ତ୍ତମାନ ରାଜ୍ୟରେ ଦ୍ୱିତୀୟ ସର୍ବ ବୃହତ୍ ବାଣିଜ୍ୟ ସ୍ଥଳ ହୋଇପାରିଛି।ସଭାରେ ଅଧକ୍ଷତା କରି ଜିଲ୍ଲାପାଳ ଶ୍ରୀ ଜେ ସୋନାଲ କହିଲେ ଚଳିତ ବର୍ଷ ସବୁ ଷ୍ଟଲ୍ ରେ ଯଥେଷ୍ଟ କିଣାବିକା ହୋଇଛି ଯାହା ପ୍ରତ୍ୟକ୍ଷ ବା ପରୋକ୍ଷ ରେ ଜିଲ୍ଲାର ଅର୍ଥନୀତି କୁ ସୁଦୃଢ଼ କରିବା ସହ ଅନେକ ଙ୍କୁ ଆତ୍ମ ନିର୍ଭର କରିପାରିଛି।ଚଳିତ ବର୍ଷ ବାଲିଯାତ୍ରା ଯେପରି ହେଲା ଆଗକୁ ଆହୁରି ଅଧିକ ଭଲ ହେବ ବୋଲି ଜିଲ୍ଲାପାଳ କହିଥିଲେ। ଓରମାସ ପଲ୍ଲୀଶ୍ରୀ ମେଳାରେ ଚଳିତ ବର୍ଷ ଭଲ ବ୍ୟବସାୟ ହୋଇ ଥିବା ଜଣାପଡିଛି। ପାଖା ପାଖୀ ଏକ କୋଟି ଚଉଷଠି ଲକ୍ଷ ଟଙ୍କା ବେପାର ହେଇଛି । ପ୍ରଥମ ତିନି ଦିନ ଛାଡି ରବିବାର ଛଡା ଅନ୍ୟ ୪ ଦିନ ଯାକ ଆଖିଦୃଶିଆ ଜନ ସମାଗମ ହୋଇ ଥିଲା। ଜନ ସମାଗମ ହେତୁ ବ୍ୟବସାୟୀ ମାନେ ଭଲ ବ୍ୟବସାୟ କରି ଥିବା ଜଣାପଡିଛି। ଜିଲ୍ଲାପାଳ ଚଳିତ ବର୍ଷର ବାଲିଯାତ୍ରାର ସୁପରିଚାଳନା ପାଇଁ ପୋଲିସ ପ୍ରଶାସନ, ପାରାଦ୍ୱୀପ ପୌର ପରିଷଦ, ବାଲିଯାତ୍ରା ଆୟୋଜକ କମିଟି ତଥା ସମସ୍ତ ଜନସାଧାରଣ ଏବଂ ଗଣମାଧମ ପ୍ରତିନିଧି ଙ୍କୁ ନିଜର କୃତଜ୍ଞତା ଜ୍ଞାପନ କରିଥିଲେ। ଜିଲ୍ଲାର ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା। ମଧ୍ୟ କଳିଙ୍ଗ ବାଲିଯାତ୍ରାର ସଫଳ ଆୟୋଜନ ଏବଂ ଶାନ୍ତି ଶୃଙ୍ଖଳାର ପରିଚାଳନା ପାଇଁ ସମସ୍ତଙ୍କୁ ଆନୁଷ୍ଠାନିକ ଧନ୍ୟବାଦ ଜଣାଇଥିଲେ। ଆଜି ଶେଷ ସନ୍ଧ୍ୟାରେ ଶ୍ରେଷ୍ଠ ସ୍ୱୟଂ ସହାୟକ ଗୋଷ୍ଠୀ ସହିତ ବିଭିନ୍ନ ପ୍ରତିଯୋଗିତା ର କୃତି ପ୍ରତି ଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଉଦଯାପନୀ ସନ୍ଧ୍ୟାରେ ରେ ସ୍ୱନାମଧନ୍ୟ ବଲିଉଡ୍ ଗାୟକ ଅଙ୍କିତ ତିୱାରୀ, ଓଡ଼ିଆ ଗୀତିକାର ଆଶୁତୋଷ ମହାନ୍ତି, ଗୌତମ ଗିରି ଓ ଯାଜ୍ଞସେନୀଙ୍କ କଣ୍ଠର ଯାଦୁରେ ଦର୍ଶକ ଝୁମି ଉଠିଥିଲେ। ବିଭିନ୍ନ ହସ୍ତଶିଳ୍ପ ସାମଗ୍ରୀ ସାଙ୍ଗକୁ ଘରକରଣା ଜିନିଷ ସହ ଟେରାକୋଟା ସାମଗ୍ରୀ, ଓଡ଼ିଶା ର ପାରମ୍ପରିକ ଖାଦ୍ୟ ସାଙ୍ଗକୁ ବାହାର ରାଜ୍ୟର ଖାଦ୍ୟ ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରିଥିଲା। ପିଲା ମାନଙ୍କ ପାଇଁ ଆୟୋଜିତ ମୀନା ବଜାର, ବିଭିନ୍ନ ପ୍ରକାରର ଦୋଳି ଲୋକ ମାନଙ୍କ ମନୋରଞ୍ଜନ କରିଥିଲା। ଆଜି ଉଦଯାପନୀ କାର୍ଯ୍ୟକ୍ରମ ରେ ରାଜ୍ୟପାଳଙ୍କ ଗ୍ରସ୍ତ କୁ ନେଇ ପୋଲିସ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ।।।।

### ଭୋଟ୍ ଦେବ...

ମାଓ ପ୍ରବଣ ଅଞ୍ଚଳରେ ଥିବା ୮ଟି ବୁଥକୁ ପୁଲିଂ ପାଇଁ ହେଲିକପ୍ଟରରେ ଯାଇଛନ୍ତି । ଅନ୍ୟ ସମସ୍ତ ବୁଥକୁ ବସ୍ ଓ ଟ୍ରକ୍ ଯୋଗେ ଯାଇଛନ୍ତି ପୁଲିଂ ଅଧିକାରୀ । ଆଜି ସନ୍ଧ୍ୟା ସୁଦ୍ଧା ପୁଲିଂ ପାର୍ଟି ବୁଥରେ ପହଞ୍ଚିବେ । ସେଠାରେ ପୁଣି ଇଭିଏମ୍ ଓ ଭିଭିପାଟର ଯାଞ୍ଚ କରିବେ । କାଲି ସକାଳେ ଭୋଟ୍ ଗ୍ରହଣ ବେଳକୁ ଯେମିତି କୌଣସି ତ୍ରୁଟି ନହେବ ସେଥିପ୍ରତି ଗୁରୁତ୍ୱ ଦିଆଯାଉଛି । ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ଅନୁସାରେ ଚଳିତ ଥର ସବୁ ମତଦାନ କେନ୍ଦ୍ରର ୱେବ୍ କାଷ୍ଟିଂ ହେବ । ସମ୍ବେଦନଶୀଳ ବୁଥ ଅଞ୍ଚଳରେ କେନ୍ଦ୍ରୀୟ ସୁରକ୍ଷାବଳ ସହ ପୁଲିସ ମୂତୟନ ହୋଇଛନ୍ତି ।

### ଏସ୍‌ଆଇ ପରୀକ୍ଷା...

ନେପାଳରୁ ସେ ଉତ୍ତରାଖଣ୍ଡର ଚମ୍ପାବତକୁ ଆସି ଜାମିନ ପାଇଁ ଜଣେ ଓକିଲଙ୍କ ସହ ଯୋଗାଯୋଗ କରିଥିଲା। ଡିଏସ୍‌ପି ଅନିଲା ଆନନ୍ଦଙ୍କ ନେତୃତ୍ୱରେ ଦିଲ୍ଲୀରେ ଡେରା ପକାଇଥିବା କ୍ରାଇମବ୍ରାଞ୍ଚର ଏକ ଚାରିଜଣିଆ ଟିମ୍ ଏ ସଂପର୍କରେ ସୂଚନା ପାଇ ଚଢ଼ଉ କରିବା ସହିତ ତାକୁ ନେପାଳ ସୀମାରୁ କାବୁ କରିଥିଲେ। ଶଙ୍କର ନିକଟରୁ ଦୁଇଟି ମୋବାଇଲ୍ ଫୋନ ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ ହୋଇଥିବା ବେଳେ ଗାଜିଆବାଦରୁ ଗୋଟିଏ ଫର୍ଚୁନର ଗାଡ଼ି ଜବତ କରାଯାଇଥିଲା। ସେଠାରେ ଶଙ୍କରର ପତ୍ନୀ ଓ ପିଲାଙ୍କୁ କ୍ରାଇମବ୍ରାଞ୍ଚ ଟିମ୍ ଜେରା କରୁଥିବା ବେଳେ ଅନ୍ୟ ଏକ ଟିମ୍ ଶଙ୍କରକୁ ଧରି ଓଡ଼ିଶା ଆସିଥିଲେ। ଶଙ୍କରର ଦୁଇ ପ୍ରମୁଖ ସହଯୋଗୀ ମୁନା ମହାନ୍ତି ଏବଂ ଅରବିନ୍ଦ ଦାସ ଗିରଫ ହୋଇଛନ୍ତି। ଏଥିସହ କେଲେଙ୍କାରୀ ଧରାପଡ଼ିବା ପରେ ଆଇନଗତ ଏବଂ ଅନ୍ୟ ସହାୟତା କରିଥିବା ଶ୍ରୀକାନ୍ତ ମହାରଣା, ସୌମ୍ୟା ପ୍ରିୟଦର୍ଶିନୀ ସାହୁ ଓ ଅଭିମନ୍ୟୁ ଦୋରାଙ୍କ ମଧ ଗିରଫ କରାଯାଇଛି । ତେଣେ ଏହି ମାମଲାର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ସୁରେଶ ନାୟକଙ୍କୁ ପୁଲିସ ବାନ୍ଧିଥିଲା। ଶଙ୍କର ପୃଷ୍ଟି ଓ ସୁରେଶ ନାୟକଙ୍କୁ ଗତ ୪ ତାରିଖରେ କୋର୍ଟ ଚାଲାଣ କରାଯାଇଥିଲା । ଶଙ୍କର ପୃଷ୍ଟି ଓ ସୁରେଶ ନାୟକ ଏସ୍‌ଆଇ କେଲେଙ୍କାରୀର ମାଷ୍ଟର ମାଇଣ୍ଡ। ଗିରଫ ହେବା ଦିନ ଏୟାରପୋର୍ଟରେ ଚାଞ୍ଚଲ୍ୟକର ବୟାନ ଦେଇଥିଲା ଶଙ୍କର । ହଜାରେ କୋଟିର କେଲେଙ୍କାରୀ ଖୋଲିବାକୁ କହିଥିଲା। ମାତ୍ର ତଦନ୍ତ ବେଳେ କିଛି ସହଯୋଗ କରୁନଥିବା କ୍ରାଇମବ୍ରାଞ୍ଚ ଅଧିକାରୀ ସୂଚନା ଦେଇଛନ୍ତି। ଯାହାକୁ ନେଇ ତାର ପଲିଗ୍ରାଫ ଟେଷ୍ଟ ନେଇ ଆବେଦନ ହୋଇଛି ।

### ଟ୍ରମ୍ପଙ୍କ ବଡ଼ ...

ଯେତେବେଳେ ତାଙ୍କର ଏହି ଟାରିଫ କାର୍ଯ୍ୟକ୍ରମ ଆଇନଗତ ଅନିଶ୍ଚିତତାର ସାମ୍ନା କରୁଛି। ଉଲ୍ଲେଖଯୋଗ୍ୟ ଯେ, ଆମେରିକାର ସୁପ୍ରିମକୋର୍ଟରେ ଗତ କିଛି ଦିନ ତଳେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ ନୀତିକୁ ନେଇ ବହୁତ ବାଦବିବାଦ ହୋଇଥିଲା । ପ୍ରାୟ ଅଢେଇ ଘଣ୍ଟା ଧରି ଚାଲିଥିବା ଶୁଣାଣିରେ ବିଚାରପତିମାନେ ଟାରିଫର ବୈଧତା ଉପରେ ପ୍ରଶ୍ନ ଉଠାଇଥିଲେ । ମୁଖ୍ୟ ବିଚାରପତି ଜନ୍ ରବର୍ଟସ ତ ଆମେରିକୀୟ ସଲିସିଟର ଜେନେରାଲ ଡି. ଜନ୍ ସାୱରଙ୍କୁ ଏପରିକି କହିଥିଲେ ଯେ ଟାରିଫ ଆମେରିକୀୟମାନଙ୍କ ଉପରେ ଟିକସ ଲଗାଇବା ସହିତ ସମାନ ।

# ଡ଼ିଭାଇଡ଼ରରେ ପିଟି ହୋଇ ଯୁବକ ଆହତ

କୋରାଇ, ୧୦/୧୧ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ବଜାର ଉପରେ ଭାରସାମ୍ୟ ହରାଇ ଡ଼ିଭାଡ଼ର ସହିତ ଧକ୍କା ହୋଇ ଜଣେ ଯୁବକ ଆହତ ହୋଇଛନ୍ତି। ପ୍ରକାଶଯେ ଭଦ୍ରକ ଜିଲ୍ଲା ମଂଜୁରୀ ରୋଡ଼ ଅଂଚଳର ଆଶୀର୍ବାଦ ଦାସ କୌଣସି ଏକ କାମରେ ନିଜ ବାଇକରେ ଯାଜପୁର ରୋଡ଼ ଅଭିମୁଖେ ଯାଉଥିବା ବେଳେ ଭାରସାମ୍ୟ ହରାଇ ରାସ୍ତା ଡ଼ିଭାଇଡ଼ରରେ ବାଇକ ସହିତ ପିଟି ହୋଇଯାଇଥିଲେ। ଫଳରେ ବାଇକରୁ ପଡ଼ି ଆହତ ହୋଇଥିଲେ। ସ୍ଥାନୀୟ ଲୋକମାନେ ଓ ରାଜପଥ ପେଟ୍ରୋଲିଂ ପୁଲିସ ତାଙ୍କୁ ଉଦ୍ଧାର କରି ରାଜପଥ ଆମ୍ବୁଲାନ୍ସ ଯୋଗେଁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି।

# ଗଡେଭଇ ବନ୍ଧ ପାଇଁ ବାରମ୍ବାର ଦାବି ହେଉଛି : ମଙ୍ଗଳ ମାଝୀ



ଉଦଳା, ୧୦/୧୧ (ନି.ପ୍ର): ଖୁଂଟା ବ୍ଲକ ଅନ୍ତର୍ଗତ ବଡ଼ପଥରା ପଂଚାୟତରେ ନିର୍ମିତ ହେବାକୁ ଥିବା ଗଡେଭଇ ବନ୍ଧର ନିର୍ମାଣ କାମ ତୁରନ୍ତ ଆରମ୍ଭ କରିବାକୁ ଦିର୍ଘ ବର୍ଷ ତଳୁ ଦାବି ହୋଇ ଆସୁଛି ବୋଲି ସ୍ଥାନୀୟ ସରପଂଚ ମଙ୍ଗଳ ମାଝୀ ଜଣାଇଛନ୍ତି । ଏଥିପାଇଁ ସେ ବାରମ୍ବାର ବିଭାଗୀୟ ଅଧିକାରୀ ମାନଙ୍କୁ ସାକ୍ଷାତ କରି ଦାବି ସମ୍ପର୍କରେ ଅବଗତ କରାଉଥିଲେ ମଧ୍ୟ ଏହାର କୌଣସି ସୁଫଳ ମିଳିନଥିବାର କଥା ପ୍ରକାଶ କରିଛନ୍ତି । ଉକ୍ତ ବନ୍ଧ ନିର୍ମାଣ ପାଇଁ ସର୍ଭେ କାମ ସରିଯାଇଥିଲେ ମଧ ଏ ପର୍ଯ୍ୟନ୍ତ କାହିଁକି କାମ ଆରମ୍ଭ ହେଉ ନାହିଁ ତାହା କାହାରିକୁ ଜଣାନଥିବାର ସରପଂଚ କହିଛନ୍ତି । ଏହିବନ୍ଧ ନିର୍ମାଣ ହେଲେ ବଡ଼ପଥରା ପଂଚାୟତ ସମେତ ପାଖକୁ ଲାଗିକରିଥିବା ସପନଚୁଆ, ବାଙ୍ଗରା, ବଡ଼ଫେଣି ପଂଚାୟତର ଶତାଧିକ ଗ୍ରାମ ଚାଷ ପାଇଁ ବର୍ଷ ସାରା ପାଣି ପାଇପାରିବେ ବୋଲି କହିଛନ୍ତି । ବର୍ଷସାରା ଚାଷ କାମ ଲାଗି ରହିଲେ ଖାଦ୍ୟର ଅଭାବ ଦୁର ହେବା ସାଙ୍ଗକୁ ଏହି ପଂଚାୟତ ଗୁଡ଼ିକର ଲୋକେ ଆଉ ଦାଦନ ଖଟିବାକୁ ଯିବେ ନାହିଁ ବୋଲି ସରପଂଚ ମତ ଦେଇଛନ୍ତି । ବର୍ତମାନ କ୍ଷମତାରେ ଥିବା ଡ଼ବଲ ଇଂଜିନ ସରକାର ଏହି ବନ୍ଧ ନିର୍ମାଣ ପାଇଁ ଉଦ୍ୟମ କରିବେ ବୋଲି ସରପଂଚ ମଙ୍ଗଳ ଆଶା ବାନ୍ଧିଛନ୍ତି । ତାଛଡ଼ା ଏହା ଏକ ପର୍ଯ୍ୟଟନ ସ୍ଥଳ ଭାବେରେ ପରିଗଣିତ ହେବା ସହ ବେଶ ଦୁଇ ପଇସା ରୋଜଗାର ପାଇଁ ବାଟ ଫିଟିବ ବୋଲି କହିଛନ୍ତି । ଶିମିଳିପାଳ ଅଭୟାରଣ୍ୟକୁ ଲାଗିକରି ଥିବା ବଡ଼ପଥରା ପଂଚାୟତକୁ ଅନେକ ସମୟରେ ଜଙ୍ଗଲି ଜନ୍ତୁ ପ୍ରବେଶ କରିବା ସହ ଫସଲ ନଷ୍ଟ କରୁଥିବାର ସରପଂଚ ଜଣାଇଛନ୍ତି । ତେବେ ଏ ବାବଦରେ ଚାଷି ମାନେ ଉପଯୁକ୍ତ କ୍ଷତି ପୁରଣ ପାଇପାରୁନଥିବାର କଥା ସରପଂଚ ଅଭିଯୋଗ କରିଛନ୍ତି । କିଛିଦିନ ପୁର୍ବରୁ ଜନଜାଗୃତି ମଂଚ ତରଫରୁ ସରପଂଚ ମାନଙ୍କୁ ଯେଉଁ ଡ଼ିଜିଟାଲ ସାକ୍ଷରତା ତାଲିମ ପ୍ରଦାନ କରାଯାଇଥିଲା ଏଥିରେ ସରପଂଚ ମଙ୍ଗଳ ମାଝୀ ଅଂଶ ଗ୍ରହଣ କରିଥିଲେ । ଏହି ତାଲିମ ତାଙ୍କୁ ଖୁବ୍ ଭଲ ଲାଗିଥିବାର ସେ ପ୍ରକାଶ କରିବା ସହ ଆଗାମି ଦିନରେ ଏହା ବହୁ ଦରକାରରେ ଆସିବ ବୋଲି କହିଛନ୍ତି । ଜଙ୍ଗଲ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ସିସି କ୍ୟାମେରା ଲଗାଇ ଦିଆଯିବା ଫଳରେ ଶିକାର ବହୁ ପରିମାଣରେ କମି ଯାଇଛି । ତାଛଡ଼ା ଜଙ୍ଗଲ ଜନ୍ତୁ ମାନଙ୍କୁ ଆଦୌ ଶିକାର ନକରିବା ଓ ଜଙ୍ଗଲରେ ନିଆଁ ନଲଗାଇବା ପାଇଁ ପଂଚାୟତ ତରଫରୁ ଲୋକଙ୍କୁ ସଚେତନ କରାଯାଉଛି ବୋଲି ସରପଂଚ ଜଣାଇଥିଲେ । ପିଇବା ପାଣି ବଡ଼ପଥରା ପଂଚାୟତର ଏକ ବଡ଼ ସମସ୍ୟା ବୋଲି ସରପଂଚ ଜଣାଇଛନ୍ତି । ପାଇପ ଯୋଗେ ପାଣି ଏ ପର୍ଯ୍ୟନ୍ତ ସବୁ ଘରକୁ ଯୋଗାଯାଇ ପାରି ନାହିଁ, ଗ୍ରୀଷ୍ମ ଋତୁରେ ମାଟି ତଳର ଜଳ ବହୁ ତଳକୁ ଖସି ଯାଉଥିବାରୁ ନଳକୂପ ଗୁଡ଼ିକ ମଧ ଅଚଳ ହୋଇ ଯାଉଛି । ଫଳରେ ଲୋକେ ପାଣି ପାଇଁ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ରାଜ୍ୟ ସରକାର ଏହାର ତୁରନ୍ତ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସରପଂଚ ଅନୁରୋଧ ଜଣାଇଛନ୍ତି ।

# ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିର କାର୍ଯ୍ୟକ୍ରମ

ଭଦ୍ରକ, ୧୦/୧୧ (ନି.ପ୍ର): ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଚାନ୍ଦବାଲି ଠାରେ ଅନୁଷ୍ଠିତ ହୋଇଯାଇଅଛି । ଜିଲ୍ଲାପାଳ ଦିଲିପ ରାଉତରାଏ, ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସରୋଜ ଦତ୍ତ, ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ, ଶୁଭେନ୍ଦ୍ର ସାମଲ, ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ ସୁଧିରଞ୍ଜନ ନାୟକ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଡେପୁଟି କଲେକ୍ଟର ଜ୍ଞାନ ରଞ୍ଜନ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଚାନ୍ଦବାଲି ସଞ୍ଜୀବ ମହାପାତ୍ର, ତହସିଲଦାର ଚାନ୍ଦବାଲି ଭବତୋଷ ମଲିକ ଓ ଅନ୍ୟ ବିଭାଗର ଅଧିକାରୀ ମାନେ ଯୋଗଦେଇଥିଲେ। ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଦାଖଲ ହୋଇଥିବା ଅଭିଯୋଗ ପତ୍ରକୁ ସମାଧାନ ପାଇଁ ପଦକ୍ଷେପ ନେଇଥିଲେ। ଆଜିର ଜନଶୁଣାଣୀ ଶିବିରରେ ମୋଟ ୨୦୪ ଆବେଦନ ପତ୍ର ଦାଖଲ ହୋଇଥିଲା । ସେଥିରୁ ୧୬୮ ଟି ବ୍ୟକ୍ତିଗତ ଥିଲାବେଳେ , ୩୬ ଟି ସାମୁହିକ ଥିଲା। ୩୮ ଟି ର ସମାଧାନ ତତକ୍ଷଣାତ୍ ହୋଇଥିଲା । ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ରୁ ୨ ଜଣଙ୍କୁ ଓ ରେଡକ୍ରସ ରୁ ୩ ଜଣଙ୍କୁ ମୋଟ ୩୭,୦୦୦/- ଟଙ୍କା ପ୍ରଦାନ କରାଯାଇଥିଲା। ଆଜିର ଜନଶୁଣାଣୀ ରେ ମୁଖ୍ୟତଃ ଚାଷୀ ପଞ୍ଜୀକରଣ, ମଧୁବାବୁ ପେନସନ, ପି ଏମ ଆବାସ ଯୋଜନା ରେ ଗୃହ ବଣ୍ଟନ, ଜମିଜମା ସଂପର୍କିତ, ସରକାରୀ ଜମିରେ ବସବାସ କରୁଥିବା ଲୋକଙ୍କୁ ଉଚ୍ଛେଦ ବଦଳରେ ଜମି/ଗୃହ ଆବଣ୍ଟନ ଅଭିଯୋଗ ସହିତ ଚିକିତ୍ସା ପାଇଁ ଆର୍ଥିକ ସହାୟତା ଦରଖାସ୍ତ ହସ୍ତଗତ ହୋଇଥିଲା

# ୬୯ତମ ରାଜ୍ୟ ସ୍ତରୀୟ କ୍ରୀଡ଼ା ଉତ୍ସବ ଦୌଡ଼କୁଦ, ସଫ୍ଟବଲ୍ ଓ ବେସ୍ ବଲ୍ ପ୍ରତିଯୋଗିତା

ବାଲେଶ୍ୱର, ୧୦/୧୧ (ନି.ପ୍ର): ଓଡ଼ିଶା ରାଜ୍ୟ ବିଦ୍ୟାଳୟ ଓ ଜିଲ୍ଲା ବିଦ୍ୟାଳୟ କ୍ରୀଡ଼ା ସଙ୍ଗଠନ ଦୌଡ଼କୁଦରେ ୧୭ବର୍ଷରୁ କମ୍ ବାଳକ ଓ ବାଳିକା ଏବଂ ୧୪ବର୍ଷରୁ କମ୍ ବାଳକ ଓ ବାଳିକା ୪ଟି ବିଭାଗରେ, ସଫ୍ଟବଲ ଓ ବେସବଲରେ ବାଳକ ଓ ବାଳିକା ଦୁଇ ଦୁଇଟି ବିଭାଗରେ ଖେଳ ଅନୁଷ୍ଠିତ ହେବ। ଦୌଡ଼କୁଦରେ ୨୯ଟି ଜିଲ୍ଲାରୁ ୧୭ବର୍ଷରୁ କମ୍ ବାଳକ ବିଭାଗରେ ୧୮୯, ବାଳିକା ବିଭାଗରେ ୧୮୧, ୧୪ବର୍ଷରୁ କମ୍ ବାଳକ ବିଭାଗରେ ୧୩୬, ବାଳିକା ବିଭାଗରେ ୧୩୪, ସଫ୍ଟବଲରେ ୧୨ଟି ଜିଲ୍ଲାରୁ ୧୭ବର୍ଷରୁ କମ୍ ବାଳକ ବିଭାଗରେ ୧୪୨, ବାଳିକା ବିଭାଗରେ ୧୪୩, ବେସବଲରେ ୮ଟି ଜିଲ୍ଲାରୁ ୧୭ବର୍ଷରୁ କମ୍ ବାଳକ ବିଭାଗରେ ୯୬ ଏବଂ ବାଳିକା ବିଭାଗରେ ୧୦୮ - ସମୁଦାୟ ୧୧୨୯ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିବେ। ଦୌଡ଼କୁଦ ପାଇଁ ବିଭିନ୍ନ ଜିଲ୍ଲାରୁ ୫୬ ଜଣ ପୁରୁଷ ଓ ୩୯ ଜଣ ମହିଳା ମେନେଜର, ସଫ୍ଟବଲ ପାଇଁ ୧୩ ଜଣ ପୁରୁଷ ୧୪ ଜଣ ମହିଳା ମେନେର୍ଜ, ବେସବଲ ପାଇଁ ୯ ଜଣ ପୁରୁଷ ଓ ୯ ଜଣ ମହିଳା ମେନେଜର୍ - ସମୁଦାୟ ୧୪୦ ଜଣ ମେନେଜର ଯୋଗଦେବେ। ରାଜ୍ୟ ଅଫିସିଆଲ୍ - ଦୌଡ଼କୁଦ ପାଇଁ ୮୩ ଜଣ, ସଫ୍ଟବଲ ଓ ବେସବଲ ପାଇଁ ୨୪ ଜଣ, ଟେବୁଲ୍ ଅଫିସିଆଲ୍ ୧୬ ଜଣ ଏବଂ ଜିଲ୍ଲା ଅଫିସିଆଲ୍ ୧୬୦ ଜଣ - ସମୁଦାୟ ୨୮୩ ଜଣ ଅଫିସିଆଲ୍ ସହିତ ୬୦ ଜଣ ପରିଚାଳନା ସହଯୋଗୀଙ୍କୁ ମିଶାଇ ୧୬୧୨ ଜଣ ସଦସ୍ୟ ଏହି କ୍ରୀଡ଼ା ଉତ୍ସବରେ ଯୋଗଦେବେ। ୧୧ ତାରିଖ ଦିନ ୨ଟା ସମୟରେ ପରମିଟ୍ ପଡ଼ିଆରେ ଏହି କ୍ରୀଡ଼ା ଉତ୍ସବର ଉଦ୍ଘାଟନ ଉତ୍ସବ ଅନୁଷ୍ଠିତ ହେବ।

# ଯାତାୟାତରେ ବିଭ୍ରାଟ : ସ୍ଥିତି ଅନୁଧ୍ୟାନ ପୂର୍ବକ ତଦନ୍ତ କଲେ ବେତନଟୀ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ




ବେତନଟୀ, ୧୦/୧୧ (ନି.ପ୍ର): ବେତନଟୀ ରେଳ ଷ୍ଟେସନ ପରିସର ତଥା ଏହାର ଚତୁର୍ପାର୍ଶ୍ୱରେ ଉନ୍ନତିକରଣ କାର୍ଯ୍ୟ ଚାଲିଥିବା ବେଳେ ଷ୍ଟେସନକୁ ସଂଯୋଗ କରୁଥିବା ବିଦ୍ୟୁତ ସରବରାହକୁ ସ୍ଥାନାନ୍ତର ପାଇଁ ରେଳବିଭାଗର ଆବେଦନକ୍ରମେ ଟାଟାପାୱାର ପକ୍ଷରୁ କେବୁଲ ଲାଇନ କାମ ପାଇଁ ବେତନଟୀ ମୁଖ୍ୟବଜାର ରାସ୍ତାକୁ ଖୋଳି ବଡବଡ ଗର୍ତ୍ତ କରିପକାଇଥିବା ବେଳେ ଯାତାୟାତରେ ଚରମ ବିଭ୍ରାଟରୁ ଜନଅସନ୍ତୋଷ ବୃଦ୍ଧି ପାଇବାପରେ ସୋମବାର ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ ପୂର୍ବକ ତଦନ୍ତକଲେ ବେତନଟୀ ଗ୍ରାମ୍ୟଉନ୍ନୟନ ବିଭାଗ କାର୍ଯ୍ୟାଳୟର ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ଜ୍ୟୋତିରଞ୍ଜନ ନାୟକ। ସୂଚନା ମୁତାବକ ଅମୃତି ଭାରତ ଯୋଜନାରେ ଅନ୍ତର୍ଭୁକ୍ତ ବେତନଟୀ ରେଳଷ୍ଟେସନରେ କୋଟିକୋଟି ଟଙ୍କାର ଉନ୍ନୟନମୂଳକ କାମ ନିର୍ମାଣାଧୀନ ଥିବାବେଳେ ଏକାଧିକ ପ୍ରକଳ୍ପ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ବେତନଟୀ ରେଳଷ୍ଟେସନର ମୁଖ୍ୟଫାଟକ ପ୍ରବେଶପଥରେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମରକୁ ସ୍ଥାନାନ୍ତର ପାଇଁ ରେଳବିଭାଗ ପକ୍ଷରୁ ଗଗପାୱାରକୁ ଚିଠି ହୋଇଥିଲା। ଟ୍ରାନ୍ସଫର୍ମର ଏବଂ ବିଦ୍ୟୁତ ସରବରାହ ସ୍ଥାନାନ୍ତର ପୂର୍ବକ କେବୁଲ ଲାଇନ କାମ ପାଇଁ ଟାଟାପାୱାର ପକ୍ଷରୁ ବୈଷୟିକ ଟିମ ବ୍ୟୟଅଟକଳ ତାଲିକା ପ୍ରଦାନ କରିବାପରେ ସମ୍ପୃକ୍ତ ଅର୍ଥ ରେଳବିଭାଗ ପକ୍ଷରୁ ଗଟାପାୱାରକୁ ପ୍ରଦାନ କରାଯାଇଥିଲା। ଏହାପରେ ଟାଟପାୱାର ପକ୍ଷରୁ ଟ୍ରାନ୍ସଫୋର୍ମର ଏବଂ ବିଦ୍ୟୁତ ସରବରାହ ସ୍ଥାନାନ୍ତର ସହିତ କେବୁଲ ଲାଇନ ବିଛାଇବା ପାଇଁ ରେଳଷ୍ଟେସନ ଏବଂ ଗ୍ରାମ୍ୟଉନ୍ନୟନ ବିଭାଗର ରକ୍ତା ସୀମାରେ ଏହି କେବୁଲ ଲାଇନ କାମ ଆରମ୍ଭ ହୋଇଥିଲା। ତେବେ ଟାଟାପାୱାର ପକ୍ଷରୁ କେବୁଲ । ଲାଇନ ବିଛାଇବା ସମୟରେ ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତାକୁ ବିନା ଅନୁମତିରେ ଖୋଳି ପକାଇବା ସହିତ ବଡବଡ ଗର୍ତ୍ତ କରିପକାଇଥିଲେ । ଯଦ୍ୱାରା ଏହି ରାସ୍ତା ଉପରେ ଦୈନିକ ନିର୍ଭରଶୀଳ କ୍ଷୁଦ୍ରଜଳସେଚନ ପ୍ରକଳ୍ପ ଠାରୁ ଆରମ୍ଭ କରି କୃଷିଜିଲ୍ଲା କାର୍ଯ୍ୟାଳୟ, ପୁଲିସ ଉପଖଣ୍ଡ କାର୍ଯ୍ୟାଳୟ, ଉଦ୍ୟାନକୃଷି କାର୍ଯ୍ୟାଳୟର ଅଧିକାରୀ, କର୍ମଚାରୀ ଏବଂ ଶହଶହ ଛାତ୍ରଛାତ୍ରୀ ସମେତ ହଜାର ହଜାର ସ୍ଥାନୀୟ ଜନାସାଧାରଣ ସ୍ୱଭାବିକ ଯାତାୟାତରେ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ବିପର୍ଯ୍ୟସ୍ତ ରାସ୍ତା ପାଇଁ ଯାତାୟାତରେ ସମସ୍ୟା ସାଙ୍ଗକୁ ବଢୁଥିବା ଦୁର୍ଘଟଣା ପାଇଁ ସୋମବାର ଜନଅସନ୍ତୋଷ ତୀବ୍ରରୂପ ଧାରଣ କରିଥିଲା। ଶେଷରେ ବ୍ୟବସାୟୀ ସିଦ୍ଧାର୍ଥ ଅଗ୍ରୱାଲ, ସୁକେଶ ଖଣ୍ଡେଲୱାଲ, ଭବାନୀଶଙ୍କର ଖଟୁଆ, ଯଶୋବନ୍ତ ବେହେରା, ସୁଧୀର କୁମାର ସାହୁ ପ୍ରମୁଖ ଅଞ୍ଚଳବାସୀଙ୍କ ସାମୁହିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଗ୍ରାମ୍ୟ ଉନ୍ନୟନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଇଂ. ଜ୍ୟୋତିରଞ୍ଜନ ନାୟକ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହିତ ସରଜମିନ ତଦନ୍ତ କରିଥିଲେ । ତେବେ ଗଟପାୱାର ପକ୍ଷରୁ ଗ୍ରାମ୍ୟ ଉନ୍ନୟନ ରାସ୍ତା ଏବଂ ରେଳଷ୍ଟେସନ ସୀମାରେ ମଧ୍ୟବର୍ତ୍ତି ସ୍ଥାନରେ କରୁଥିବା କେବୁଲ ଲାଇନ କାମ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କୌଣସି ଅନମତି ନେଇନଥିବା ବେଳେ ବିନା ଅନୁମତିରେ ରାସ୍ତାକୁ ଖୋଳି ବଡବଡ଼ ଗର୍ତ୍ତ ସୃଷ୍ଟି କରିବାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ ।

# ମାଣ୍ଡିଆ ଭାରତର ଇତିହାସ ଓ ସଂସ୍କୃତି ସହ ଜଡିତ




ଖୋର୍ଦ୍ଧା, ୧୦/୧୧ (ନି.ପ୍ର): ଖୋର୍ଦ୍ଧା ଏ ଡ଼ି ଓ ସମ୍ମିଳନୀ କକ୍ଷ୍ୟ ରେ ଶୁକ୍ରବାର ଜିଲ୍ଲା ସ୍ତରୀୟ ମାଣ୍ଡିଆ ଦିବସ ପାଳିତ ହୋଇ ଯାଇଛି । ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀଯୁକ୍ତ ରବି ନାରାୟଣ ସେନାପତି ଙ୍କ ସଭାପତି ତ୍ୱ ରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ଜିଲ୍ଲା ପରିଷଦ ଅଧକ୍ଷ୍ୟା ରୂପଶ୍ରୀ ରାଣୀ ଗୋମାନ ସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ପରିଷଦ ସଭାପତି ଅଧକ୍ଷ୍ୟା, ପ୍ରକଳ୍ପ ନିଁର୍ଦ୍ଧେଶକ ଚକ୍ର ଧର ମିଶ୍ର, ଏ। ଏ। ଇ ପ୍ରଦୀପ୍ତ ନାୟକ, ଏ। ଆର। ସି। ଏସ ଭଗମତ ମାରାଣ୍ଡି, କେ। ବି। କେ ବୈଜ୍ଞାନିକ ହରପ୍ରିୟା ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ, ମୁଖ୍ୟ ଅତିଥି ଗୋମାନ ସିଂ ସମସ୍ତଙ୍କୁ ମାଣ୍ଡିଆ ର ବ୍ୟବହାର ଓ଼ ଚାଷ ପ୍ରସାରିତ କରିବା ସହ ବିଶ୍ୱ ସ୍ତର ରେ ପହଂଚାଇବା ପାଇଁ ଆହ୍ୱାନ କରିଥିଲେ। ମାଣ୍ଡିଆ ର ମୂଲ୍ୟଯୁକ୍ତ ଉତ୍ପାଦ ର ବଜାରୀ କରଣ ର ସୁିଧା ଯୋଗାଇବାର ଆବଶ୍ୟକ ରହିଥିବା ର କହିଥିଲେ। ଗାଁ ଗହଳି ରେ ପୂର୍ବ ପୁରୁଷ ଙ୍କ ଅମଳ ରୁ ମାଣ୍ଡିଆ ଉପଯୁକ୍ତ ଖାଦ୍ୟ ଭାବେ ଉପଯୋଗ ହୋଇ ଅସୁଥିବା କହିଥିଲେ। ସମ୍ମାନିତ ଅତିଥି ଭାବେ କେ। ବି। କେ ବୈଜ୍ଞାନିକ ଭାରତ ର ଇତିହାସ ଓ଼ ସଂସ୍କୃତି ସହ ଜଡିତ ବୋଲି କହିଥିଲେ। ହରପପ୍ପା ସଭ୍ୟତା ରେ ମଧ ମାଣ୍ଡିଆ କୁ ଖାଦ୍ୟ ଭାବେ ବ୍ୟବହାର କରା ଯାଉଥିବା ନେଇ ପ୍ରନ୍ ତତ୍ତ୍ୱ ବିତ ମାନେ ପ୍ରମାଣ ଦେଇଛନ୍ତି ବୋଲି କହିଥିଲେ। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀ ରବି ନାରାୟଣ ସେନାପତି କହିଥିଲେ ଶ୍ରୀ ଅନ୍ନ ଅଭିଯାନ ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ଓ଼ ବାଣପୁର ବ୍ଲକ ରେ କାର୍ଯ୍ୟକ୍ରମ ହେଉଛି ବୋଲି ଜଣାଇ ଥିଲେ। ଏହି ଅବସର ରେ ଏ। ଡ଼ି। ଓ଼ ଅଫିସ ପ୍ରାଙ୍ଗଣରେ ଖାଦ୍ୟ ମହୋତ୍ସବ ଆୟୋଜନ କରା ଯାଇଥିଲା। ଅତିଥି ମାନେ ଖାଦ୍ୟ ଷ୍ଟଲ ଉଦଘାଟନ କରିବା ସହ ମାଣ୍ଡିଆ ରେ ତିଆରି ବିଭିନ୍ନ ସୁସ୍ୱାଦୁ ଖାଦ୍ୟ ଚାଖି ଥିଲେ। ଉତ୍ସବ ରେ ଦୁଇ ସହ ରୁ ଅଧିକ ଛାତ୍ର ଛାତ୍ରୀ ଏବଂ ଚାଷୀ ଙ୍କୁ ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ ପରିବେଷଣ କରା ଯାଇଥିଲା। ମାଣ୍ଡିଆ କ୍ଷେତ୍ର ରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ସଫଳ ଚାଷୀ, କାର୍ଯ୍ୟରତ ଅଂଶୀଦାର ମାନଙ୍କୁ ପୁରସ୍କୃତ କରା ଯାଇଥିଲା। ଟାଙ୍ଗୀ ବ୍ଲକ ର ଶ୍ରେଷ୍ଠ ମାଣ୍ଡିଆ କୃଷକ ନୂଆଗଡ ପଂଚାୟତ ର ସୁରଥ ବିଶ୍ୱାଳ ଓ଼ ବାଣପୁର ବ୍ଲକ ର ନୀଳାଦ୍ରି ପ୍ରସାଦ ପଂଚାୟତ ର ଦାମ ଶବର, ଶ୍ରେଷ୍ଠ ଷ୍ଟଲ ପ୍ରଦର୍ଶନ ଭାବରେ ବାଣପୁର ସହଯୋଗୀ ବେସରକାରୀ ସଂସ୍ଥା ଈଶାନେ ସ୍ୱର ଯୁବକ ସଙ୍ଘ, ଟାଙ୍ଗୀ ବ୍ଲକ ର ଶ୍ରେଷ୍ଠ ସହଯୋଗୀ ବେସରକାରୀ ସଂସ୍ଥା ଭାବେ ବିଶ୍ୱ ଜୀବନ ସେବା ସଂଘ ଓ଼ ଶ୍ରେଷ୍ଠ କୃଷକ ଉତ୍ପାଦକ କମ୍ପାନୀ ଭାବେ ବାଲି ହରଚଣ୍ଡୀ ଫାର୍ମର ପ୍ରଡ୍ୟୁଷର କମ୍ପାନୀ ଲିମିଟେଡ଼, ଟାଙ୍ଗୀ ବ୍ଲକ ର ଶ୍ରେଷ୍ଠ ଗୋଷ୍ଠୀ ସମ୍ବଳ ବ୍ୟକ୍ତି ଅନୁପ କୁମାର ବେହେରା,ଶ୍ରେଷ୍ଠ ମହିଳା ଏସ। ଏଚ। ଜି ଭାବରେ ଟାଙ୍ଗୀ ବ୍ଲକ ର ଉଜଳା ଗୋପୀନାଥ ପୁର ର ଅର୍ଣ୍ଣପୂର୍ନା ଏସ। ଏଚ। ଜି ଓ଼ ବାଣ ପୁର ବ୍ଲକ ର ଦେଓଗାଁ ପଞ୍ଚାୟତ ର ମା ତାରିଣୀ ଏସ। ଏଚ। ଜି ଓ଼ ଶ୍ରୀ ଅନ୍ନ ଅଭିଯାନ ର ଶ୍ରେଷ୍ଠ ବ୍ଲକ ଭାବେ ଟାଙ୍ଗି ବ୍ଲକ ର କୃଷି ଅଧିକାରୀ ସୌମେନ୍ଦ୍ର କୁମାର ବେହେରା ପୁରସ୍କୃତ ଓ଼ ସମ୍ମାନିତ କରା ଯାଇଥିଲା।ଶ୍ରୀ ଅନ୍ନ ଅଭିଯାନ ର ଜିଲ୍ଲା ସଂଯୋଜିକା ଜେସିକା ସାହୁ ଓ଼ ଟାଙ୍ଗୀ ବ୍ଲକ ସହକାରୀ କୃଷି ଅଧିକାରୀ ଦୁର୍ଗେଶ ପଟ୍ଟନାୟକ କାର୍ଯ୍ୟକ୍ରମ କୁ ପରି ଚାଳନା କରିଥିଲେ।

## କାଶ୍ମୀରର ଅଧିକାଂଶ ଅଞ୍ଚଳରେ ସର୍ବନିମ୍ନ ତାପମାତ୍ରା ହିମାଙ୍କ ବିନ୍ଦୁ ତଳେ

ନୂଆଦିଲ୍ଲୀ,୧୦/୧୧ : ଶ୍ରୀନଗର ସହରରେ ଗତ ରାତିରେ ଋତୁର ପ୍ରଥମ ଶୂନ୍ୟ ତଳେ ରାତି ଅନୁଭୂତ ହୋଇଥିଲାଏବଂ କାଶ୍ମୀରର ଅଧିକାଂଶ ଅଞ୍ଚଳରେ ସର୍ବନିମ୍ନ ତାପମାତ୍ରା ହିମାଙ୍କ ବିନ୍ଦୁ ତଳେ ଖସି ଆସିଥିଲା।ପାଣିପାଗ ବିଭାଗ ଅଧିକାରୀମାନେ କହିଛନ୍ତି ଯେ ରବିବାର ରାତିରେ ସହରର ସର୍ବନିମ୍ନ ତାପମାତ୍ରା ମାଇନସ୍ ୦.୧ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ସେମାନେ କହିଛନ୍ତି ଯେ ଏହା ଋତୁର ପ୍ରଥମ ଶୂନ୍ୟ ତଳେ ରାତି ଏବଂ ଏପର୍ଯ୍ୟନ୍ତ ସବୁଠାରୁ ଥଣ୍ଡା ରାତି ଥିଲା। ଶ୍ରୀନଗରରେ ରାତିର ତାପମାତ୍ରା ଏହି ଋତୁ ପାଇଁ ସ୍ୱାଭାବିକଠାରୁ ଦୁଇ ଡିଗ୍ରୀ କମ୍ ଥିଲା।ପାଣିପାଗ ବିଭାଗ ଅଧିକାରୀମାନେ କହିଛନ୍ତି ଯେ ଦକ୍ଷିଣ କାଶ୍ମୀରର କୋକରନାଗକୁ ଛାଡି, ଯେଉଁଠାରେ ସର୍ବନିମ୍ନ ତାପମାତ୍ରା ୧.୪ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି।

ମଙ୍ଗଳବାର, ନଭେମ୍ବର ୧୧, ୨୦୨୫
ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ପାନ ଗୁଟ୍‌କା ଔଷଧ ଦୋକାନ ଉପରେ ଅଚାନକ ଚଢାଉ

ବସ୍ତା , ୧୦/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଗାନ୍ଧିଛକ ଓ ବସ୍ତା ବଜାରରେ ଥିବା ବିଭିନ୍ନ ଔଷଧ ଦୋକାନ, ଚା ଓ ପାନ ଦୋକାନ ଉପରେ ବାଲେଶ୍ୱର ଡ୍ରଗ୍ସ ବିଭାଗ, ବସ୍ତା ଥାନା ଓ ବସ୍ତା ଅବକାରୀ ବିଭାଗର ମିଳିତ ଚଢ଼ାଉ, ଗୁଟକା, ସିଗାରେଟ୍, ପାନ ମସଲା ରଖିଥିବାରୁ ୨୦୦ ଟଙ୍କା ଲେଖାଏଁ ଫାଇନ ଆଦାୟ, ଏବଂ ଔଷଧ ଦୋକାନ ଗୁଡିକରୁ ବହୁ କପ ସିରାପ ଜବତ କରି ଲାବୋରେଟ୍ରରୀ କୁ ପଠାଇଲା ଡ୍ରଗ୍ସ ବିଭାଗ। ସୂଚନା ଅନୁସାରେ ଆଜି ଦିନ ଦଶଟା ସମୟରେ ବାଲେଶ୍ୱର ଡ୍ରଗ୍ସ ଇନିସ୍ତପେକ୍ଟର ମୁକ୍ତିନନ୍ଦା ଶତପଥି, ଅବକାରୀ ଏସ ଆଇ ପ୍ରଜ୍ଞା ପ୍ରିୟା ନାୟକ, ପୋଲିସ ଏ ଏସ ଆଇ ଉତ୍ତମ ସିଂଙ୍କ ନେତୃତ୍ୱରେ ଗାନ୍ଧିଛକ ଓ ବସ୍ତା ବଜାର ରେ ମିଳିତ ଚଢ଼ାଉ କରାଯାଇ ପାନ ଦୋକାନ ଓ ଚା ଦୋକାନୀଙ୍କ ଠାରୁ ୨୦୦ ଟଙ୍କା ଲେଖାଏଁ ଫାଇନ ସଂଗୃହିତ କରାଯାଇଛି। ତତ ସହିତ ଡ୍ରଗ୍ସ ବିଭାଗ ଔଷଧ ଦୋକାନ ଗୁଡିକ ଉପରେ ଚଢ଼ାଉ କରି ବହୁ କପ ସିରାପ ଯାଞ୍ଚ ପାଇଁ ନେଇଯାଇଥିବା ଜଣାପଡିଛି।



# ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ଉଦ୍ଘାଟିତ

ଭଦ୍ରକ, ୧୦/୧୧ (ନି.ପ୍ର): ଭାରତ ବର୍ଷ ତଥା ସମଗ୍ର ଓଡ଼ିଶା ରାଜ୍ୟରେ ଭଦ୍ରକ ଜିଲ୍ଲାର ସ୍ଥାନ ସ୍ୱତନ୍ତ୍ର। ଭାରତର ସ୍ୱାଧୀନତା ସଂଗ୍ରାମରେ ଏହି ମାଟିର ମଣିଷମାନେ ଯୋଗଦେଇ ଯେପରି ଅଦମ୍ୟ ସାହସ ପ୍ରଦର୍ଶନ କରି ବଳିଦାନ ଦେଇଛନ୍ତି। ସେପରି ଏହି ମାଟି ସଂସ୍କୃତି, ସାହିତ୍ୟ, ଐତିହ୍ୟର ଗୌରବ ଗୀତିକା ଗାଉଛି। ଏହି ମାଟିର ମଣିଷ ଉତ୍କଳ କେଶରୀ ହରେକୃଷ୍ଣ ମହତାବ ନୂତନ ଓଡ଼ିଶା ଗଠନରେ ଯେପରି ନେତୃତ୍ୱ ନେଇଥିଲେ ସେପରି ଏହି ମାଟିର ଅମର କବି କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ କାଳଜୟୀ ରଚନା ବନ୍ଦେ ଉତ୍କଳ ଜନନୀ।।।ଆମ ରାଜ୍ୟର ଜାତୀୟ ସଂଗୀତ ହୋଇ ଆମ ମାଟିର ଅସ୍ମିତାକୁ ଉର୍ଦ୍ଧ୍ୱକୁ ଟେକି ଧରିଛି। ଏଣୁ ଭାରତର ସ୍ୱାଧୀନତା ସଂଗ୍ରାମ ତଥା ସାଂସ୍କୃତିକ ଜାଗରଣ ଏହି ଭୂମିର ଅସ୍ମିତା ବୋଲି ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ଟ୍ରଷ୍ଟ ଆନୁକୂଲ୍ୟରେ ଭଦ୍ରକ ସହର ମନମୋହନ ସଂଗୀତ ପରିଷଦ ପଡ଼ିଆଠାରେ ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ଉଦ୍ଘାଟନ ଉତ୍ସବରେ ଅତିଥିମାନେ



ମତବ୍ୟକ୍ତ କରିଛନ୍ତି। ଟ୍ରଷ୍ଟର ସଭାପତି ଇଂ। ଅଭୟ ସୂତାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହକୁ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ ଏବଂ ପୁସ୍ତକର ଉପାଦେୟତା ଉପରେ ଆଲୋକପାତ କରିଥିଲେ। ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ମୁଖ୍ୟ ବକ୍ତା, ଚରମ୍ପା ଆଇ।ଟି।ଆଇ। ଅଧକ୍ଷା ତଥା 'ନୂଆ ଯୁଗର ନୂଆ ସକାଳ' ସମ୍ପାଦିକା କବୟିତ୍ରୀ ଅବନ୍ତୀ ମଲ୍ଲିକ, ରୋଟାରିୟାନ ଶିଶିର କୁମାର ମିଶ୍ର, ଅଧ୍ୟାପକ ରୋଟାରିୟାନ ଶେଖ୍ ନାଶିର ବକ୍ସ, କବୟିତ୍ରୀ ନିରୁପମା ମିଶ୍ର ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମହୋତ୍ସବ ଆବାହକ ଅଧ୍ୟାପକ ନୀହାର ରଞ୍ଜନ କର ସ୍ୱାଗତ ଭାଷଣ ତଥା ଅତିଥି ପରିଚୟ ଦେଇଥିବା ବେଳେ ମହୋତ୍ସବ ଓ ପୁସ୍ତକ ମେଳାର ସମ୍ପାଦକ ରବିନାରାୟଣ ଖିଲାର ସମ୍ପାଦକୀୟ ବକ୍ତବ୍ୟ ପ୍ରଦାନ କରିଥିଲେ ଓ ଡା। ଅନିଲ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।ସହ ସମ୍ପାଦିକା କଳ୍ପନା ଜେନା ଅତିଥି ମାନଙ୍କୁ ମଂଚ ନିମନ୍ତ୍ରଣ କରିଥିବାବେଳେ ସାଂସ୍କୃତିକ ସମ୍ପାଦକ ରାମନାରାୟଣ ମହାନ୍ତି ସ୍ୱାଗତ ଭାଷଣ ସଂଗୀତ ପରିବେଷଣ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଡା।ଜାନକୀ ପାଢ଼ୀ ଓ ଅଧକ୍ଷା ଦିପ୍ତୀମୟୀ ସାହୁ, କବୟିତ୍ରୀ ତଥା ଶିକ୍ଷୟିତ୍ରୀ ମନୋରମା ରାୟ, କବୟିତ୍ରୀ ସଂଯୁକ୍ତା ବଳ ମମତା ଦାଶ ଓଡ଼ିଶା ଜାତୀୟ ସଂଗୀତ ପରିବେଷଣ କରିଥିଲେ।, ସୁଶ୍ରୀ ଅଞ୍ଜନା ମିଶ୍ର, କବୟିତ୍ରୀ ଚୈତାଳି ଖିଲାର, ଆଡଭୋକେଟ୍ ଅଞ୍ଜୁବାଳା ରାଉତ, ସୁପ୍ରଭା ମିଶ୍ର, ସୁମିତ୍ରା ପାଣି, ଶଶିକଳା ମିଶ୍ର ଙ୍କ ପ୍ରମୁଖ ମଂଚ ଓ ମହୋତ୍ସବ ପରିଚାଳନା କରିଥିଲେ। ବ୍ରହ୍ମପୁର ଉଚ୍ଚ ବିଦ୍ୟାଳୟ ର ଛାତ୍ରୀ, ଉତ୍ସବ ଡ୍ୟାନ୍ସ ଗ୍ରୁପ ର କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ନଭେମ୍ବର ୧୦ରୁ ୨୩ ପର୍ଯ୍ୟନ୍ତ ୧୪ଦିନ ଧରି ଅନୁଷ୍ଠିତ ଉକ୍ତ ସାରସ୍ୱତ ଓ ସାଂସ୍କୃତିକ ସମାବେଶରେ ଓଡ଼ିଶା ସଂସ୍କୃତି ବିଭାଗ ଓ ଭଦ୍ରକ ଜିଲ୍ଲାର ବହୁ କଳାକାର ଓ ପୁସ୍ତକ ପ୍ରକାଶକ ଅଂଶଗ୍ରହଣ କରିବେ ବୋଲି ମହୋତ୍ସବ କମିଟିର ମିଡିଆ ସେଲ୍ ଅଧକ୍ଷ ପ୍ରମୋଦ ରାୟ ପ୍ରକାଶ କରିଛନ୍ତି।

# ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ

ରେମୁଣା , ୧୦/୧୧ (ନି.ପ୍ର): ସ୍ଥାନୀୟ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୁର ବିକାଶ ଓ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ପ୍ରତ୍ୟୁଷ ଦିବାକରଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ରେମୁଣା ପଞ୍ଚାୟତ ସମିତି ଅଧୀନସ୍ଥ ବିଭିନ୍ନ ଗ୍ରାମ ପଞ୍ଚାୟତରୁ ୮୯ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ। ସେଥି ମଧ୍ୟରୁ ୮୦ ଗୋଟି ବ୍ୟକ୍ତିଗତ ଅଭିଯୋଗ ସମ୍ପର୍କିତ ହୋଇଥିବା ବେଳେ ୦୭ ଗୋଟି ସାମୁହିକ ଏବଂ ୦୨ ଗୋଟି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ସହାୟତା ନିମନ୍ତେ ଦରଖାସ୍ତ ପ୍ରଦାନ କରିଥିଲେ ଏବଂ ୦୭ ଗୋଟି ଅଭିଯୋଗର ତତକାଳ ସମାଧାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ ସିଂ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ସଞ୍ଜୟ କୁମାର ରାଉତ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, ଡ. ପ୍ରଭାତ କୁମାର ବେହେରାଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ ।

# ତେନ୍ତୁଳିଡିଙ୍ଗାରେ ନାୟେରା କମ୍ପାନୀର ପେଟ୍ରୋଲ ପମ୍ପ ଉଦ୍‌ଘାଟିତ

ବାରିପଦା , ୧୦/୧୧ (ନି.ପ୍ର): ବହୁ ପ୍ରତିକ୍ଷିତ ନେୟେରା ପେଟ୍ରୋଲ ପମ୍ପ ର ଶୁଭ ଉଦ୍ଘାଟନ ନେଇ ଖୁସିର ମାହଲ। ବାରିପଦା ସହର ଉପକଣ୍ଠ ବେଲଗଡିଆ ଅସନଜୋଡା ରାସ୍ତାର ତେନ୍ତୁଳିଡିଙ୍ଗା ଛକ ରେ ସୋମବାର ଶୁଭ ବେଳା ରେ ଏକ ନୁଆ ପେଟ୍ରୋଲ ପମ୍ପ ର ଶୁଭାରମ୍ଭ ହୋଇଯାଇଛି । ସହର ଉପକଣ୍ଠ ରେ ଦିର୍ଘ ବର୍ଷ ଧରି ଏକ ପେଟ୍ରୋଲ ପମ୍ପ ପାଇଁ ଦାବି ହୋଇ ଆସୁଥିବା ବେଳେ ଆଜି ତାହା ର ପୂର୍ଣ୍ଣଛେଦ ପଡ଼ିଛି। ଯୁବ ବ୍ୟବସାୟୀ ରବିନ୍ଦ୍ର ନାଥ ମୁଦୁଲିଙ୍କ ଉଦ୍ୟମ ରେ ତାଙ୍କ ବାପା ଙ୍କ ନାମ ଅନୁସାରେ ଦେବେନ୍ଦ୍ର ଫିଲିଙ୍ଗ ଷ୍ଟେସନ ନାମରେ ଏକ ନୁଆ ପେଟ୍ରୋଲ ପମ୍ପ ର ଶୁଭାରମ୍ଭ ହୋଇଯାଇଛି।ନାୟେରା କମ୍ପାନୀ ର ଏହି ପେଟ୍ରୋଲ ପମ୍ପ ରେ ଉଭୟ ପେଟ୍ରୋଲ ଓ ଡିଜେଲ୍ ଗ୍ରାହକଙ୍କ ପାଇଁ ଉପଲବ୍ଧ ହୋଇ ପାରିବ । ବାରିପଦା ସହର କୁ ଯିବା ଆସିବା ପାଇଁ ବେଲଗଡିଆ ଅସନଜୋଡା ରାସ୍ତା ଏକ ପ୍ରମୁଖ ରାସ୍ତା ଏହି ରାସ୍ତା ରାଇରଙ୍ଗପୁର, କରଞ୍ଜିଆ ସହ ଜାତୀୟ ରାଜପଥ କୁ ଯୋଡ଼ିବା ର



ପ୍ରମୁଖ ରାସ୍ତା ଏହି ବାଟରେ ପ୍ରତ୍ୟେକ ଦିନ ହଜାର ହଜାର ଲୋକ ଗାଡି ମଟର ରେ ଯିବା ଆସିବା କରି ଥାଆନ୍ତି ,ଏହି ରାସ୍ତା ଭବିଷ୍ୟତ ରେ ବାରିପଦା ସହର ର ଲାଇଫ ଲାଇନ ତଥା ଏକ୍ସପ୍ରେସ ରୋଡ ରେ ପରିଣତ ହେବାକୁ ଯାଉଛି ଏଥିପାଇଁ ତେନ୍ତୁଳିଡିଙ୍ଗା ରେ ଏକ ପମ୍ପ ପାଇଁ ଦାବି ହେଉଥିଲା । ଏହି ବାଟରେ ଲୋକଙ୍କ ପାଇଁ ପ୍ରେଟୋଲ ପମ୍ପ ଟେ ନିହାତି ଆବଶ୍ୟକ ହେଉଥିବା ବେଳେ ଲୋକଙ୍କୁ ସୁବିଧାରେ ପେଟ୍ରୋଲ, ଡିଜେଲ୍ ,ମୋବିଲ ସରକାର ଙ୍କ ନିର୍ଦ୍ଧାରିତ ମୂଲ୍ୟରେ ଯୋଗାଇ ଦିଆଯିବ ବୋଲି କହିଛନ୍ତି ପ୍ରତିଷ୍ଠାତା ରବିନ୍ଦ୍ର ନାଥ ମୁଦୁଲି। ଶ୍ରୀଯୁକ୍ତ ମୁଦୁଲି କହିଛନ୍ତି କି ଦେବେନ୍ଦ୍ର ଫିଲିଙ୍ଗ ଷ୍ଟେସନ କୁ ଆସୁଥିବା ଗ୍ରାହକଙ୍କୁ ସୁବିଧା ରେ ତେଲ ଯୋଗାଇ ଦେବା ସହ ସେମାନଙ୍କ ପାଇଁ ବିଶୁଦ୍ଧ ଥଣ୍ଡା ପିଇବା ପାଣି , ବିଶ୍ରାମ ଗୃହ, ସୈଚାଳୟ ,ମାଗଣା ପ୍ରେସର୍ ଚେକ ର ବ୍ୟବସ୍ଥା କରାଯାଇଛି। ସୋମବାର ଉଦଘାଟନ ଉତ୍ସବ ରେ କମ୍ପାନୀ ର ଟିଏସଏମ ଗୌରଭ ଶର୍ମା ରବିନ୍ଦ୍ର ନାଥ ମୁଦୁଲି,ଙ୍କ କରକୋମଳ ରେ ଫିତାକାଟି ଲୋକାର୍ପିତ କରାଯାଇଛି। ବାରିପଦା ସହର ଏବଂ ତେନ୍ତୁଳିଡିଙ୍ଗା ଅଞ୍ଚଳ ର ବୁଦ୍ଧିଜୀବୀ, ଗଣ୍ୟମାନ୍ୟ ବ୍ୟକ୍ତିଙ୍କ ସହ ଅଜିତ ପଟ୍ଟନାୟକ,ପୁପୁ ପଟ୍ଟନାୟକ, କମଳା ଦାସ , ସତ୍ୟରଞ୍ଜନ ମଣ୍ଡଳ,ସ୍ୱରୁପ ଦାସ , ସଞ୍ଜୟ ଆଗ୍ରୱାଲ , ପ୍ରଶାନ୍ତ ପଟ୍ଟନାୟକ, ଚନ୍ଦନ ପଣ୍ଡା, ବିଶ୍ୱଜିତ ଦାସ , ପ୍ରମୁଖ ଉପସ୍ଥିତ ରହିଥିଲେ ।

# ପି ଏମ ଉଷା ପ୍ରାୟୋଜିତ ଆଣ୍ଟି ର୍ୟାଗିଙ୍ଗ ସମସ୍ୟା, ଅଭ୍ୟାସ ଓ ଆହ୍ୱାନ ସମ୍ପର୍କିତ ଦୁଇଦିନିଆ ଆଲୋଚନା ଚକ୍ର

ରୂପ୍ସା, ୧୦/୧୧ (ନି.ପ୍ର): ନୀଳମଣି ମହାବିଦ୍ୟାଳୟ ପି ଏମ ଉଷା ପ୍ରାୟୋଜିତ ଦୁଇଦିନିଆ ଆଲୋଚନା ଚକ୍ର ଏଣ୍ଟି ରାଗିଙ୍ଗ ସମସ୍ୟା, ଅଭ୍ୟାସ ଓ ଆହ୍ୱାନ ତା ୧୦-୧୧-୨୫ ରିଖଠାରୁ ଆରମ୍ଭ ହୋଇଛି. ଉଦ୍ଘାଟନୀ ଉତ୍ସବରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗ ମୁଖ୍ୟ ପ୍ରଫେସର ଅମୁଲ୍ୟ କୁମାର ଆଚାର୍ଯ୍ୟ, ଅଧକ୍ଷ ଡ଼ ତପନ କୁମାର ବେହେରା, ବିଷୟ ବିଶାରଦକଳ୍ପନା ମଞ୍ଜରୀ ପାତ୍ର, ପ୍ରସାଶନିକ ଅଧିକାରୀ ସରୋଜ କୁମାର ପାଣି, ପି ଏମ ଉଷା ନୋଡାଲ ଅଫିସର ଡ ଶାନ୍ତନୁ ଜେନା, ସମ୍ପାଦକ ଗୌରାଙ୍ଗ ପଣ୍ଡା ପ୍ରମୁଖ ପ୍ରଥମ ଅଧିବେଶନରେ ପି ଏମ ଉଷା ସମ୍ପର୍କରେ ଆଲୋଚନା କରିଥିଲେ. ଦ୍ୱିତୀୟ ଅଧିବେଶନରେ ବିଷୟ ବିଶାରଦ ଭାବରେ ଡ




ଆଶିଷ କୁମାର ଦଶ, ୱାନ ଷ୍ଟପ ସେଣ୍ଟର ମୁଖ୍ୟ, ବି ଏ ଡି ସି ସେକ୍ରେଟାରୀ ଗୋପାଳ କୃଷ୍ଣ କର ପ୍ରମୁଖ ଯୋଗଦାନ କରି ଆଣ୍ଟି ରାଗିଙ୍ଗ ଆଇନ, ନାରୀ ଯୌନ ନିର୍ଯାତନା, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟକୁ ରାଗିଙ୍ଗ ମୁକ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ପରିଣତ ପରିଣତ କରିବା ପାଇଁ ସଂକଳ୍ପ କରାଇଥିଲେ। ପ୍ରଥମ ଅଧିବେଶନର ଅତିଥି ଓ ବିଷୟ ବିଶାରଦଙ୍କୁ ପି ଏମ ଉଷା କମିଟିର ବରିଷ୍ଠ ସଦସ୍ୟ ଡ ତପନ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିବାବେଳେ ଦ୍ୱିତୀୟ ଅଧିବେଶନ ଶେଷରେ ଡ ସୁଜାତା ଗିରି ଧନ୍ୟବାଦ ଅର୍ପଣ କରିଥିଲେ। +୩ଶ୍ରେଣୀର ସମସ୍ତ ଛାତ୍ର ଛାତ୍ରୀ ଉକ୍ତ ସେମିନାର ଓ କର୍ମଶାଳା ପରିଚାଳନା କରିଥିଲେ। ପୁରାତନ ଛାତ୍ର ସଂସଦର ସଭାପତି ଜୟନ୍ତ କୁମାର ପାଣିଗ୍ରାହୀ ଯୋଗଦାନ କରି ପାରମ୍ପରିକ ଶିକ୍ଷା ବ୍ୱେସ୍ଥାରେ ରାଗିଙ୍ଗ ନଥିଲା ବୋଲି ମତ ବ୍ୟକ୍ତ କରିଥିଲେ।

# ସାଂସଦ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀଙ୍କ ୭୧ତମ ଜନ୍ମଜୟନ୍ତୀ ଅବସରରେ ୨୧୮୧ୟୁନିଟ ରକ୍ତ ସଂଗ୍ରହ

ନୀଳଗିରି , ୧୦/୧୧ (ନି.ପ୍ର): କେନ୍ଦ୍ରସରକାରଙ୍କ ପୂର୍ବତନମନ୍ତ୍ରୀ ତଥା ବର୍ତ୍ତମାନ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ୭୧ତମ ଜନ୍ମଦିନ ଅବସରରେ ସମଗ୍ରଜିଲ୍ଲା ସମେତ ନୀଳଗିରି ଠାରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସକାଳେ ସାଂସଦଙ୍କ ବହୁ ଅନୁଗାମୀ, ବିଜେପିର କାର୍ଯ୍ୟକର୍ତ୍ତା, ଶୁଭେଚ୍ଛୁ ସାଂସଦଙ୍କ ଗୋପୀନାଥପୁର ସ୍ଥିତ ବାସଭବନରେ ପହଞ୍ଚି ସାଂସଦଙ୍କୁ ଜନ୍ମଦିନରେ ଫୁଲତୋଡା ଦେଇ ଅଭିନନ୍ଦନ ଜଣାଇବାସହିତ ତାଙ୍କର ନିରାମୟଜୀବନ କାମନା କରିଥିଲେ। ପରେ ବହୁ ସହକର୍ମୀ ଶୁଭେଚ୍ଛୁଙ୍କ ଗହଣରେ କେକ୍ କାଟିବାପରେ ଶ୍ରୀଯୁକ୍ତ ଷଡ଼ଙ୍ଗୀ ନୀଳଗିରି କାରାଗାର ଏବଂ ହସ୍ପିଟାଲ୍ ଯାଇ ଅନ୍ତେବାସୀ ଓ ରୋଗୀଙ୍କୁ ମିଷ୍ଟାନ୍ନ ଓ ଫଳବଣ୍ଟନ କରିଥିଲେ। ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସଙ୍କ




ସଂଯୋଜନାରେ ସଞ୍ଚାଳିତ ଏହି ଭବ୍ୟ ଆୟୋଜନକୁ ନୀଳଗିରି ଯୁବସ୍ୱାଭିମାନ ମଞ୍ଚ ତରଫରୁ ବାଲେଶ୍ୱର ଜିଲ୍ଲାର ନୀଳଗିରି ସହରର ଡାକବଙ୍ଗଳା, ଖନ୍ତାପଡାର ମନିଷା ଜି।ଏନ।ଏମ କଲେଜ ଏବଂ ଊପଦା ଡିଗ୍ରୀ କଲେଜ ଊପଦା ଠାରେ ସକାଳ ୯ଘଟିକା ଠାରୁ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ନୀଳଗିରି ଡାକବଙ୍ଗଳା ପରିସରରେ ୪ଟି କ୍ୟାମ୍ପ କରାଯାଇ ରକ୍ତସଂଗ୍ରହ ହୋଇଥିଲା। ନୀଳଗିରିରେ ହୋଇଥିବା ୪ଟି କ୍ୟାମ୍ପରୁ ୧୬୮୮, ଊପଦା କ୍ୟାମ୍ପରୁ ୨୩୬ଏବଂ ଖନ୍ତାପଡ଼ା କ୍ୟାମ୍ପରୁ ୨୫୭ୟୁନିଟ ରକ୍ତସଂଗ୍ରହ କରାଯାଇ ବାଲେଶ୍ୱର ଓ ନୀଳଗିରି ରକ୍ତଭଣ୍ଡାରକୁ ପଠାଯାଇଥିଲା। ତେବେ ସାଂସଦଙ୍କ ଏହି ଜନ୍ମଦିନ ଅବସରରେ ତିନିଗୋଟି କେନ୍ଦ୍ରରୁ ମୋଟ ୨୧୮୧ ୟୁନିଟ ରକ୍ତସଂଗ୍ରହ ହୋଇଥିବା ସୂଚନା ମିଳିଛି। ଡାକବଙ୍ଗଳା ପରିସରରେ ଦିବସବ୍ୟାପି କାର୍ଯ୍ୟକ୍ରମରେ ସାଂସଦଙ୍କୁ ବହୁ ଶୁଭେଚ୍ଛୁ ଅଭିନନ୍ଦନ ଜଣାଇ ଦୀର୍ଘାୟୁ ଜୀବନ କାମନା କରିବା ସହିତ ସାଂସଦଙ୍କ ସହିତ ସେଲ୍ଫି ନେଉଥିବାର ଦେଖିବାକୁ ମିଳିଥିଲା। ଏହି ଅବସରରେ ବାଲେଶ୍ୱର ବିଜେପି ଜିଲ୍ଲା ସଭାପତି ଈଶ୍ୱରଚନ୍ଦ୍ର ବେହେରା, ରେମୁଣା ବିଧାୟକ ଗୋବିନ୍ଦଚନ୍ଦ୍ର ଦାସ, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ଭୋଗରାଇର ବିଶିଷ୍ଟ ବିଜେପି ନେତା ପ୍ରଦୀପ କୁମାର ପଣ୍ଡା, ଜିଲ୍ଲାର ସମସ୍ତ ବିଧାୟକପ୍ରାର୍ଥୀ ଯଥା ବସ୍ତାରୁ ରବୀନ୍ଦ୍ର ଅଣ୍ଡିଆ, ଜଳେଶ୍ୱରରୁ ବ୍ରଜ ପ୍ରଧାନ, ଭୋଗରାଇରୁ ଆଶିଷ ପାତ୍ର, ଜିଲ୍ଲା ସାଧାରଣସମ୍ପାଦକ ପର୍ଶୁ ପରିଡା, ବିଭୂପଦ ଦାସଙ୍କ ସମେତ ନୀଳଗିରିରୁ ବାଲେଶ୍ୱର ଜିଲ୍ଲା ବିଜେପି ଉପସଭାପତି କରୁଣାକର ପଣ୍ଡା, ଚନ୍ଦ୍ରଶେଖର ନନ୍ଦ, ପ୍ରଦୀପ ସ, ସମରଶଙ୍କର କାନୁନଗୋ, ସୂର୍ଯ୍ୟକାନ୍ତ ବିଶ୍ୱାଳ, ମନୀନ୍ଦ୍ର ରାଉତ, ପ୍ରଫୁଲ୍ଲ ଦଳେଇ, ତାପସ ମହାନ୍ତି, ଦେବାଶିଷ ଆଚାର୍ଯ୍ୟ, ସରସ୍ୱତୀ ନନ୍ଦ, ସବ୍ୟସାଚୀ ମହାପାତ୍ର, ଗୋପିବଲ୍ଲଭ ରାଉତ ପ୍ରମୁଖ ଶହଶହ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିବା ବେଳେ ହଜାର ହଜାର ସମର୍ଥକ ନନାଙ୍କୁ ଭେଟି ଆଶୀର୍ବାଦ ଓ ଶୁଭକାମନା ଜଣାଇଥିଲେ।

# ଚଳଚ୍ଚିତ୍ର ଅଭିନେତ୍ରୀ ଦିବ୍ୟା ଦତ୍ତା କଲେ ମହାକାଳେଶ୍ୱର ଦର୍ଶନ

ଉଜ୍ଜୈନ , ୧୦/୧୧ (ନି.ପ୍ର): ପ୍ରସିଦ୍ଧ ଚଳଚ୍ଚିତ୍ର ଅଭିନେତ୍ରୀ ଦିବ୍ୟା ଦତ୍ତା ମଧ୍ୟପ୍ରଦେଶର ଉଜ୍ଜୈନୀ ସ୍ଥିତ ମହାକାଳେଶ୍ୱର ମନ୍ଦିରରେ ସୋମବାର ସକାଳେ ଦ୍ୟୋଦକ ଆରତୀରେ ଅଂଶଗ୍ରହଣ କରି ଭଗବାନ ମହାକାଳେଶ୍ୱରଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ। ଅଭିନେତ୍ରୀ ଦିବ୍ୟା ଦତ୍ତ ଶ୍ରୀ କୋଟେଶ୍ୱର ମହାଦେବଙ୍କ ପୂଜା ମଧ କରିଥିଲେ। ପୂଜାରୀ ଅର୍ପିତ ଗୁରୁଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିଲା। ଆଲୋଚନା ସମୟରେସେ ଏକ ଦିବ୍ୟ ଅନୁଭୂତି ଅନୁଭବ କରିବା ବିଷୟରେ ବର୍ଣ୍ଣନା କରିଥିଲେ।

# ବୈଶିଙ୍ଗାରେ ଶୀତଳ ଭଣ୍ଡାରର ଆବଶ୍ୟକତାକୁ ସରକାରଙ୍କ ଅଣଦେଖା

ବୈଶିଙ୍ଗା , ୧୦/୧୧ (ନି.ପ୍ର): ବିକାଶ ବିକାଶ ବିକାଶ ଚାରିଆଡେ ଚାଲିଛି ବିକାଶର ନାରା ,ମାତ୍ର ଚାଷୀ, ଚାଷ ଓ କୃଷି ଉତ୍ପାଦିତ ସାମଗ୍ରୀର ବିକ୍ରୀ କରିବା ପାଇଁ ବଜାର ସୃଷ୍ଟି କରିବା ଏବଂ କୃଷି ଉତ୍ପାଦିତ ସାମଗ୍ରୀର ସଂରକ୍ଷଣ ପାଇଁ ଉଦ୍ଦିଷ୍ଟ ଶୀତଳ ଭଣ୍ଡାର ସରକାର ନିର୍ମାଣ ନ କରାଇବା ଚାଷୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି । କାଳିଆ, ବଳିଆ ଯୋଜନା ସହିତ ଟଙ୍କିକିଆ ଚାଉଳ ପାଇଁ କୃଷି ଶ୍ରମିକ ମାନେ କ୍ଷେତରେ ଶ୍ରମ କରିବା ପରିବର୍ତ୍ତେ ବୁଲି ବୁଲି ସମୟକୁ ବିତାଇ ଦେଉଛନ୍ତି । ଏଥିପାଇଁ କୃଷି ଉତ୍ପାଦନ କମୁଛି , ମାତ୍ର ଜନସଂଖ୍ୟା ବଢି ବଢି



ଚାଲୁଛି। ଋତୁ ଉପଯୋଗୀ ହେଉଥିବା ପନିପରିବା ଚାଷରୁ ଉତ୍ପାଦିତ ସାମଗ୍ରୀ ସାଇତି ରଖିବା ପାଇଁ ଶୀତଳ ଭଣ୍ଡାର ଆବଶ୍ୟକତାକୁ ଗୁରୁତ୍ୱ ଦେବାକୁ ଦାବି ହେଉଛି। ଦରଦାମ ବୃଦ୍ଧିକୁ ନେଇ ଉପୁଜିଥିବା ସମସ୍ୟାକୁ ନେଇ ସାଧାରଣ ଓ ମଧବିତ୍ତ ପରିବାର ଏବେ ଜର୍ଜରିତ । ମୁଖ୍ୟତଃ ବାଇଗଣ, ବିଲାତି, ଭେଣ୍ଡି, ଜହ୍ନି ଆଦି ପରିବା ଚଢା ଦାମରେ ବିକ୍ରି ହେଉଛି । ବୈଶିଙ୍ଗା ଠାରେ ଶୀତଳ ଭଣ୍ଡାର ନିର୍ମାଣ ହୋଇଥିଲେ ବୁଢାବଳଙ୍ଗ, ଗଙ୍ଗାହାର ଅବବାହିକାରୁ ଉତ୍ପାଦିତ ହେଉଥିବା ପନିପରିବା ଜିଲ୍ଲା ଏବଂ ଜିଲ୍ଲା ବାହାରକୁ ଯୋଗାଇବା ପରେ ମଧ ବଳକା ପନି ପରିବା ସାଇତା ଯାଇ ପାରନ୍ତା । ମାତ୍ର ଶୀତଳ ଭଣ୍ଡାର ଅଭାବରୁ ବଳକା ପନିପରିବା ପଚି ସଢି ନଷ୍ଟ ହୋଇଯାଉଛି। ଏଥି ପାଇଁ ଚାଷୀ ମାନଙ୍କୁ ଲକ୍ଷ ଲକ୍ଷ ଟଙ୍କା କ୍ଷତି ସହିବାକୁ ପଡୁଛି। ଯାହା ଫଳରେ ଚାଷୀ ଚାଷ କରିବା ପାଇଁ ଆଗ୍ରହ ପ୍ରକାଶ କରୁନାହାଁନ୍ତି। ବିଭିନ୍ନ ଯୋଜନାରେ ସରକାର କୋଟି କୋଟି ଟଙ୍କା ବିକଶିତ ଗାଁ ବିକଶିତ ଓଡ଼ିଶା ମାଧ୍ୟମରେ ଖର୍ଚ୍ଚ କରୁଛନ୍ତି । ଏହି ଶୀତଳ ଭଣ୍ଡାରକୁ ଯଦି ଏହିଭଳି ବିକାଶ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ଏଥି ପ୍ରତି ଧ୍ୟାନ ଦିଆ ଯାଇ ପାରନ୍ତା ତେବେ ଚାଷୀ କୂଳ ଉପକୃତ ହୋଇ ପାରନ୍ତେ ।

# ବାଲିଆପାଳରେ ଜିଲ୍ଲା ସ୍ତରୀୟ ବିଜ୍ଞାନମେଳା: ଜିଲ୍ଲାରୁ ୧୨ ଛାତ୍ରଛାତ୍ରୀ ରାଜ୍ୟ ସ୍ତରକୁ ଉନ୍ନୀତ

ବାଲିଆପାଳ , ୧୦/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିନରେ ଥିବା ବାଲିଆପାଳ ଶିଶୁ ମନ୍ଦିର ପରିସରରେ ଜିଲ୍ଲା ସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି । ଏହି ବିଜ୍ଞାନ ମେଳାରେ ବାଲେଶ୍ୱର ଜିଲ୍ଲାର ଶିକ୍ଷା ବିକାଶ ସଂସ୍ଥାନ ଅଧିନରେ ଥିବା ୧୮ ଟି ବିଦ୍ୟାଳୟରୁ ୧୩୫ ଜଣ ଛାତ୍ରୀ ଛାତ୍ର ୧୩୫ଟି ପ୍ରକଳ୍ପରେ ଅଂଶ ଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନର ରାଜ୍ୟ ସଂଯୋଜକ ଗୈରାଙ୍ଗ କୁମାର ବିଶ୍ୱାଳ, ବାଲେଶ୍ୱର ଜିଲ୍ଲା ସଂଯୋଜକ ଦିପ୍ତିକାନ୍ତ ପାଢ଼ୀ, ରବିନାରାୟଣ ପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଛାତ୍ର ଛାତ୍ରୀ ମାନଙ୍କର ଶ୍ରେଣୀ ଅନୁଯାୟୀ ପ୍ରଥମ ଓ ଦ୍ୱିତୀୟକୁ ଉପ ଶିଶୁ ବର୍ଗ, ତୃତୀୟ ଓ ଚତୁର୍ଥକୁ ଶିଶୁ ବର୍ଗ,ପଞ୍ଚମ, ଷଷ୍ଠ ଓ ସପ୍ତମକୁ ବାଲ ବର୍ଗ, ଅଷ୍ଟମ,ନବମ, ଦଶମକୁ କିଶୋର



ବର୍ଗରେ ବିଭକ୍ତ କରାଯାଇଥିଲା। ଉପଶିଶୁବର୍ଗରୁ ପ୍ରଥମ ଆର୍ଯ୍ୟସ୍ମିତା ଜେନା , ଦ୍ୱିତୀୟ ସ୍ମୃତି ପ୍ରଭା ପ୍ରମାଣିକ, ତୃତୀୟ ଏସ ଏସ ତ୍ରୀଶା ବ୍ରହ୍ମା, ଶିଶୁ ବର୍ଗରୁ ଶିଶୁ ପ୍ରଥମ ଆମ୍ବାନ ପଣ୍ଡା, ଦ୍ୱିତୀୟ ଦେବାଂଶ ବେହେରା, ତୃତୀୟ ପ୍ରତିମା ନନ୍ଦ,ବାଲବର୍ଗରୁ ପ୍ରଥମ ସ୍ୱୟଂ ସମ୍ପୂର୍ଣ୍ଣ ବେହେରା, ଦ୍ୱିତୀୟ ଇପ୍ସିତା ଭୂୟାଁ,ତୃତୀୟ ଅଭିଲିପସା ଦାସ, କିଶୋର ବର୍ଗ ମଧ୍ୟରୁ ପ୍ରଥମ ରଶ୍ମିତା ପ୍ରଧାନ, ଦ୍ୱିତୀୟ ସାଇ ଆର୍ଯ୍ୟଜିତ୍ ପରିଡା, ତୃତୀୟ ସୁବର୍ଣ୍ଣ ସେତୁ ଗୋଛୟତ ସ୍ଥାନ ଅଧିକାର କରିଛନ୍ତି । ବାଲିଆପାଳ ବ୍ଲକରେ ଥିବା ବିଭିନ୍ନ ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ପବିତ୍ର ପଣ୍ଡା,ପୁଷ୍ପକ ଜେନା,ଡ। ଚିନ୍ମୟ କୁମାର ନନ୍ଦି ,ପ୍ରଦୀପ ପଣ୍ଡା, ଜଗବନ୍ଧୁ ଜେନା,ଅମିତ କୁମାର ନାୟକ, ପତିତପାବନ ପ୍ରଧାନ, ଜଗନ୍ନାଥ ଭଞ୍ଜ, ପବନ କୁମାର ଦେ, ପରମାନନ୍ଦ ସାହୁ,ବିଜୟ କୁମାର ବାରିକ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇ ଛାତ୍ର ଛାତ୍ରୀଙ୍କ ଦକ୍ଷତା ପରିମାପ କରି ଉପରୋକ୍ତ ପ୍ରଥମ, ଦିତୀୟ ଓ ତୃତୀୟ ସ୍ଥାନ ନିରୂପଣ କରିଥିଲେ। ଚାରି ବିଭାଗରୁ ୧୨ ଜଣ ଛାତ୍ରଛାତ୍ରୀ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ସରସ୍ୱତୀ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟା ସନ୍ଧ୍ୟାରାଣୀ ଜେନା କହିଛନ୍ତି। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ବିଜ୍ଞାନ ବିଭାଗର ପ୍ରମୁଖ ପୁଲିନ କୁମାର ନନ୍ଦି, ରିଲିଜ୍ ଖାନ୍ ଏବଂ ସମସ୍ତ ଗୁରୁଜୀ ଗୁରୁମା ସହୋଯୋଗ କରିଥିଲେ।

# ଶିଳ୍ପ ସଚେତନତା ତଥା ଉଦ୍ୟୋଗୀ ସଂବେଦୀକରଣ ଶିବିର

ଜଳେଶ୍ୱର, ୧୦/୧୧ (ନି.ପ୍ର): ଜଳେଶ୍ୱର ମ୍ୟୁନିସିପାଲିଟି ଅଧିନସ୍ଥ ଦିଗମ୍ବରୀଦେବୀ ଶିକ୍ଷାନୁଷ୍ଠାନ ସମୂହ ,ସାଇ କ୍ରୀଷ୍ଣା ନସିଙ୍ଗ କଲେଜ, ସାଇ ସାରଳା ଫାର୍ମାସୀ କଲେଜ,ଜଳେଶ୍ୱର ପରିସରରେ ଶିଳ୍ପ ସଚେତନତା ତଥା ଉଦ୍ୟୋଗୀ ସଂବେଦି କରଣ ଶିବିର ଅନୁଷ୍ଠିତ ।ଅନୁଷ୍ଠାନର ପ୍ରାଣ ପ୍ରତିଷ୍ଠାତା ଶିକ୍ଷାବିତ୍ ଡଃ ଅଜିତ କୁମାର ମହାନ୍ତି ଙ୍କ ସଭାପତିତ୍ୱ ରେ ବାଲେଶ୍ୱର ଜିଲ୍ଲା ଶିଳ୍ପ କେନ୍ଦ୍ର ପ୍ରୟୋଜକ ଶିଳ୍ପ ନିର୍ଦ୍ଦେଶାଳୟ,କଟକ ତଥା ଅଣୁ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ ବିଭାଗ ଓଡ଼ିଶା ସରକାର ଦ୍ୱାରା ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ସଚେତନତା ଶିବିର ର ଉଦଘାଟକ ତଥା ମୁଖ୍ୟ ଅତିଥି ବାଲେଶ୍ୱର ଜିଲ୍ଲା ଶିଳ୍ପ କେନ୍ଦ୍ର ( ଡି ଆଇ ସି)ର ଜେନେରାଲ ମ୍ୟାନେଜର ସମ୍ମାନୀଷଦ ଶ୍ରୀ ଯୁକ୍ତ ସୂର୍ଯ୍ୟ କାନ୍ତ ବେହେରା, ମୁଖ୍ୟ ବକ୍ତା ଭାବରେ ଏ ଆଇ ଅଫିସର ଜଳେଶ୍ୱର ବ୍ଲକ ଶ୍ରୀ ଯୁକ୍ତ ଅୟୋଜ କୁମାର ମହାନ୍ତ । ଆଇ ଟି ଆଇ ର ଅଧକ୍ଷ ପ୍ରକାଶ କୁମାର ଦିନ୍ଦା, ପ୍ରଶିକ୍ଷକ ମାନସ କୁମାର ମାଇତି, ଗୌର ଗୋପାଳ ପରିଡା,ଅଧାପକ ସ୍ୱରାଜ ଜେନା, ଶିକ୍ଷୟିତ୍ରୀ ସ୍ୱପ୍ନା ସେନାପତି ,ପ୍ରଭୃତି ବକ୍ତବ୍ୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ୧୦୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଶିବିରରେ ଯୋଗ ଦାନ କରିଥିଲେ। ମୁଖ୍ୟ ଅତିଥି ଜେନେରାଲ ମ୍ୟାନେଜର (ଡି ଆଇ ସି) ର ଶ୍ରୀ ଯୁକ୍ତ ସୂର୍ଯ୍ୟ କାନ୍ତ ବେହେରା ଓ ଏ ଆଇ ଓ ଶ୍ରୀ ଯୁକ୍ତ ଅୟୋଜ କୁମାର ମହାନ୍ତ ଙ୍କୁ ଅନୁଷ୍ଠାନ ର ମୁଖ୍ୟ ଡଃ ଅଜିତ କୁମାର ମହାନ୍ତି ଙ୍କ ଦ୍ୱାରା ଅନୁଷ୍ଠାନ ପକ୍ଷରୁ ପ୍ରଭୁ ଜଗନ୍ନାଥଙ୍କ ଫଟୋ ଚିତ୍ର ମୋମେଣ୍ଟୋ 'ସ୍ମୃତି ର ନିଦର୍ଶନ' ଫୁଲ ତୋଡା ସହ ସମ୍ବର୍ଦ୍ଧନା କରାଯାଇଥିଲା ।ଡକ୍ଟର ଅଭିଶ୍ୱେତା ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida